

**ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ**

▸କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-323 • FRIDAY • 22 MAY 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୩୨୩ • ଶୁକ୍ରବାର • ୨୨ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦



ADYANTIANS
Maintaining the Tradition of Excellence in CHSE
Congratulations ! Well Done !! We are proud of You !!!

ADYANT HIGHER SECONDARY SCHOOL
(A Division of Adyant Educational & Charitable Trust)
In Association With
Aakash
Medical | IIT-JEE | Foundations
(Divisions of Aakash Educational Services Ltd.)

1 SCORE 598/600 SANJANA MOHANTA Roll No. 395MA281

SCORE 595 PRATIK NAIK Roll No. 395MA058
SCORE 591 PRAJNA PARAMITA THATOI Roll No. 395MA002
SCORE 589 PAYAL SRICHANDAN RAY Roll No. 395MA009
SCORE 589 ANWESHA P. MOHANTA Roll No. 395MA079

SCORE 589 S. ITISHREE PRUSTY Roll No. 395MA091
SCORE 588 ASUTOSH SAHOO Roll No. 395MA019
SCORE 587 NAYAN R. MAHARANA Roll No. 395MA015
SCORE 587 PIYUSH DOGRA Roll No. 395MA020
SCORE 587 BRINDA N. SAHU Roll No. 395MA031
SCORE 586 AYESHA PRADHAN Roll No. 395MA012

SCORE 586 SATYAPRAKASH MOHANTY Roll No. 395MA035
SCORE 586 SAIJEET BEHERA Roll No. 3395MA092
SCORE 585 SUNITA BEHERA Roll No. 3395MA027
SCORE 585 JYOTI RANJAN NAYAK Roll No. 395MA028
SCORE 585 DIBYASHA BHOI Roll No. 395MA109
SCORE 584 ABHINABH PANDA Roll No. 395MA006
SCORE 584 LOPAMUDRA SAHOO Roll No. 395MA024
SCORE 584 BISWARUPA PATI Roll No. 395MA094
SCORE 584 SOUMYAJIT SAHOO Roll No. 395MA143
SCORE 583 RAJANANDINI TRIPATHY Roll No. 395MA025
SCORE 583 SMITA PRIYADARSHINI ROUT Roll No. 395MA020

SCORE 583 SWARUPA PATRA Roll No. 395MA051
SCORE 582 TANISHA SWAIN Roll No. 395MA145
SCORE 581 PRATIKSHYA NANDA Roll No. 395MA030
SCORE 580 KAJAL BISWAL Roll No. 395MA014
SCORE 580 JIGYANSA MOHANTY Roll No. 395MA021
SCORE 579 JANVI BHUMIKA JENA Roll No. 395MA022
SCORE 579 SUBHAM SUBHRANSU NANDA Roll No. 395MA036
SCORE 579 ADYASHA MOHANTY Roll No. 395MA078
SCORE 578 SAYAN MUKHI Roll No. 395MA003
SCORE 578 RITIKA PRIYADARSHINI Roll No. 395MA120
SCORE 577 PRATYASHA P. SAHOO Roll No. 395MA032

SCORE 575 SOUVEEK RANJAN MOHAPATRA Roll No. 395MA043
SCORE 575 DIBYAJYOTI SATHUA Roll No. 395MA112
SCORE 575 SOHAM PRASAD PATRA Roll No. 395MA283
SCORE 574 SHAKTI RANJAN BISWAL Roll No. 395MA288
SCORE 573 SUKANYA NAYAK Roll No. 395MA001
SCORE 573 SMRUTI RANJAN SAHOO Roll No. 395MA004
SCORE 573 ARINDAM NAYAK Roll No. 395MA077
SCORE 572 ASISH KUMAR TRIPATHY Roll No. 395MA007
SCORE 569 BHAGYASHREE SAHU Roll No. 395MA017
SCORE 569 ANKITA DAS Roll No. 395MA041
SCORE 569 ADITYA PRAKASH NAIK Roll No. 395MA101

SCORE 568 ANANYA MISHRA Roll No. 395MA049
SCORE 567 PRAVURAM JENA Roll No. 395MA034
SCORE 566 SMRUTI RANJAN BARIK Roll No. 395MA055
SCORE 565 DIBYAJYOTI SAHOO Roll No. 395MA008
SCORE 565 AYUSH KUMAR SAHOO Roll No. 395MA080
SCORE 563 SHITANSHU MISHRA Roll No. 395MA029
SCORE 563 RUPALI RUPANITA SAHOO Roll No. 395MA126
SCORE 562 PRAGYASINI NAIK Roll No. 395MA059
SCORE 562 DEBANGA DEBAJEET BAHAL Roll No. 395MA093
SCORE 562 SOFIYA KULDIP Roll No. 395MA099
SCORE 559 ANSHUMAN PANDA Roll No. 395MA071

...and many more

We Don't Just Nurture Toppers, We Build Toppers

78% ADYANTIANS Secured Higher Marks in Class-12 than Class-10

Dibyasha Bhoi — Class X 81.6% / Class XII 97.5%
Soumyajit Sahoo — Class X 78.6% / Class XII 97.3%
Tanisha Swain — Class X 78.6% / Class XII 97%
Ritika Priyadarshini — Class X 80.8% / Class XII 96.3%
Avipsha Patel — Class X 53.2% / Class XII 81.3%
Ajit Das — Class X 56.1% / Class XII 80.5%
Smruti S. Mallick — Class X 56.4% / Class XII 80%
Anuska Thakur — Class X 58% / Class XII 81.6%

e-Admission in +2 Science for the Session 2025-26
For Admission Apply through Student Academic Management System (SAMS Online) as per Govt. Notification

ADYANT HIGHER SECONDARY SCHOOL
(A Division of Adyant Educational & Charitable Trust)

RESULT SUMMARY
41 Students Above 95% Marks
90 Students Above 90% Marks
148 Students Above 85% Marks
193 Students Above 80% Marks
239 Students Above 75% Marks
270 Students Above 70% Marks
1st DIVISION 98% Students

- AC & Digital Classrooms
- Guided Study Programme
- Daily Doubt Clearing Classes
- Vocal, Dance, Guitar, Keyboard, Drum Classes
- Outdoor & Indoor Gymnasium
- Outdoor & Indoor Auditorium
- 24 X 7 CCTC Surveillance And Security
- 24 X 7 Ambulance & Health Facilities
- Separate Hostels for Boys & Girls
- Separate Cafeteria fo Boys & Girls
- Separate Playgrounds for Boys & Girls
- Transport Facility

Campus : Bhatakhuri, Gangapada, Janla, Bhubaneswar-752054, Mobile : 7008004000 / 9337155224 / 8093247159

www.adyanthighersecondaryschool.org | www.facebook.com/adyant.school | www.instagram.com/adyant.school | @ adyant_school | college@adyant.org



ଚୀନ ରୋବଟ୍ ସେନାଙ୍କ ଚମତ୍କାର
ଏକ ୩୮ ମାସରେ ନିର୍ମାଣ କଲେ ବିଶ୍ୱର ସର୍ବବୃହତ୍ତ ରେଲଷ୍ଟେସନ

▶ଦେଶ ବିଦେଶ ପୃଷ୍ଠାରେ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଜାତୀୟ ରାଜନୀତିରେ 'କକ୍ରୋଚ୍' କମ୍ପନ

## ଲୋକପ୍ରିୟତାରେ ବିଜେପି, କଂଗ୍ରେସକୁ ପଛରେ ପକାଇଲା 'କକ୍ରୋଚ୍ ଜନତା ପାର୍ଟି'

## ପାର୍ଟିର ଏକ୍ସ ଆକାଉଣ୍ଟ ବ୍ଲକ କଲେ ସରକାର




■ ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶରେ ବେକାର ଯୁବକ ଯୁବତୀମାନଙ୍କୁ ଅସରପା (କକ୍ରୋଚ୍) ସହ ତୁଳନା କରିବା ପରେ ଭାରତରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟରେ ପ୍ରତିକ୍ରିୟାଶୀଳ ହୋଇ ଜଣେ ଯୁବକ ଦ୍ୱାରା କକ୍ରୋଚ୍ ଜନତା ପାର୍ଟି ନାମରେ ଏକ ଦଳ ଗଠିତ ହୋଇଛି। ବ୍ୟଙ୍ଗାତ୍ମକ ଆଭିମୁଖ୍ୟ ରଖିଥିବା 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତା ସାମାଜିକ ଗଣମାଧ୍ୟମରେ ଅସମ୍ଭବ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ବିଜେପି ଏବଂ କଂଗ୍ରେସକୁ ଅତିକ୍ରମ କରିବା ପରେ ସରକାରଙ୍କ ଅନୁରୋଧ କ୍ରମେ ଏହାର ଏକ୍ସ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଛି। ଏହାକୁ ନେଇ ଦେଶର ଯୁବପିଢ଼ିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତାରେ ଆତଙ୍କିତ ହୋଇ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ଗତ ୧୫ ତାରିଖରେ ପ୍ରଧାନ ବିଚାରପତି କକ୍ରୋଚ୍ ମନ୍ତବ୍ୟ ଦେବା ପରେ ବିଦେଶରେ ରହୁଥିବା ଅଭିଜିତ ଦୀପକେ ନାମକ ଜଣେ ଭାରତୀୟ ଯୁବକ ବ୍ୟଙ୍ଗାତ୍ମକ ଭାବେ ଅନଲାଇନରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଗଠନ କରିଥିବା ଘୋଷଣା କରିଥିଲେ। ତାଙ୍କର ଏହି ଉଦ୍ୟମ ପ୍ରତି ଏମିତି ସମର୍ଥନ ମିଳିବ ବୋଲି ସେ କେବେହେଲେ ଆଶା କରି ନ ଥିଲେ। ମାତ୍ର ପାଞ୍ଚ ଦିନ ମଧ୍ୟରେ ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ୧୬୦ ଲକ୍ଷ ଅତିକ୍ରମ କରିସାରିଲାଣି। ଅନୁଗାମୀ ସଂଖ୍ୟାରେ ଏହା କଂଗ୍ରେସ ଏବଂ ବିଜେପିକୁ ପଛରେ ପକାଇଦେଇଛି। ଇନଷ୍ଟାଗ୍ରାମରେ କଂଗ୍ରେସର ଅନୁଗାମୀ (ଫଲୋଅର) ସଂଖ୍ୟା ୧୩୦ ଲକ୍ଷ ଥିବା ବେଳେ କ୍ଷମତାସୀନ ବଜେପିର ରହିଛି ପ୍ରାୟ ୮୯ ଲକ୍ଷ। ଯୁବପିଢ଼ି ସମେତ ଅନେକ ନେତା, ସାଂସଦ, ସାମାଜିକ କର୍ମୀ ଓ ଓକିଲ ମଧ୍ୟ ଏହି କକ୍ରୋଚ୍ ପାର୍ଟିରେ ସାମିଲ ହେବାକୁ ଲାଗିଛନ୍ତି।

ତେବେ ଆଜି ଅଚାନକ ଏହାର ଏକ୍ସ ଆକାଉଣ୍ଟ ବ୍ଲକ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସକରାରଙ୍କ ଅନୁରୋଧ କ୍ରମେ ଏହାକୁ ବ୍ଲକ୍ କରାଯାଇଥିବା ଏକ୍ସ ପକ୍ଷରୁ କୁହାଯାଇଥିବା ବେଳେ କକ୍ରୋଚ୍ ପାର୍ଟିର ପ୍ରତିଷ୍ଠାତା 'କକ୍ରୋଚ୍ ଇଜ୍ ବ୍ୟାକ୍' ନାମରେ ଆଉ ଏକ ଏକ୍ସ ଆକାଉଣ୍ଟ ଖୋଲିଛନ୍ତି। ଆକାଉଣ୍ଟ ଖୋଲା ହେବାର ଏକ ଘଣ୍ଟା ମଧ୍ୟରେ ଅନୁଗାମୀ ସଂଖ୍ୟା ୨୦ ହଜାର ଅତିକ୍ରମ କରିଥିବା କୁହାଯାଉଛି। ବ୍ଲକ ହେବା ପୂର୍ବରୁ ୨ ଲକ୍ଷରୁ ଅଧିକ ଏହାର ଅନୁଗାମୀ ଥିଲେ ବୋଲି ଅଭିଜିତ୍ କହିଛନ୍ତି। ମାତ୍ର କେଇଦିନ ପୂର୍ବରୁ ଏକ ବ୍ୟଙ୍ଗାତ୍ମକ ପ୍ରତିବାଦ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନ ସାମ୍ପ୍ରତିକ ସମୟରେ ଦେଶର ଯୁବମାନସର ଅସନ୍ତୋଷର ସ୍ୱର ପାଲଟିଛି। ଦେଶରେ ବଢ଼ିଚାଲିଥିବା ବେକାରୀ ସମସ୍ୟା, ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶନରେ ଅନିୟମିତତା ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ଉପରେ ଏହି ଦଳ ପ୍ରଶ୍ନ ଉଠାଇଛି। ଗତ ସପ୍ତାହରେ ଦେଶର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଆନ୍ଦୋଳନରତ ଯୁବକମାନଙ୍କ ପ୍ରତି କରାଯାଇଥିବା ଏକ କଟୁ ମନ୍ତବ୍ୟକୁ ଆଧାର କରି ଏହି ଦଳର ନାମକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଚାରପତିଙ୍କ ସ୍ପଷ୍ଟୀକରଣ ସତ୍ତ୍ୱେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଆକ୍ରୋଶ ପ୍ରଶମିତ ହୋଇନଥିଲା। ଏହି ଦଳ ନିଜର ସଂକଳ୍ପପତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦାବି କରିଛି, ଯେଉଁଥିରେ ବିଚାରପତିମାନଙ୍କ ଅବସର ପରେ ରାଜନୈତିକ ନିଯୁକ୍ତି ଉପରେ କଟକଣା, ସଂସଦରେ ମହିଳାମାନଙ୍କ ପାଇଁ ପଚାଶ ପ୍ରତିଶତ ସଂରକ୍ଷଣ ଏବଂ ନିରପେକ୍ଷ ଓ ସ୍ୱାଧୀନ ନିର୍ବାଚନ କମିସନ ଅନ୍ତର୍ଭୁକ୍ତ। ଏହି ଅଭିଯାନ ପ୍ରତି ଦେଶର ପ୍ରତିଷ୍ଠିତ ଆଇନଜୀବୀ ଓ କେତେକ ରାଜନେତା ମଧ୍ୟ ପରୋକ୍ଷ ସମର୍ଥନ ଜଣାଇଛନ୍ତି। ▶ପୃଷ୍ଠା-୭




## ଅସମ୍ଭାଳ ଗୁଳୁଗୁଳି: ତତଲା ତାୱାରେ ସାରା ଓଡ଼ିଶା

- ରାସ୍ତାଘାଟ ଶୂନ୍‌ଶାନ୍, ସହର ଗୁମ୍‌ସୁମ୍
- ୪୦ ଡିଗ୍ରୀ ଉପରେ ୨୪ ସହର ତାପମାତ୍ରା
- ରାଜଧାନୀରେ ଏକାଥରେ ୬ ଡିଗ୍ରୀ ଚଢ଼ିଲା ପାରଦ
- ଉପକୂଳରେ ୫୦ ଡିଗ୍ରୀ ଭଳି ସ୍ଥିତି ଅନୁଭୂତ
- ୨୪ ଯାଏଁ ତାତି ଓ ଗୁଳୁଗୁଳିରୁ ନିସ୍ତାର ନାହିଁ

■ ଭୁବନେଶ୍ୱର,୨୧।୫(ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି। ବାହାରେ ତାତି ଜାଳୁଥିବା ବେଳେ ଘର ଭିତରେ ଲୋକଙ୍କୁ ସିଝାଉଛି ଗୁଳୁଗୁଳି। ଉପର ମୁହାଁ ତାପମାତ୍ରା ଓ ବାୟୁମଣ୍ଡଳରେ ଭୀଷଣ ଆର୍ଦ୍ରତା ନୟାନ୍ତ କଲାଣି। ୧୦ ସହରର ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି ଓ ସ୍ଥିତି ୫୦ ଡ଼ିଗ୍ରୀ ପରି ଅନୁଭୂତ ହେଉଛି। କଟକ ଓ ଭୁବନେଶ୍ୱରରେ ଦିନକରେ ୫ରୁ ୬ ଡ଼ିଗ୍ରୀ ତାପମାତ୍ରା ବୃଦ୍ଧି ଦ୍ୱୈତନଗରୀ ବାସିନ୍ଦାଙ୍କୁ କଲବଲ କରିଛି। ସନ୍ଧ୍ୟାରେ ଯାଜପୁର, କଟକ ସମେତ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଥିଲେ ମଧ୍ୟ ବାକି ଅଧିକାଂଶ ସ୍ଥାନରେ ପୂର୍ବବତ୍ ଗରମ ଗୁଳୁଗୁଳିର ପ୍ରଭାବ ଜାରି ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ୨୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ▶ପୃଷ୍ଠା-୭

ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି-୨୦୦୮ ରେ ସଂଶୋଧନ

# ଗ୍ରାହକଙ୍କୁ ୨୦୦ କୋଟିର ବୋଝ !



## କମ୍ପାନୀଙ୍କ ଲାଭ ବୃଦ୍ଧି ପାଇଁ ଉପଭୋକ୍ତା ଶୋଷଣ ନୀତି: ଶକ୍ତି ସମୀକ୍ଷକ

## ବାର୍ଷିକ ୧୦୦୦ ନିୟୁତ ୟୁନିଟ୍‌ରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ ଓଡ଼ିଶା

■ ଭୁବନେଶ୍ୱର,୨୧।୫(ସମିସ): ବୁଧବାର ରାଜ୍ୟ କ୍ୟାବିନେଟ ପ୍ରଚଳିତ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ରେ ଦୁଇଟି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରଥମଟି ହେଉଛି ପ୍ରଚଳିତ ନୀତିର ଧାରା ୩ ଅଧୀନରେ ଥିବା ଭବିଷ୍ୟତ ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ (ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରଡ୍ୟୁସର ବା ଆଇପିପି) ସହ ପ୍ରସ୍ତାବିତ ଏମ୍‌ଓୟୁ ଶୀର୍ଷକକୁ ସଂଶୋଧନ କରି 'ପ୍ରସ୍ତାବିତ' ଶବ୍ଦକୁ ବିଲୋପ କରାଯାଇଛି। ଏହା ପରିବର୍ତ୍ତେ 'ଭବିଷ୍ୟତ ଆଇପିପି ସହ ଏମ୍‌ଓୟୁ' ହେବ। ଦ୍ୱିତୀୟରେ ପ୍ରଚଳିତ ନୀତିର ଉପଧାରା ୩(ସସସ)କୁ ସଂଶୋଧନ କରି ଲେଖାଯାଇଛି ଯେ ବର୍ତ୍ତମାନ ଥିବା ଆଇପିପିଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪ପ୍ରତିଶତ/୧୨ ପ୍ରତିଶତ ବିଦ୍ୟୁତ୍‌କୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ, ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଦ୍ୟୁତ୍‌ର ମାତ୍ର ୫ ପ୍ରତିଶତକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥା (ଗ୍ରୀଡ୍‌କୋ)କୁ ଅଧିକାର ପ୍ରଦାନ କରାଯିବ। ତେବେ ରାଜ୍ୟ କ୍ୟାବିନେଟର ଉପରୋକ୍ତ ନିଷ୍ପତ୍ତିକୁ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।

ଶକ୍ତି ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଓଡ଼ିଶା ଏବେ ଜିନ୍ଦଲ ଇଣ୍ଡିଆ ପାୱାର ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ୱର୍କ୍ସ ଲିମିଟେଡ, ନବ ଭାରତ ଲିମିଟେଡ୍ ଓ ମା' ଦୁର୍ଗା ଥର୍ମାଲ ପାୱାର୍ ଲିମିଟେଡଡ୍ ଭଳି ୪ଟି ଆଇପିପିଠାରୁ ତାପଜ ନୀତି ଅନୁସାରେ ଗ୍ରୀଡ୍‌କୋ ବିଦ୍ୟୁତ୍ କ୍ରୟ କରୁଛି। ଗ୍ରୀଡ୍‌କୋ ୧୨ ପ୍ରତିଶତ ହିସାବରେ ସେମାନଙ୍କଠାରୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ (ଅର୍ଥାତ ▶ପୃଷ୍ଠା-୭

# ଇବୋଲା ଆତଙ୍କ; ଭାରତରେ ସତର୍କତା ଜାରି

## ଆଫ୍ରିକା ସମ୍ମିଳନୀ ସ୍ଥଗିତ



■ ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଆଫ୍ରିକାର କେତେକ ଅଂଶରେ ପ୍ରାଣଘାତୀ ଇବୋଲା ଭାଇରସର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶବ୍ୟାପୀ ସତର୍କତା ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଏହି ସ୍ୱାସ୍ଥ୍ୟ ସଂକଟକୁ ଏକ 'ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି' ଭାବେ ଘୋଷଣା କରିବା ପରେ ଭାରତ ନିଜର ପ୍ରସ୍ତୁତିକୁ ଜୋରଦାର କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ହେଲଥ୍ ସର୍ଭିସେସ୍ (ଡିଜିଏଚ୍‌ଏସ୍) ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରାମର୍ଶାବଳୀ ଜାରି କରିଛନ୍ତି। ବିଶେଷ ▶ପୃଷ୍ଠା-୭

## ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚକାଟ୍

# ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶ



- ମାସିକ ତେଲ ବ୍ୟବହାର ୧୦ ପ୍ରତିଶତ କମାଇବା ଲକ୍ଷ୍ୟ
- ଅତି ଆବଶ୍ୟକ ନ ଥିଲେ ଭର୍ଚୁଆଲ ମୋଡ୍‌ରେ ବୈଠକ
- ଆସନ୍ତା ୧ ତାରିଖରୁ ସରକାର କେବଳ ଇଭି ଯାନ କିଣିବେ
- ବସ୍ କିମ୍ବା ରେଳରେ ଯାଇ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

■ ଭୁବନେଶ୍ୱର,୨୧।୫(ସମିସ): ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍‌କେଡ୍'ର ଗାଡ଼ି ସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେ ଏକ ୮-ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଆବଶ୍ୟକତା ଥିବ, ସେ ସ୍ଥଳରେ ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ▶ପୃଷ୍ଠା-୭

# ଅଂଶୁଘାତରେ ଗଲା ୨ ଜୀବନ

■ ବେଲଗୁଣ୍ଠା / ଲହୁଣୀପଡ଼ା, ୨୧।୫ (ସମିସ): ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲ୍ଲାରେ ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଧାନପୁଞ୍ଜା ଗ୍ରାମର ଜଣେ ଚାଷୀ ଜଗନ୍ନାଥ ସ୍ୱାଇଁ(୫୫) ଆଜି ସକାଳେ ନିଜ ଜମିରେ ଖତ ପକାଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୋବରା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ପରେ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ଜଗନ୍ନାଥ ଧାନପୁଞ୍ଜାପଲ୍ଲୀର ଆଳିୟ ସମାଜର ସଭାପତି ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in



ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୧୬.୧୧.୧୯୩୧ - ୨୨.୦୫.୨୦୧୮)

imfa

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

Tel: +91 674 2611000 | Email: memoriam@imfa.in

## ଡ୍ରୋନ୍ ଆକ୍ରମଣରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା

# ରୁଷିଆରୁ ଗାଁକୁ ଫେରିଲା ଶବ

ବ୍ରହ୍ମପୁର,୨୧।୫(ସମିସ)





ରୋଜଗାର ଅନ୍ୱେଷଣରେ ସୁଦୂର ରୁଷିଆ ଯାଇଥିବା ଚିକିଟି ବ୍ଲକ ମାଧବନ୍ଧ ଗ୍ରାମର ଓଡ଼ିଆ ଯୁବକ ଏ ରାମେୟା ୟୁକ୍ରେନ୍‌ର ଡ୍ରୋନ ମାଡ଼ରେ ମୃତ୍ୟୁବରଣ କରିଥିଲେ। ପରେ ତାଙ୍କ ପରିବାରବର୍ଗ ପକ୍ଷରୁ ଶବ ଫେରାଇ ଆଣିବାକୁ ଦାବି କରାଯାଇଥିଲା। ସରକାର ଓ ପ୍ରଶାସନ ସହଯୋଗରେ ଆଜି ମଧ୍ୟାହ୍ନରେ ଭୁବନେଶ୍ୱର ଓ ସନ୍ଧ୍ୟାରେ ତାଙ୍କ ଗ୍ରାମକୁ ଶବ ଫେରିଥିବା ସୂଚନା ମିଳିଛି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ରୁଷିଆ ଦେଶର ମସ୍କୋଠାରେ ମୃତ୍ୟୁବରଣ କରିଥିବା ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି।

ଏ. ରମେୟା ହେଉଛନ୍ତି ଗଞ୍ଜାମ ଜିଲ୍ଲା ମାଧବନ୍ଧ ଗ୍ରାମର ମୂଳ ବାସିନ୍ଦା। ରୁଷିଆ ଦେଶରେ ଏକ କମ୍ପାନୀରେ ସେ କାମ କରୁଥିଲେ। ମେ' ମାସ ୧୭ ତାରିଖରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ଆକ୍ରମଣରେ ସେ ମୃତ୍ୟୁବରଣ କରିଥିଲେ। ଏହି ସମ୍ବନ୍ଧରେ ଖବର ପାଇବା ପରେ, ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ସରକାରଙ୍କ ପାଖରେ ନିବେଦନ କରିଥିଲେ। ଏହାପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ଆଜି ପଠାଇ ଦିଆଯାଇଛି।

ଆଜି ଏ. ରମେୟାଙ୍କ ମୃତ ଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ ପଣ୍ଡା ଉପସ୍ଥିତ ରହି ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ଟ୍ରେନ୍ ଧକ୍କାରେ ବୋଲେରୋ ଚୁର୍‌ମାର୍



ଛତ୍ରପୁର, ୨୧।୫ (ସମିସ): ଆର୍ଯ୍ୟପଲ୍ଲୀ ସ୍ଥିତ ଗୋପାଳପୁର ପୋର୍ଟର ସ୍ୱତନ୍ତ୍ର ରେଳ ପଥରେ ଟ୍ରେନ ଧକ୍କାରେ ବୋଲେରୋ ଚୁରମାର ହୋଇଯାଇଛି। ଅଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଟ୍ରେନ ଲାଇନରେ ମାଲ ପରିବହନ ନିମନ୍ତେ ସଂଯୋଗ ହୋଇଥିବା ରେଳ ପଥରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଏକ ବୋଲେରୋ ଚୁରମାର ହୋଇଥିବା ଦେଖିବାକୁ ମିଳିଛି। ତେବେ ଟ୍ରେନରେ ମାଲ କେଉଁଠୁ କେଉଁଠିକି ଆସିଥିଲା ସେନେଇ ଜଣା ପଡିନଥିବା ବେଳେ ବୋଲେରୋଟି କମ୍ପାନୀର ହୋଇଥିବା ଅନୁମାନ କରାଯାଉଛି। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ସୂଚନା ମିଳିପାରିନାହିଁ।

## ଦଦାବଟି ନ ଦେବାରୁ ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ



ବ୍ରହ୍ମପୁର,୨୧।୫(ସମିସ): ଦାଦାବଟି ନଦେବାରୁ ଡଲଫିନ ବସର କଣ୍ଡକ୍ଟରକୁ ଆକ୍ରମଣ ଘଟଣାରେ ବଡବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶାନ୍ତିନଗର ବିଲସାହିର ଦୀପୁନ ସାମଲ(୨୭) ବୋଲି ଥାନା ଅଧିକାରୀ ଆଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାପ୍ରକାରେ, ବେଗୁନିଆପଡ଼ା ସୁମଣ୍ଡଳ ଗ୍ରାମର ନିର୍ମଳ କୁମାର ବିଶ୍ୱାଳ 'ଡଲଫିନ୍' ନାମକ ଏକ ଘରୋଇ ବସରେ କଣ୍ଡକ୍ଟର ଭାବେ କାମ କରନ୍ତି। ଏପ୍ରିଲ ୨୫ ତାରିଖ ସନ୍ଧ୍ୟାରେ ଫାଷ୍ଟଗେଟ ନିକଟ ଡୁଡୁମା କଲୋନୀ ବସଷ୍ଟାଣ୍ଡ ଠାରେ ଅଭିଯୁକ୍ତ ଦିପୁନ ହଠାତ ପହଞ୍ଚି ନିର୍ମଳଙ୍କୁ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲା। ଟଙ୍କା ନଦେଲେ ବସ ଚଳାଇବାକୁ ଦେବନାହିଁ ବୋଲି ଧମକ ଦେଇଥିଲା। ତା' ପରଦିନ ଅର୍ଥାତ୍ ଏପ୍ରିଲ ୨୬ ତାରିଖ ସନ୍ଧ୍ୟା ପ୍ରାୟ ୪ଟା ୪୫ ବେଳେ ଦୀପୁନ ପୁଣିଥରେ ବସଷ୍ଟାଣ୍ଡକୁ ଯାଇ ନିର୍ମଳଙ୍କୁ ଜୋର ଜବରଦସ୍ତ ଟଙ୍କା ମାଗିଥିଲା। ନିର୍ମଳ ଟଙ୍କା ଦେବାକୁ ମନା କରିବାରୁ ଦୀପୁନ ଉତକ୍ଷିପ୍ତ ହୋଇ ତାଙ୍କୁ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ମୁହଁ, ମୁଣ୍ଡ ଓ ଛାତିକୁ ଗୋଇଠା ଏବଂ ବିଧା ମାରି ରକ୍ତାକ୍ତ କରିଦେଇଥିଲା। ମାଡ଼ ଏତେ ସାଂଘାତିକ ଥିଲା ଯେ ନିର୍ମଳ ସେଠାରେ ହିଁ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହାଦେଖି ନିଟରେ ଥିବା ବସ ଡ୍ରାଇଭର ଏବଂ ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତ ଦୀପୁନ ଫେରାର ହୋଇଯାଇଥିଲା। ନିର୍ମଳଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ନିର୍ମଳ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୭୬/୨୬) ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ସକାଳେ ଦୀପୁନକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଦୀପୁନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ବିଭିନ୍ନ ଥାନାରେ ୪ରୁ ଅଧିକ ମାମଲା ରହିଛି।

## ନାଳନ୍ଦା ବିଦ୍ୟା ମନ୍ଦିର ପକ୍ଷରୁ ମେଧାରତ୍ନ ଓ ଉତ୍କର୍ଷ ସମ୍ମାନ ପ୍ରଦାନ ଉତ୍ସବ

ବ୍ରହ୍ମପୁର,୨୧।୫(ସମିସ): ସ୍ଥାନୀୟ ଜୟପ୍ରକାଶ ନଗରସ୍ଥିତ ନାଳନ୍ଦା ବିଦ୍ୟା ମନ୍ଦିର ପକ୍ଷରୁ ମେଧାରତ୍ନ-୨୦୨୬ ଓ ଉତ୍କର୍ଷ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଚେୟାରମ୍ୟାନ ଭଗବାନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଟ୍ରିକ ପରୀକ୍ଷାରେ ନିଜର ଉତ୍କର୍ଷ ପ୍ରତିପାଦନ କରି ୮୦ଶତକଡ଼ାରୁ ଅଧିକ ମାର୍କ ରଖିଥିବା ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ଜରିଆରେ ସମ୍ମାନିତ କରାଯାଇଥିଲା। ଇତିମଧ୍ୟରେ ସରସ୍ୱତୀ ଶିଶୁ ମନ୍ଦିର ସୋରଡ଼ାର ସଚିନ୍ଦ୍ର ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରି ୩୦ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ନିମଖଣ୍ଡିର ଛାତ୍ରୀ ସ୍ନେହାରାଣୀ ପ୍ରଧାନ ଦ୍ୱିତୀୟ ସ୍ଥାନରେ ଅଧିକାରୀ ୨୧ହଜର ୦୦୦ ଟଙ୍କା ପୁରସ୍କାର ରାଶି ଅର୍ଜନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଶିବାନନ୍ଦ ନଗର ରଙ୍ଗେଇଲୁଣ୍ଡାର ଛାତ୍ର କାହ୍ନୁ ଚରଣ ମହାନ୍ତି, ଏସଏସଭିଏମ ଭଞ୍ଜନଗରର ଛାତ୍ର ଆନନ୍ଦ କୁମାର ସେଠୀ, ଏସଏସଭିଏମ ଗୋଷାଣୀନୁଆଗାଁର ଛାତ୍ର ନରସିଂହ ଆପଟ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରି ସ୍ଥାନ ଅଧିକାର କରି ୧୨ହଜାର, ୧୧ହଜାର ଓ ୧୦ହଜାର ଟଙ୍କା ଟଙ୍କା ପୁରସ୍କାର ରାଶି ପାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଅନୁଷ୍ଠାନର ୧୧୪ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଯୁକ୍ତ ଦୁଇ ବିଜ୍ଞାନ ଉତ୍କର୍ଷ ସମ୍ମାନ-୨୦୨୬ରେ ସମ୍ମାନିତ କରା ଯାଇଥିଲା। ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ଼ ରଖି ଉତୀର୍ଣ୍ଣ ହୋଇଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା।

## ଏମ୍‌କେସିଜିରେ ସ୍ୱଚ୍ଛତା ଶପଥପାଠ

ବ୍ରହ୍ମପୁର,୨୧।୫(ସମିସ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ସ୍ୱଚ୍ଛତା ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲ ପରିସରକୁ ସଫାସୁଥା ରଖିବାକୁ ନେଇ ଏହାସହ 'ସ୍ୱଚ୍ଛ ଏମକେସିଜି, ସୁସ୍ଥ ଏମକେସିଜି' ନାରା ଦେଇ ଜନସଚେତନତା ସୃଷ୍ଟି ପାଇଁ ଅଭିଯାନ ଆରମ୍ଭ କରାଯାଇଥିଲା। ନିଜେ ସ୍ୱଚ୍ଛତା ପ୍ରତି ସଜାଗ ରହିବି ଏବଂ ଏଥିପ୍ରତି ସମୟ ଦେବି ବୋଲି କର୍ମଚାରୀମାନେ ଶପଥ



ଗ୍ରହଣ କରିଥିଲେ। ପ୍ରତିମାସର ଏକ ନିର୍ଦ୍ଧାରିତ ତାରିଖ ଦିନର ଏକ ଘଣ୍ଟା ଶ୍ରମଦାନ କରିବି ଓ ସ୍ୱଚ୍ଛତାର ଏହି ସଂକଳ୍ପ କରିବା ସହ ପରିବେଶକୁ ଅପରିଷ୍କାର କରିବି ନାହିଁ ଏବଂ ଅନ୍ୟକୁ ଅପରିଷ୍କାର କରିବାରୁ ନିବୃତ କରାଇବି ବୋଲି ନିଷ୍ପତି କରିଥିଲେ। ସର୍ବପ୍ରଥମେ ମୁଁ ନିଜେ ଏବଂ ମୋ କାର୍ଯ୍ୟାଳୟରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିବାକୁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଲେଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ, ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶଙ୍କ ସମେତ ବହୁ ବିଭାଗର ବିଭାଗୀୟ ମୁଖ୍ୟ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

### ନ୍ୟାୟ ଓ ସୁରକ୍ଷା ପାଇଁ ରାସ୍ତାରୋକ

# ଏସ୍‌ପି ଅଫିସ ବି ଘେରିଲେ ଝାଟିପଦରବାସୀ




ବ୍ରହ୍ମପୁର,୨୧।୫(ସମିସ)

ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ଝାଟିପଦର ଗ୍ରାମର ବି. ମାଲେସୁଙ୍କ ୧୫ବର୍ଷର ପୁଅ ବି.ଜାନକୀ ରାମଙ୍କ ଗତ ୧୩ଏପ୍ରିଲରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଘଟଣାର ନ୍ୟାୟସଙ୍ଗତ ତଥା ସ୍ୱଚ୍ଛ ଏବଂ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ଝାଟିପଦର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକ କରିବା ସହ ଘେରାଉ କରିଥିଲେ। ଏହି ସନ୍ଦେହଜନକ ମୃତ୍ୟୁର ମାସକ ପରେ ମଧ ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇନାହିଁ। ଯାହା ଲୋକଙ୍କ ମନରେ ଅଶାନ୍ତି ଓ ସନ୍ଦେହ ବୃଦ୍ଧି କରିଛି। ମୃତ ବି.ଜାନକୀ ରାମଙ୍କ ପରିବାରର ଅନ୍ୟ ଏକ ଶିଶୁକୁ ସ୍ଥାନୀୟ କିଛି ବ୍ୟକ୍ତି ଜୀବନରେ ମାରିଦେବାକୁ ଧମକ ଦେଉଥିବା ନେଇ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ ଗ୍ରାମବାସୀ। ଯଥାଶୀଘ୍ର ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ କରିବା, ଏପ୍ରିଲ ୨୦୨୬ମସିହା ଏପ୍ରିଲ ୧୩ତାରିଖ ଘଟଣାର ନ୍ୟାୟସଙ୍ଗତ, ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରିବା, ମୃତକଙ୍କ ପରିବାରକୁ ଧମକ ଦେଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଜେରା କରିବା, ପୀଡ଼ିତ ପରିବାରର ବିଶେଷକରି ଶିଶୁମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରିବା ଏବଂ ଏହି ଅପରାଧିକ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ସମ୍ବଳିତ ଏକ ଅଭିଯୋଗ ପତ୍ର ବ୍ରହ୍ମପୁର ଏସପିଙ୍କୁ ପ୍ରଦାନ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ନେଇ ଏସପି ଡା ସର୍ବଣା ବିବେକ ଏମ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରିଥିଲେ ଝାଟିପଦର ଗ୍ରାମବାସୀ। ଉତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକ ଯୋଗୁଁ ଟ୍ରାଫିକ ଜାମ ହେବା ସହ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଏସପିଙ୍କ ପରାମର୍ଶ କ୍ରମେ ବି. କାମାଲୁ ଓ ତାଙ୍କର ଦୁଇପୁଅ ମିଶି ଜାନକୀଙ୍କୁ ହତ୍ୟା କରିଥିବା ମୃତକ ମା ଥାନାରେ ପୁନଃ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଚଳାଇଛି। ଏସପି ଅଫିସ ଘେରାଉ ବେଳେ ଉକ୍ତ ଗ୍ରାମର ଭଦ୍ରଲୋକ ଯୋଗେଶ ରେଡ୍ଡୀ, ହେରାମ୍ବ ରେଡ୍ଡୀ, ଗୋବିନ୍ଦ ରେଡ୍ଡୀ, କେ. ନରସିଂହା ରେଡ୍ଡୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ସ୍କାଉଟ ଗାଇଡ୍ ୟୁନିଟ୍‌କୁ ରାଜ୍ୟ ପୁରସ୍କାର



ବ୍ରହ୍ମପୁର,୨୧।୫(ସମିସ): ଭୁବନେଶ୍ୱର ସ୍ଥିତ ଲୋକ ସେବା ଭବନରେ ଗୁରୁବାର ଅନୁଷ୍ଠିତ ରାଜ୍ୟ ପୁରସ୍କାର-୨୦୨୫ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ସମ୍ମାନଜନକ ରାଜ୍ୟ ପୁରସ୍କାରରେ ପୁରସ୍କୃତ ହାସଲ କରିଛି। ରାଜ୍ୟର ସର୍ବାଧିକ ସ୍କାଉଟ ଗାଇଡ୍ ୟୁନିଟ୍ ଗଞ୍ଜାମ ଜିଲ୍ଲାର ରହିଥିବାରୁ ଶ୍ରେଷ୍ଠ ସେନସସ୍-୨୦୨୫ ଓ ଜାନୁଆରୀ ମାସରେ ପଦ୍ମନାଭପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍କାଉଟ୍ କାମ୍ପୋରିକୁ ଶ୍ରେଷ୍ଠ ମାନ୍ୟତା ମିଳିଛି। ଅନୁଷ୍ଠିତ ରାଜ୍ୟ ପୁରସ୍କାର-୨୦୨୫ କାର୍ଯ୍ୟକ୍ରମରେ ଗଞ୍ଜାମର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତି କୁମାରୀ ମହାପାତ୍ର ଓ ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡ ସମ୍ପାଦକ ଭାଗୀରଥି ସ୍ୱାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି।

## ସବୁଜ ବାହିନୀ ପକ୍ଷରୁ ମହୁମାଛି ସଂରକ୍ଷଣ ଦିବସ




ବ୍ରହ୍ମପୁର,୨୧।୫(ସମିସ): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବୁଧବାର ବିଶ୍ୱ ମହୁମାଛି ସଂରକ୍ଷଣ ଦିବସ ପାଳନ କରାଯାଇଛି। ଏ ଅବସରରେ ସୁକୁଣ୍ଡା ହଜରେ ମହୁମାଛି ସଂରକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଚାଷୀ ବିଶେଷଜ୍ଞ ଡି. ନାରାୟଣ ଯୋଗଦେଇ ପରିବେଶ ସୁରକ୍ଷା, ଜୈବ ବିବିଧତା ବୃଦ୍ଧି ଓ ପ୍ରକୃତିର ସନ୍ତୁଳନ ରକ୍ଷାରେ ମହୁମାଛିର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ମହୁମାଛି କେବଳ ମହୁ ଉତ୍ପାଦାନ କରିନଥାଏ, ବରଂ ପ୍ରଜନନ ପ୍ରକ୍ରିୟା ମାଧ୍ୟମରେ ଗଛରେ ଫଳ, ଫସଲ ଓ ପରିବେଶର ସୁସ୍ଥତା ରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ। ମହୁମାଛିର ସଂଖ୍ୟା କମିବା ଭବିଷ୍ୟତରେ ପରିବେଶ ଓ ଖାଦ୍ୟ ଶୃଙ୍ଖଳ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିପାରେ ବୋଲି ଶ୍ରୀ ନାରାୟଣ ମତ ପ୍ରକାଶ କରିଥିଲେ। ଏହି ଅବସରରେ 'ଏଡ଼ପ୍ଟ ଏ ବିଇ ବକ୍ସ' ନାମକ ଏକ ସଚେତନତା ପଦକ୍ଷେପ ମାଧ୍ୟମରେ ସାଧାରଣ ଲୋକଙ୍କୁ ନିଜ ଜନ୍ମ ଦିନ, ବିବାହ ବାର୍ଷିକ ଉତ୍ସବରେ ମହୁମାଛି ବାକ୍ସକୁ ପଷ୍ୟ ଭାବେ ଗ୍ରହଣ କରି ମହୁମାଛି ସଂରକ୍ଷଣରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା। ପୂର୍ବରୁ ସବୁଜ ବାହିନୀ ପକ୍ଷରୁ 'ଏଡ଼ପ୍ଟ ଟ୍ରି' ନାମରେ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ସାମିଲ୍ କରି ସୁକୁଣ୍ଡା ହଜରେ ତିନି ହଜାରରୁ ଅଧିକ ବୃକ୍ଷ ରୋପଣ ହେଇଥିବା ବେଳେ ବର୍ତ୍ତମାନ ପରିବେଶ ସୁରକ୍ଷା ପାଇଁ ଆଉ ଏକ ନୂତନ ପଦକ୍ଷେପ ସଂଗଠନ ପକ୍ଷରୁ ନିଆଯାଇଥିବା ବୋଲି ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। କୀଟନାଶକର ଅତ୍ୟଧିକ ବ୍ୟବହାର ବନ୍ଦ କରିବା, ଫୁଲ ଗଛ ରୋପଣ କରିବା ଓ ପ୍ରକୃତିକ ପରିବେଶ ସୃଷ୍ଟି କରିବାକୁ ଅନୁରୋଧ କରାଯାଇଥିଲା। ପରିବେଶ ସୁରକ୍ଷା ଓ ଜୀବ ବିବିଧତା ରକ୍ଷା ଦିଗରେ ସବୁଜ ବାହିନୀର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସବୁଜ ବାହିନୀର ସମ୍ପାଦକ ସାଗର ପ୍ରସାଦ ପାତ୍ର, ସ୍ୱାଧୀନ କୁମାର୍ ସାହୁ,ଅଜୟ କୁମାର ସାହୁ, ପି. ବିନୋଦ, ଏ. ପ୍ରକାଶ, ରବି ସାହାଣୀ, ସଞ୍ଜୟ ସାମାନ୍ତରାୟ, ଅନିଲ ଚୌଧୁରୀ, ବିରଜା ପ୍ରସାଦ ପାତ୍ର ଓ ବନମାଳୀ ପ୍ରଧାନ ଉପସ୍ଥିତ ଥିଲେ।

## ସମ୍ରାଟ କଲେଜ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୧।୫(ସମିସ): ଖୋଡ଼ାସିଂ ଛକରେ ଥିବା ସମ୍ରାଟ କଲେଜ ବିଦ୍ୟାର୍ଥୀଙ୍କ ଅଭୂତପୂର୍ବ ସଫଳତା ହାସଲ କରିଛି। ଚଳିତବର୍ଷ ୧୦୪ଜଣଙ୍କ ମଧ୍ୟରୁ ୭୪ ପ୍ରଥମ ଶ୍ରେଣୀ ଓ ୩୦ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଅଧକ୍ଷ ପ୍ରଫେସର ସତ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଅନୁଷ୍ଠାନ ପକ୍ଷରୁ ମେଧାବୀ



ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୃଙ୍ଖଳା ହିଁ ସଫଳତାର ମୂଳମନ୍ତ୍ର। ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ହୋଇ ପାଠ ପଢିଲେ ନିଶ୍ଚୟ ସଫଳ ହେବେ ବୋଲି ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ କହିଥିଲେ। କଲେଜର ଛାତ୍ର ନୀଳାଞ୍ଚଳ ସାହୁ ୯୪ ପ୍ରତିଶତ ମାର୍କ ରଖିଥିବା ବେଳେ ସୌମ୍ୟରଞ୍ଜନ ମହାନ୍ତି ୯୩ପ୍ରତିଶତ ଓ ମହାଲକ୍ଷ୍ମୀ ପ୍ରଧାନ ୯୦ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ଠାରୁ ଯଥେଷ୍ଟ ଅଧିକ ମାର୍କ ରଖି ପାସ୍ ହୋଇଛନ୍ତି। କେଜି ଠାରୁ ପିଜି ପର୍ଯ୍ୟନ୍ତ ପଢ଼ିବାକୁ ବ୍ୟବସ୍ଥା, ଅଭିଜ୍ଞ ଶିକ୍ଷକ ମଣ୍ଡଳୀ, ଦକ୍ଷ ପ୍ରଶାସନିକ ମଣ୍ଡଳୀ, ଶୈକ୍ଷିକ ବାତାବରଣରୁ ଛାତ୍ରଛାତ୍ରୀ ଏଠାରେ ପଢ଼ିବାକୁ ଆଗ୍ରହୀ ପ୍ରକାଶ କରୁଛତି ବୋଲି ପ୍ରଫେସର ମିଶ୍ର କହିଛନ୍ତି। ଚଳିତବର୍ଷ ପିଜି ଶ୍ରେଣୀରେ ବିଶ୍ୱବିଦ୍ୟାଳୟରେ ସମସ୍ତ ମହାବିଦ୍ୟାଳୟ ମଧ୍ୟରେ ସମ୍ରାଟ କଲେଜ ଛାତ୍ରୀ ଶର୍ମିଷ୍ଠା ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ସଫଳତା ପାଇଁ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଛାତ୍ରଛାତ୍ରୀ ଏଠାକୁ ଆସି ଅଧ୍ୟୟନ କରୁଥିବା ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ, ପ୍ରଶାସନିକ ଅଧିକାରୀ ଡ଼ ତ୍ରିନାଥ ସାହୁ, ନିର୍ଦ୍ଦେଶକ ରବୀନ୍ଦ୍ର ଦାଶଙ୍କ ସହ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲରେ ଇନ୍‌ଡୋର ସେବା ପାଇଁ ପ୍ରସ୍ତାବ

# ଉପକୃତ ହେବେ ଦୁର୍ଘଟଣାରେ ଆହତ ପଶୁ; କମିବ ମୃତ୍ୟୁ ହାର

ବ୍ରହ୍ମପୁର,୨୧।୫(ସମିସ)




ବିଭିନ୍ନ ସମୟରେ ବହୁ ସଂଗଠନ ପକ୍ଷରୁ ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲରେ ପଶୁମାନଙ୍କ ପାଇଁ ଆଧୁନିକ ଇନଡୋର ଚିକିତ୍ସା ସୁବିଧା ସ୍ଥାପନ ନେଇ ଦାବି ହୋଇଆସୁଛି। ବର୍ତ୍ତମାନ ଏହି ହସ୍ପିଟାଲରେ ବ୍ରହ୍ମପୁର ସହର ସମେତ ପାଖପାଖି ଅଞ୍ଚଳର ବହୁ ସଂଖ୍ୟକ ପଶୁପାଳକ ସେମାନଙ୍କ ପଶୁର ଚିକିତ୍ସା ଲାଗି ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲରେ ୫୦ଶଯ୍ୟା ବିଶିଷ୍ଟ ଇନଡୋର ଚିକିତ୍ସା ସୁବିଧା ଆରମ୍ଭ କରିବାକୁ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକଙ୍କୁ ପଠାଯାଇଥିବା ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଡ଼ା. ଅଞ୍ଜନ ଦାଶ ସୂଚନା ଦେଇଛନ୍ତି। ହସ୍ପିଟାଲରେ ଇନଡୋର ଚିକିତ୍ସା ଅଧିବାରୁ ବିଶେଷ କରି ଅପରେସନ ପରବର୍ତ୍ତୀ ଚିକିତ୍ସା, ସଂକ୍ରାମକ ରୋଗ, ଜରୁରୀକାଳୀନ ଆଘାତ ଓ ବିଷକ୍ରିୟା ଘଟଣାରେ ପଶୁମାନଙ୍କୁ ଚିକିତ୍ସା ଆବଶ୍ୟକ ରହୁଛି। କିନ୍ତୁ ହସ୍ପିଟାଲରେ ଏହି ସେହି ସୁବିଧା ନଥିବାରୁ ଚାଷୀ ଓ ପଶୁମାଲିକମାନେ ସେମାନଙ୍କ ପଶୁର ଘରେ ଚିକିତ୍ସା କରିବାକୁ ବାଧ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ପଶୁମୃତ୍ୟୁ ହାର ବଢୁଥିବା ଅଭିଯୋଗ ହେଉଛି। ସେହିପରି ସହରାଞ୍ଚଳରେ ପୋଷା କୁକୁର ଓ ବିଲେଇ ପାଳନ ବୃଦ୍ଧି ପାଇଥିବାରୁ ଆଧୁନିକ ପଶୁ ଚିକିତ୍ସା ସେବା ଓ ହସ୍ପିଟାଲରେ ଇନଡ଼ୋର ସୁବିଧା ପାଇଁ ଚାହିଦା ମଧ୍ୟ ବଢ଼ିଛି। ଏଥିସହ ସଡ଼କ ଦୁର୍ଘଟଣାରେ ଆହତ ହେଉଥିବା ଆବାରଜ ପଶୁମାନଙ୍କ ପାଇଁ ମଧ୍ୟ ଇନଡୋର ସେବାର ଆବଶ୍ୟକତା ରହିଛି। ପ୍ରସ୍ତାବିତ ଇନଡୋର ସୁବିଧାରେ ବଡ଼ ଓ ଛୋଟ ପଶୁ ପାଇଁ ପୃଥକ ୱାର୍ଡ, ସଂକ୍ରାମକ ରୋଗ ପାଇଁ ଆଇସୋଲେସନ ୱାର୍ଡ, ଅପରେସନ ପରବର୍ତ୍ତୀ ରିକଭରି ରୁମ୍, ପ୍ରଶାସନିକ କୋଠା, ଷ୍ଟୋର ରୁମ, ଆଇଭି ଫ୍ଲୁଇଡ୍ ଓ ମନିଟରିଂ ବ୍ୟବସ୍ଥା ସହ ଆଇସିୟୁ ସୁବିଧା ରଖିବାକୁ ପ୍ରସ୍ତାବ ରହିଛି। ଏଥି ନିମନ୍ତେ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଉଲ୍ଲେଖ ରହିଛି। ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ପଶୁମାନଙ୍କ ପାଇଁ ଇନଡୋର ଚିକିତ୍ସା ସୁବିଧା ନଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ଯଦି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରନ୍ତି। ତେବେ ପଶୁମାନଙ୍କ ପାଇଁ ଆଧୁନିକ ଇନଡୋର ଚିକିତ୍ସା ସୁବିଧା ଯୋଗାଇବା କ୍ଷେତ୍ରରେ ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲ ରାଜ୍ୟର ପ୍ରଥମ ହେବ। ଏହି ସୁବିଧା ଆରମ୍ଭ ହେଲେ ପଶୁମୃତ୍ୟୁ ହାର କମିବା ସହ ପଶୁ ସ୍ୱାସ୍ଥ୍ୟ ସେବାର ମାନ ଉନ୍ନତ ହେବ ଏବଂ ଜିଲ୍ଲାର ପଶୁପାଳନ ଭିତ୍ତିକ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି।

## ଶେଷ ହେଲା ଭଞ୍ଜନଗର ଠାକୁରାଣୀ ଯାତ୍ରା

# ବିଦାୟ ନେଲେ ମାଆ; ଲୁହରେ ଭିଜିଲା ଆଖି

ଭଞ୍ଜନଗର,୨୧।୫ (ସମିସ):

ଶେଷ ହେଲା ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା । ଦୀର୍ଘ ୨୫ ଦିନର ଯାତ୍ରା ଶେଷ କରି ଶେଷରେ ବିଦାୟ ନେଲେ ମାଆ । ଭକ୍ତଜନଙ୍କ ଆଖି ଲୁହରେ ଭିଜିଲା ଭେଟ ସ୍ଥଳ । ଲୁହଭରା ଆଖି ରେ ଭେଟ ସ୍ଥଳ ରେ ପରସ୍ପରକୁ ଦର୍ଶନ କଲେ ଗ୍ରାମ ଦେବତୀ ମାଆ ଠାକୁରାଣୀ ଓ ରାଜରାଜେଶ୍ୱରୀ ମାଆ ବ୍ୟାଘ୍ର ଦେବୀ । ବିଦାୟ ବେଳା ରେ ଭକ୍ତ ଙ୍କ ସହ କାନ୍ଦିଲେ ମା ଠାକୁରାଣୀ । ଏହି ବିଶେଷ ମୁହୂର୍ତ୍ତ କୁ ଅପେକ୍ଷା କରିଥିବା ହଜାର ହଜାର ମହିଳା ଙ୍କ ଆଖିର ଲୁହ ଆଉ ବାଧା ମାନି ନ ଥିଲା । ଆଖି ଲୁହରେ ଭିଜି ଯାଇଥିଲା ଭେଟ ସ୍ଥଳ ।

ଶେଷ ଦିନ ର ବିଦାୟୀ ଯାତ୍ରା ବେଶ ନିରାଡମ୍ବର ଥିଲା । ୩ ଦେବୀ ଗମ୍ଭୀରାରୁ ବାହାରି ପୁରା ସହର ପରିକ୍ରମା କରିଥିଲେ । ଶେଷରେ ଭେଟ ସ୍ଥଳ ରେ ପହଞ୍ଚିବା ପରେ ପୁରା ଇଲାକାକୁ ବେରିକଟ୍ କରି ସଭିଏଁ ଯେପରି ଏହି ଦୁର୍ଲଭ ଭେଟ ଦର୍ଶନ କରି ପାରିବେ ତାର ବ୍ୟବସ୍ଥା କରାଯାଇଥିଲା । ପ୍ରଥମେ ମାଆ କାଳୀ ରାଜରାଜେଶ୍ୱରୀ ମାଆ ବ୍ୟାଘ୍ର ଦେବୀ ଙ୍କୁ ଦର୍ଶନ କରିଥିଲେ । ଶେଷରେ ଗ୍ରାମ ଦେବତୀ ମାଆ ଠାକୁରାଣୀ ଙ୍କ ପଞ୍ଚ ଘଟ ରାଜ ରାଜେଶ୍ୱରୀ ମାଆ ବ୍ୟାଘ୍ର ଦେବୀ ଙ୍କ ବିମାନ ର ଚତୁର୍ପାର୍ଶ୍ୱକୁ ୩ ବେଢା ପରିକ୍ରମା କରିବା ପରେ ଉଭୟ ବ୍ୟାଘ୍ର ଦେବୀ ଓ ଠାକୁରାଣୀ ପରସ୍ପରକୁ ଦର୍ଶନ କରିଥିଲେ । ଏହି ସମୟରେ ବ୍ୟାଘ୍ର ଦେବୀଙ୍କୁ ଭାବପୂର୍ଣ୍ଣ ବିଦାୟ ଦେବା ବେଳେ ମାଆ ଠାକୁରାଣୀ ଙ୍କ ଘଟଧାରୀଙ୍କ ଆଖିର ଲୁହ ବୋଲ ମାନିନଥିଲା । ପରସ୍ପର ଠାରୁ ବିଦାୟ ନେବା ପୂର୍ବରୁ ଉଭୟ ଦେବୀ ପରସ୍ପରକୁ ଫୁଲମାଳ, ଫଗୁ ଓ ସିନ୍ଦୂର ଅର୍ପଣ କରିଥିଲେ । ପ୍ରାୟ ୫ ମିନିଟ୍ ଭାବପୂର୍ଣ୍ଣ ନେତ୍ରରେ ପରସ୍ପରକୁ ଅନାଇ ରହିବା ପରେ ଶେଷରେ ଉଭୟ ଦେବୀ ନିଜ ନିଜର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।







ଚଳିତ ବର୍ଷ ମାଆ ବ୍ୟାଘ୍ର ଦେବୀଙ୍କୁ ଭଞ୍ଜନଗରରୁ ଦୀର୍ଘ ୮ କିମି ଦୂର କୁଲାଡକୁ ଛାଡିବାକୁ ଶହ ଶହ ସଂଖ୍ୟାରେ ଭକ୍ତମାନେ ବିଳମ୍ବିତ ରାତିରେ ପାଦରେ ଚାଲି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ଶଗଡରେ ଆସି ବିମାନ ରେ ବିଦାୟ ନେଲେ ମାଆ । ଆଉ ବିଳମ୍ବିତ ରାତିରେ ସାଢେ ୩ଟାରେ ମାଆ ମନ୍ଦିରରେ ପହଞ୍ଚିବା ପରେ ଆଳତି ଲାଗି କରାଯାଇ ଦେବୀଙ୍କୁ ବିଶ୍ରାମ ଦିଆଯାଇଥିଲା ।

ସେହିପରି ଗ୍ରାମଦେବତୀ ମା ଠାକୁରାଣୀ ଙ୍କ ପଞ୍ଚ ଘଟ ନିଜ ମନ୍ଦିରକୁ ଗଲା ପରେ ମୁଖ୍ୟ ଘଟରୁ ପ୍ରଥମ ଦିନ ରୁ ଆସିଥିବା ଆଜ୍ଞାମାଳ କୁ ସର୍ବ ସମ୍ମୁଖରେ ଦାମଲା ସେବକ ବାହାର କରି ମାଆଙ୍କ ମସ୍ତକରେ ରଖିଥିଲେ । ଦୀର୍ଘ ୨୫ ଦିନ ଧରି ଘଟରେ ପୂଜିତ ଆଜ୍ଞାମାଳ ପୂର୍ବଭଳି ସତେଜ ରହିଥିବା ଦେଖି ସେଠାରେ ଉପସ୍ଥିତ ଆବାଳବୃଦ୍ଧବନିତା ମାଆଙ୍କ ଜୟ ଜୟକାର ଧ୍ୱନି ଦେଇଥିଲେ । ଏଥିସହ ଶେଷ ହେଲା ଚଳିତ ବର୍ଷର ଐତିହାସିକ ଠାକୁରାଣୀ ଯାତ୍ରା ।

ପରିଚାଳନା କମିଟି ସଦସ୍ୟଙ୍କ ସହ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଚଳିତ ବର୍ଷ ଯାତ୍ରା ନିର୍ବିଘ୍ନରେ ଶେଷ ହୋଇଥିବାରୁ ଏନେଇ ଯାତ୍ରା କମିଟି ସଭାପତି ରାଜେନ୍ଦ୍ର କୁମାର ବିଷୋୟୀ, ମୁଖ୍ୟ ଉପଦେଷ୍ଟା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ମୁଖ୍ୟ ପୁରୋଧା ତଥା ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଟ୍ରେନ୍‌ରୁ ଖସି ଶ୍ରମିକଙ୍କ ମୃତ୍ୟୁ

ପୋଲସରା,୨୧।୫(ସମିସ): ଟ୍ରେନରୁ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପୋଲସରା ଥାନା ମହୁଲପଲ୍ଲୀ ଗ୍ରାମର ସନାତନ ଗୌଡ଼(୩୪) । ସେ ଗତ ମଙ୍ଗଳବାର ସୁରତ ଯିବା ପାଇଁ ବ୍ରହ୍ମପୁର ରେଳ ଷ୍ଟେସନରୁ ଅମୃତ ଭାରତ ଏକ୍ସପ୍ରେସରେ ବାହାରିଥିଲେ । କିନ୍ତୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟସ୍ଥ ଚିପୁରପାଲ୍ଲୀ ରେଳଷ୍ଟେସନ ଠାରୁ ଅଳ୍ପ ଦୂରରେ ଅସାବଧାନତା ବଶତଃ ଟ୍ରେନରୁ ଖସିପଡ଼ିଥିଲେ । ସନାତନଙ୍କ ସହ ତାଙ୍କର କିଛି ସମ୍ପର୍କୀୟ ମଧ୍ୟ ଉକ୍ତ ଟ୍ରେନରେ ସୁରତ ଯାତ୍ରା କରୁଥିଲେ । ହେଲେ ହଠାତ ସନାତନଙ୍କୁ ଟ୍ରେନ ରେ ନଥିବା ଦେଖି ସମ୍ପର୍କୀୟ ମାନେ ଆଗ ଷ୍ଟେସନରେ ଓହ୍ଲାଇ ଖୋଜାଖୋଜି କରିଥିଲେ । ପରେ କିଛି ବିକଳ୍ପ ନପାଇ ଟ୍ରେନ ଲାଇନରେ ଚାଲିଚାଲି ଅଳ୍ପ ଦୂର ଆସିବା ପରେ ଚିପୁରପାଲ୍ଲୀ ରେଳଷ୍ଟେସନ ପାଖାପାଖି ସନାତନର କ୍ଷତାକ୍ତ ଶରୀର ପଡ଼ିଥିବା ଦେଖିବା ପରେ ଜିଆରପିକୁ ଖବର ଦେଇଥିଲେ । ପୁଲିସ ଓ ଜିଆରପି ସନାତନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ମଥୁରା ମଣ୍ଡଳ ବିଜେପି ଯୁବ ସଭାପତି ସୁରେନ୍ଦ୍ର କରଣଙ୍କ ଓ ମଧୁପଲ୍ଲୀ ଗ୍ରାମର ଅନ୍ୟ କିଛି ଯୁବଗୋଷ୍ଠୀ ସହ ଯୋଗାଯୋଗ କରି ସନାତନଙ୍କ ମୃତ ଶରୀର ଆଣିବା ପାଇଁ ଅନୁରୋଧ କରିଥିଲେ । ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ସନାତନଙ୍କ ମୃତଶରୀର ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ । ସୂଚନା ଯେ ସନାତନଙ୍କ ବାପା କବିରାଜ ଗୌଡ଼ ମଧ୍ୟ ସୁରଟରେ ଶ୍ରମିକ ଭାବେ କାମ କରୁଥିଲେ ଏବଂ କାମ କରୁଥିବା ସମୟରେ ଦୁଇ ବର୍ଷ ତଳେ ହୃଦଘାତରେ ମୃତ୍ୟୁ ବରଣ କରିଥିଲେ । ମୃତ ସନାତନ ବିବାହିତା ଏବଂ ତାଙ୍କର ଏକ ୪ ବର୍ଷର ଝିଅ ଅଛି । ସନାତନ ପରିବାର ଏବଂ ଏକମାତ୍ର ରୋଜଗାରିଆ ଥିଲେ । ସନାତନଙ୍କ ମୃତ୍ୟୁ ପରେ ସ୍ତ୍ରୀ, ମା' ଓ ୪ ବର୍ଷର ଝିଅ ଅସହାୟ ହୋଇପଡିଛନ୍ତି । ତେଣୁ ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ



ଛତ୍ରପୁର,୨୧।୫(ସମିସ): ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ସହରର ଅପର ବସଷ୍ଟାଣ୍ଡ ଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରାଦ୍ଧ ଦିବସ ପୌର ପରିଷଦର ସଭାପତି କାଳିଆ ରାଉଳଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି । ଏହି ଅବସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର୍ରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ଭାଗିରଥୀ ବେହେରା, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅଶୋକ କୁମାର ପଟ୍ଟନାୟକ, କାଳୁଚରଣ ତ୍ରିପାଠୀ, ରଘୁନାଥ ଜ୍ୟୋତି, ଶତ୍ରୁଘ୍ନ ବେହେରା, ଲିଙ୍ଗରାଜ ନାୟକ, ଗୋପୀନାଥ ନାୟକ, ଏସ. ନାରାୟଣ ସ୍ୱାମୀଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

ଦିଗପହଣ୍ଡି,୨୧।୫(ସମିସ): ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା । ପୁଞ୍ଜିକୟାଁ ଛକ ସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତିସଭାରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଧୁନିକ ଭାରତ ଗଠନର ନିର୍ମାତା ଥିଲେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ ମିଶ୍ର, ଏନଏସି ଉପାଧ୍ୟକ୍ଷା ପ୍ରତିନିଧି କେ.କୁନା, କାଉନସିଲର ସୁନୀଲ ପଣ୍ଡା, ମଣ୍ଟୁ ପାତ୍ର, କୁକ ପାଣିଗ୍ରାହୀ, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ.ଶଙ୍କର, ଶଙ୍କର ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ ।



## ଦିନ ମଜୁରିଆଙ୍କ ପୁଅ ବ୍ଲକ ଟପ୍ପର

ଧରାକୋଟ,୨୧।୫(ସମିସ): ସଦ୍ୟ ପ୍ରକାଶିତ ଯୁକ୍ତ ଦୁଇ କଳା ପରୀକ୍ଷା ଫଳରେ ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ୯୪ ପ୍ରତିଶତ ସଫଳତା ହାସଲ କରିଛନ୍ତି । ଏଠାରେ ଅଧ୍ୟୟନ ରତ ଛାତ୍ର ବିଜୟ କୁମାର ଦାସ ମୋଟ ୬୦୦ ମାର୍କରୁ ୫୪୮ ନମ୍ବର ଆଣି ଏ୧ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଏହି ବିଦ୍ୟାଳୟର ଶୁଭସ୍ମିତା ଦାସ ୫୧୦, ତେଜେଶ୍ୱର ଦାସ ୪୯୫ ନମ୍ବର ରଖି ଏହି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ପ୍ରକାଶଥାଉକି ବିଜୟଙ୍କ ବାପା ପଞ୍ଚାନନ ଦାସ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମା ବବି ଦାସ ଜଣେ ଗୃହିଣୀ ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ଅଧ୍ୟକ୍ଷ ଅକ୍ଷୟ ପଟନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ହୃଦାନନ୍ଦ ଜେନା, ବିଷ୍ଣୁ କେଶରୀ ଆଚାର୍ଯ୍ୟ, ରୁଦ୍ର ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ଶିଶିର ମହାନ୍ତି ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



## ଯୁକ୍ତଦୁଇ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

କୁକୁଡ଼ାଖଣ୍ଡି,୨୧।୫(ସମିସ): ବୁଧବାର ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶିତ ହୋଇଛି । ଚଳିତ ବର୍ଷ ପ୍ରାୟ ୮୬% ପ୍ରତିଶତ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ଏହି କ୍ରମରେ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମର ଛାତ୍ରୀ ସ୍ନେହା ସାହୁ ୪୧୯ ମାର୍କ ରଖିବା ସହ ୭୦% ପ୍ରତିଶତ ମାର୍କ ରଖି ପାସ୍ କରିଛନ୍ତି । ସେ ପ୍ରତିତୀ କୁମାରୀ ବେହେରା ଓ ଶ୍ରୀକାନ୍ତ କୁମାର ସାହୁଙ୍କ ଏକମାତ୍ର କନ୍ୟା ଅଟନ୍ତି । ଏଥିସହ ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ ରମେଶଚନ୍ଦ୍ର ସାହୁଙ୍କ ନାତୁଣୀ ଅଟନ୍ତି । ତାଙ୍କର ଏହି କୃତିତ୍ୱକୁ ନେଇ ପରିବାର ତଥା ସାଙ୍ଗସାଥୀ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଭବିଷ୍ୟତରେ ସେ ଫାର୍ମାଶିଷ୍ଟ ଭାବେ କ୍ୟାରିୟର କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ।



■ ଖେମୁଣ୍ଡି କଲେଜ ଯୁକ୍ତ ଦୁଇ ପରୀକ୍ଷା ଫଳ

## ବିଜ୍ଞାନରେ ଚନ୍ଦ୍ରକାନ୍ତ ଓ ରୁଦ୍ର ଯୁଗ୍ମ ଟପ୍ପର

ଦିଗପହଣ୍ଡି,୨୧।୫(ସମିସ): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଚନ୍ଦ୍ରକାନ୍ତ ବିଷୋୟୀ ଏବଂ ରୁଦ୍ର ପ୍ରସାଦ ସାହୁ ଯୁଗ୍ମ ଟପ୍ପର ହୋଇଛନ୍ତି । ପାସ୍ ହାର ଶତ ପ୍ରତିଶତ ରହିଥିବା ବେଳେ ଉଭୟ ୬ ଶହ ମାର୍କରୁ ରୁ ସମାନ ସଂଖ୍ୟକ ୫୫୬ ମାର୍କ ହାସଲ କରିଛନ୍ତି । ସେହିପରି କଳା ବିଭାଗରେ ୫୫୯ ମାର୍କ ରଖି ଛାତ୍ରୀ ଚିନ୍ମୟୀ ସ୍ୱାଇଁ କଲେଜ ଟପ୍ପର ହୋଇଛନ୍ତି । ବିଜ୍ଞାନରେ୨୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ୧୮୮ ଜଣ ପ୍ରଥମ, ୪୧ ଜଣ ଦ୍ୱିତୀୟ, ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି କଳାରେ ୨୭୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦୩, ଦ୍ୱିତୀୟ ଶ୍ରେଣୀରେ ୭୩ ଏବଂ ତୃତୀୟ ଶ୍ରେଣୀରେ ୫୧ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଏଭଳି ଅପୂର୍ବ ସଫଳତା ପାଇଁ ଅଧ୍ୟକ୍ଷ ଡ଼. ଅସିତ କୁମାର ଷଡଙ୍ଗୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ପ୍ରଗତି ଏକାଡେମୀ ଓ ସାଇ ଟ୍ୟୁଟରିଆଲ କର୍ତ୍ତୃପକ୍ଷ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଛନ୍ତି ।





## ପ୍ରତିଭା କୁମାରୀ ବୁଗୁଡ଼ା ବ୍ଲକ୍ ଟପ୍ପର

ବୁଗୁଡ଼ା,୨୧।୫(ସମିସ): ସ୍ଥାନୀୟ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରତିଭା କୁମାରୀ ନାୟକ ସର୍ବାଧିକ ୫୩୭(୮୯.୫%) ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଛନ୍ତି । ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଅବସ୍ଥିତ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳାରେ ପରୀକ୍ଷା ଦେଇଥିବା ମୋଟ ୧୧୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୨୧ ଜଣ ପାସ୍ ଏବଂ ୧୨୮ ଜଣ ଫେଲ୍ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୨୩୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩୬ ଜଣ ଓ ତୃତୀୟ ଶ୍ରେଣୀରେ ୫୪୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଧଳା ଜହର ସହ ବାଇକ୍ ଜବତ; ଜଣେ ଗିରଫ


ବୁଗୁଡ଼ା,୨୧।୫(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର କଣିଆପଲ୍ଲୀ ଛକରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସକାଳେ ଚଢ଼ଉ କରାଯାଇ ଧଳା ଜହର କାରବାର ସହ ସମ୍ପୃକ୍ତ ଜନୈକ ଯୁବକକୁ କାବୁକରି ତା'ଠାରୁ ୨୦ ଲକ୍ଷ ଟଙ୍କା ମୂଲ୍ୟର ୨୦୦ ଗ୍ରାମ ହେରୋଇନ୍ ସହିତ ବ୍ୟବହୃତ ଏକ ବାଇକ୍ (ନଂ - ଓଡି ୦୭ ଏକ୍ସ ୭୮୭୫) କୁ ଜବତ କରାଯାଇଛି । ଗିରଫ ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ତୁଙ୍କାପଡା ଗ୍ରାମର ଅକ୍ଷୟ ଜେନା (୩୮)ଓରଫ୍ ଅଚ୍ୟୁତାନନ୍ଦ ଜେନା । ଏନେଇ ବୁଗୁଡା ଅବକାରୀ ଥାନାରେ କେସ୍ ନଂ୩୨/୨୦୨୬-୨୭ ଏକ ମାମଲା ରୁଜୁ ସହ ଅଭିଯୁକ୍ତକୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିବା ଆଇଆଇସି ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ଚଢ଼ଉରେ ଭଞ୍ଜନଗର ଅବକାରୀ ଇନିସପେକ୍ଟର ପ୍ରଦୀପ କୁମାର ମହାନ୍ତି, ବୁଗୁଡ଼ା ଅବକାରୀ ଓଆଇସି ଜ୍ୟୋତି ରଞ୍ଜନ ସେନାପତି, ଏଏସଆଇ ବହୁମୂଲ୍ୟ ପରିଚ୍ଛା, କନଷ୍ଟେବଲ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ, କାମନା କୁମାର ବେହେରା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, ହୋମଗାର୍ଡ ଲକ୍ଷ୍ମୀ ନାୟକ ଓ ସରସ୍ୱତୀ ଦଳବର ପ୍ରମୁଖ ସାମିଲ ଥିଲେ ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

# ବାଲ୍ୟ ବିବାହ ବନ୍ଦ ପାଇଁ କାର୍ଯ୍ୟ ଖସଡ଼ା ଉନ୍ମୋଚିତ

ଛତ୍ରପୁର,୨୧।୫(ସମିସ):

କିଶୋରୀମାନେ ପରିବାରର ବୋଝ ନୁହନ୍ତି । ସେମାନେ ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ । ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା-ସୁଯୋଗ ତା'ସହିତ ସୁରକ୍ଷା ଓ ସମ୍ମାନ ଯୋଗାଇଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ନିରନ୍ତର ସାମୂହିକ ପ୍ରୟାସ ଯୋଗୁଁ ବାଲ୍ୟ ବିବାହ ରୋକିବାରେ ଗଞ୍ଜାମ ଜିଲ୍ଲା ବିଶେଷ ସଫଳତା ହାସଲ କରିପାରିଛି । ଏବେ ଜିଲ୍ଲାରୁ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ପରାହତ କରିବାର ସମୟ ଆସିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିବା ସହିତ କିଶୋରୀ ଓ କିଶୋର ଉଭୟଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଆଦି ସମସ୍ତ କ୍ଷେତ୍ରରେ ସମାନ ଦୃଷ୍ଟିରେ ଦେଖିବା ପାଇଁ ଜିଲ୍ଲାବାସୀଙ୍କୁ ସେ ଅନୁରୋଧ କରିଛନ୍ତି । ବୈଷୟିକ ଜ୍ଞାନକୌଶଳର ସହାୟତା ନେଇ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ୩୬୦ ଆପକୁ ଆରମ୍ଭ କରାଯାଇଛି । ଏବେ ଏହି ଆପରେ ଏକ ଜରୁରୀକାଳୀନ ବଟମ/ ବ୍ୟବସ୍ଥା ରହିବ ତାକୁ ବ୍ୟବହାର କରି ଲୋକମାନେ ନିଜ ପରିଚୟ ଗୁପ୍ତ ରଖି ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେଇପାରିବେ । ଏହି ସୁବିଧାକୁ ଆଗାମୀ ୧୫ଦିନ ମଧ୍ୟରେ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୈଳାଶ ଚନ୍ଦ୍ର ବୁଗୁଡ଼ା, ୟୁନିସେଫର ରାଜ୍ୟ ପରାମର୍ଶଦାତା ଘାସିରାମ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସୋରେନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ମାନଙ୍କ ସାମ୍ବିଧାନିକ ଅଧିକାର, ସରକାରୀ ଯୋଜନାର ସୁବିଧା ସୁଯୋଗ , ୧୦୯୮/୧୮୧ ଟୋଲ ଫ୍ରି ନମ୍ବରର ବ୍ୟବହାର, ସାଇବର ସୁରକ୍ଷା ଆଦି ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓ, ଏନଜିଓର କର୍ମକର୍ତ୍ତା, ଶିଶୁ ମଙ୍ଗଳ ସମିତି, ଡି.ଏଚ୍.ଇ.ଡବ୍ଲ୍ୟୁ. ର କର୍ମକର୍ତ୍ତା ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ୟୁନିସେଫର ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।




SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି (ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି ।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯନ୍: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**


ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ
THE SAKALA

# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ।
-ଆବ୍ରାହାମ୍ ଲିଙ୍କନ୍

## ତଥ୍ୟ ଉତ୍ତରାଧିକାର

ସୁନା, ୟୁରାନିୟମ୍, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟ(ଡାଟା)ର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୁଗରେ 'ତଥ୍ୟ' ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ 'ତଥ୍ୟ'ର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି 'ତଥ୍ୟ'କୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି?

ଏଭଳି ଏକ କୌତୂହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତର କାଠଗଡ଼ା ଭିତରକୁ ଆସିଛି। ଗୁଜରାଟର ଗାନ୍ଧୀନଗର ଦୌରା ଜଜ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ୍‌ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ୍ ଓ ଆଇକ୍ଲାଉଡ୍‌କୁ ଖୋଲିବା ପାଇଁ ପରିବାର ଲୋକେ ଆଇଫୋନ୍ ନିର୍ମାତା ଆପଲ୍ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସ୍‌ୱାର୍ଡ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ୍ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ୍ ସକ୍‌ସେସନ୍ ଆକ୍ଟ-୧୯୨୫ ଆଧାରରେ ଫୋନ୍‌ରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର ବୋଲି ଦାବି କଲେ।

ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ(ଜେନେରାଲ୍ କ୍ଲଜ୍ ଆକ୍ଟ) ଡିଜିଟାଲ୍ ତଥ୍ୟ ମଧ୍ୟ ସଚଳ ବା ଅସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନ୍‌ଏଫ୍‌ଟିକୁ 'ଡିଜିଟାଲ୍ ଆସେଟ୍' ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷର ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ୍ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି, ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କର ସନ୍ତୁଳନ ବିଗିଡ଼ିଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରଣୋତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନ୍‌ରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ୍ ବାଧ୍ୟ ହୋଇଛି।

ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ(ଫେଡେରାଲ୍ କୋର୍ଟ ଅଫ୍ ଜଷ୍ଟିସ୍ ଅଫ୍ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ୧୫ ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସ୍‌ବୁକ୍ ଆକାଉଣ୍ଟର ପାସ୍‌ୱାର୍ଡ ଦେବାକୁ ଫେସ୍‌ବୁକ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସ୍‌ବୁକ୍ ଏହକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତି ଅଦାତଲର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ୍ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ 'ଜେନେରାଲ୍ ଡାଟା ପ୍ରୋଟେକସନ୍ ରେଗୁଲେସନ୍' ଅନୁଯାୟୀ 'ତୃତୀୟପକ୍ଷ'ଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି, କିନ୍ତୁ ପରିବାର ଲୋକେ 'ତୃତୀୟପକ୍ଷ' ନୁହନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ; କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର। ଏହାପରେ ଫେସ୍‌ବୁକ୍ ମୃତକଙ୍କ ପାସୱାର୍ଡ ତାଙ୍କ ପିତାମାତାଙ୍କୁ ଦେଇଥିଲା।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩'ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ୍ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ(ନୋମିନି) କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ୍ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସ୍‌ୱାଡ୍ ଆଦିକୁ ଡିକୋଡ୍ କରିବାରେ ନୋମିନିଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କ'ଣ କରାଯିବ ସେ ବିଷୟରେ ଆଇନ୍ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଇଣ୍ଟରନେଟ୍‌ର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ୍ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ୍ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜ୍‌ର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ୍ ଡକ୍ୟୁମେଣ୍ଟ(କମ୍ପ୍ୟୁଟରୀ କୃତ ତଥ୍ୟ ଓ ସୂଚନା)ର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଳାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ। ●

## ରାଜ୍ୟପାଳଙ୍କ କ୍ଷମତା ଓ ନ୍ୟାୟିକ ତର୍ଜମା

**ସୌଭାଗ୍ୟ ସୁନ୍ଦରରାୟ**

ତାମିଲନାଡୁରେ ନୂଆ ଦଳ ଟିଭିକେ ସରକାର ଗଠନ କରିଛି। ବିଧାନସଭା ନିର୍ବାଚନରେ ମୋଟ ୨୩୪ଟି ଆସନ ମଧ୍ୟରୁ ଟିଭିକେ ୧୦୮ଟି ଆସନରେ ବିଜୟ ଲାଭ କରି ଅନ୍ୟାନ୍ୟ ଦଳଠାରୁ ବହୁ ଆଗରେ ରହି ଏକକ ସଂଖ୍ୟା ଗରିଷ୍ଠତା ହାସଲ କଲା। ଡିଏମକେ ୫୯, ଏଆଇଏଡିଏମକେ ୪୭, କଂଗ୍ରେସ ୫, ପିଏମକେ ୪, ଆଇୟୁଏମଏଲ ଓ ସିପିଆଇ ୨ଟି ଲେଖାଁଏ ଆସନରେ ବିଜୟୀ ହେଲେ। କିନ୍ତୁ ରାଜ୍ୟପାଳ ଟିଭିକେକୁ ୨ ଥର ସରକାର ଗଠନରୁ ବଞ୍ଚିତ କଲେ। ଅନ୍ୟ କୌଣସି ଦଳ ସରକାର ଗଠନ ପାଇଁ ଦାବି ଜଣାଇନଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ କ'ଣ ପାଇଁ ଦୁଇଦୁଇ ଥର ଟିଭିକେର ଦାବି ପ୍ରତ୍ୟାଖାନ କଲେ? ଯେଉଁଦଳ ସରକାର ଗଠନ ପାଇଁ ଦାବି କରେ ସଂପୃକ୍ତ ଦଳକୁ ରାଜ୍ୟପାଳ ସୁଯୋଗ ଦେଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ବିଧାନସଭାରେ ନେବାର ବିଧିବ୍ୟବସ୍ଥା ଓ ଉଦାହରଣ ରହିଛି। କିନ୍ତୁ ବିଧାନସଭା ବାହାରେ ସଂଖ୍ୟା ଗରିଷ୍ଠତା, ଅର୍ଥାତ ୧୧୮ ବିଧାୟକଙ୍କ ସମର୍ଥନ ପାଇଁ ଅଡ଼ି ବସିବା ତାମିଲନାଡୁ ରାଜ୍ୟପାଳଙ୍କ ପକ୍ଷେ ଉଚିତ୍ ହୋଇନଥିବା ଅନୁଭବ କରାଯାଉଛି। ଦେଖାଯାଉଛି ବିଭିନ୍ନ ସମୟରେ ରାଜ୍ୟପାଳଗଣ ନିଜ ସାମ୍ବିଧାନିକ କ୍ଷମତା ବାହାରକୁ ଯାଇ କାର୍ଯ୍ୟ କରୁଛନ୍ତି। ଫଳରେ ମାମଲା ଆଇନ ଅଦାଲତ ପର୍ଯ୍ୟନ୍ତ ଯାଉଛି। ବିଲ ଅନୁମୋଦନ ହେଉ ବା ମନ୍ତ୍ରିମଣ୍ଡଳ ଗଠନ ହେଉ ରାଜ୍ୟପାଳଗଣ ଇଚ୍ଛାଧୀନ କ୍ଷମତାର ମାତ୍ରାଧିକ ପ୍ରୟୋଗ କରୁଛନ୍ତି।

୨୦୧୮ ମସିହା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କୌଣସି ଦଳ ପୂର୍ଣ୍ଣ ବହୁମତ ପାଇପାରି ନ ଥିଲେ। ଭାରତୀୟ ଜନତା ପାର୍ଟି ୧୦୪ ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ଅନ୍ୟପକ୍ଷରେ ଜନତା ଦଳ (ଏସ୍) ଓ କଂଗ୍ରେସର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଯୋଗୁଁ ଆସନ ସଂଖ୍ୟା ଅଧିକ ଥାଇ ମଧ୍ୟ ରାଜ୍ୟପାଳ ମେଣ୍ଟ ଦଳକୁ ସରକାର ଗଠନ ପାଇଁ ସୁଯୋଗ ନଦେଇ ଭାରତୀୟ ଜନତା ପାର୍ଟିକୁ ସରକାର ଗଠନ ପାଇଁ ଆହ୍ୱାନ କରିବା ସହିତ ସଂଖ୍ୟା ଗରିଷ୍ଠତା ପ୍ରମାଣ ପାଇଁ ଦୀର୍ଘ ୧୮ ଦିନ ସୁଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଏହି ସମୟ ସୀମା ୩ ଦିନକୁ ହ୍ରାସ କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦୁରୁପ୍ପା ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେଇ ନପାରି ମାତ୍ର ଦୁଇ ଦିନରେ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟପାଳଙ୍କ ଇଚ୍ଛା ବିବାଦୀୟ ଥିବା ଆଲୋଚନା ହୋଇଥିଲା।

୨୦୧୫ ମସିହାରେ ଅରୁଣାଚଳ ପ୍ରଦେଶ ବାଚସ୍ପତି ବନାମ ରେବିୟା ମାମଲାରେ ସୁପ୍ରିମକୋର୍ଟର ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ତତ୍‌କାଳୀନ ରାଜ୍ୟପାଳ ଜେ.ପି. ରାଜଖୋୟାଙ୍କ ଆଚରଣକୁ ଅଗ୍ରାହ୍ୟ କରି ବିଧାନସଭା ଅଧିବେଶନ ସମୟ ଓ କାର୍ଯ୍ୟସୂଚୀ ରାଜ୍ୟପାଳ ଧାର୍ଯ୍ୟ କରିପାରିବେ ନାହିଁ ବା ସରକାରଙ୍କ ସହ ପରାମର୍ଶ ନକରି ବିଧାନସଭାକୁ ସମ୍ବୋଧିତ କରିପାରିବାର କ୍ଷମତା ନିରଙ୍କୁଶ ନୁହେଁ ବୋଲି କହିଥିଲେ। ରାଜ୍ୟର ରାଜନୈତିକ ଘନଘଟା ମଧ୍ୟରେ ରାଜ୍ୟପାଳ ରାଜଖୋୟା ରାଜ୍ୟ ସରକାରଙ୍କୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କଲେ। ତେବେ ୨୦୧୬ ମସିହାରେ ସୁପ୍ରିମକୋର୍ଟର ସମ୍ବିଧାନ ଖଣ୍ଡପୀଠ ରାଷ୍ଟ୍ରପତି ଶାସନକୁ ବେଆଇନ ଦର୍ଶାଇ ସରକାରଙ୍କୁ ପୁନର୍ବାହଲ କଲେ। ରାଜ୍ୟପାଳଙ୍କ ପଦକ୍ଷେପକୁ ତୀବ୍ର ସମାଲୋଚନା କରି ଅଦାଲତ କହିଥିଲେ ଯେ ଅରୁଣାଚଳରେ ଯାହା ଘଟିଲା ତାହା ସମ୍ବିଧାନ ପ୍ରତି ଚାପୁଡ଼ା ସଦୃଶ। ସୁପ୍ରିମକୋର୍ଟ ରାୟ ପରେ ରାଜ୍ୟପାଳ ଇସ୍ତଫା ନଦେବାରୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କୁ ବରଖାସ୍ତ କରିଥିଲେ।

ଗତବର୍ଷ ନଭେମ୍ବର ୨୦ ତାରିଖରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ କୌଣସି ବିଲ ଅନୁମୋଦନ କରିବା, ଅଟକାଇ ରଖିବା, ପୁନର୍ବିଚାର ନିମନ୍ତେ ଫେରସ୍ତ କରିବା ବା ରାଷ୍ଟ୍ରପତିଙ୍କ ନିମନ୍ତେ ସଂରକ୍ଷିତ ରଖିବା କ୍ଷେତ୍ରରେ ସମ୍ବିଧାନ ରାଜ୍ୟପାଳଙ୍କୁ ବ୍ୟାପକ କ୍ଷମତା ଦେଇଛି ବୋଲି କହିଛନ୍ତି। ଏହି ଅବସରରେ ଖଣ୍ଡପୀଠ ଏକଥା ମଧ୍ୟ କହିଥିଲେ ଯେ, ରାଜ୍ୟପାଳ 'ଅନିର୍ଦ୍ଦିଷ୍ଟ' ସମୟ ପର୍ଯ୍ୟନ୍ତ ବିଲ ଅଟକାଇ ରଖିପାରିବେ ନାହିଁ। କିନ୍ତୁ ସମୟ ସୀମାର ସଂଜ୍ଞା କ'ଣ ତାହା ସମାଧାନ ହୋଇପାରି ନାହିଁ। ଏହାପୂର୍ବରୁ କୋର୍ଟର ଦୁଇଜଣିଆ ଖଣ୍ଡପୀଠ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ଗ୍ରହଣ ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟ ସୀମା ଧାର୍ଯ୍ୟ କରିଥିଲେ ଏବଂ ସମୟସୀମା ମଧ୍ୟରେ କୌଣସି ନିଷ୍ପତ୍ତି ନିଆ ନ ଗଲେ ବିଲ ଆପେ ଅନୁମୋଦିତ ହେବା ଧରି ନିଆଯିବ ବୋଲି ରାୟ ଶୁଣାଇଥିଲେ। ସମ୍ବିଧାନର ଧାରା ୨୦୦ ସଂପର୍କରେ ରାଜ୍ୟପାଳମାନେ ସଂପୂର୍ଣ୍ଣ ଅବଗତ। ଏଣୁ କହିବାକୁ ଗଲେ ରାଜ୍ୟପାଳଙ୍କ ଏହି ଅଖଣ୍ଡ କ୍ଷମତା ଯୋଗୁଁ ରାଜ୍ୟ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ନ୍ୟାୟିକ ସମାଧାନର ବାଟ ବାହାର କରିବାରେ ଅଦାଲତର ବୃହତ୍ତର ଖଣ୍ଡପୀଠ ଅସଫଳ ହୋଇଥିବା ପରି ମନେ ହେଉଛି। ସମ୍ବିଧାନର ଧାରା ୧୫୪(୧)ରେ ରାଜ୍ୟପାଳଙ୍କ ନିକଟରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ ରହିଥିବାରୁ ଏହି ଆଳରେ ମନ୍ତ୍ରିମଣ୍ଡଳ ସୁପାରିସରେ ରାଜ୍ୟପାଳ ଅଙ୍କୁଶ ଲଗାଉଥିବା ପରିଲକ୍ଷିତ ହେଉଛି। ମୁଖ୍ୟତଃ ଅଣବିଜେପି ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ କ୍ଷମତାର ଅପପ୍ରୟୋଗ ହେଉଥିବା ଦେଖାଯାଉଛି। କହିବାକୁ ଗଲେ ନିର୍ବାଚିତ ସରକାରର କ୍ଷମତା ଗୌଣ କରିବାକୁ ରାଜ୍ୟପାଳଗଣ ଉଦ୍ୟମ କରିଚାଲିଥିବା ଗତ କିଛିବର୍ଷ ହେଲା ଚର୍ଚ୍ଚା ହେଉଛି।

ଦେଶର ସର୍ବୋଚ୍ଚ ଅଦାଲତ ୧୯୭୪ ମସିହାରେ ସମଶେର ସିଂହ ବନାମ ପଞ୍ଜାବ ସରକାର ମାମଲାରେ ଅତି ସ୍ପଷ୍ଟ ଭାବେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ପରାମର୍ଶ ଓ ସହାୟତା ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ। କିନ୍ତୁ ୫ ଜଣିଆ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ମନ୍ତ୍ରିମଣ୍ଡଳ ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି। ୨୦୨୩ ମସିହାରେ ପଞ୍ଜାବ ରାଜ୍ୟପାଳଙ୍କୁ କଡ଼ା ଚେତାବନୀ ଦେଇ 'ନିଆଁ ସହ ନ ଖେଳିବା' ପାଇଁ ଅଦାଲତ କହିଥିଲେ। ଅଦାଲତଙ୍କ ଏହି ମନ୍ତବ୍ୟ ପରେ ପଡ଼ି ରହିଥିବା ୪ଟି ବିଲକୁ ରାଜ୍ୟପାଳ ବନୱାରୀଲାଲ ପୁରୋହିତ ଅନୁମୋଦନ କରିଥିଲେ। ଏହି ଅବସରରେ ଅଦାଲତ କହିଥିଲେ ଯେ, କୌଣସି ବିଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକେଇ ରଖିବାର ଅଧିକାର ରାଜ୍ୟପାଳଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ପଞ୍ଜାବ ମାମଲାରେ ଅଦାଲତଙ୍କ ମନ୍ତବ୍ୟ ସତ୍ତ୍ୱେ ରାଜ୍ୟପାଳଙ୍କ ଆଚରଣରେ ପରିବର୍ତ୍ତନ ଘଟିପାରିଲା ନାହିଁ। ଫଳରେ ତାମିଲନାଡୁ କ୍ଷେତ୍ରରେ ଶୀର୍ଷ ଅଦାଲତର ଦୁଇଜଣିଆ ଖଣ୍ଡପୀଠ କଠୋର ମନୋଭାବ ପୋଷଣ କଲେ।

'ବିଧି ସେଣ୍ଟର ଫର ଲିଗାଲ ପଲିସି'ର ସିନିୟର ରେସିଡେଣ୍ଟଫେଲୋ ଜୟ ବିନାୟକ ଓଝାଙ୍କ ମତରେ ଭାରତରେ ରାଜ୍ୟପାଳ ପ୍ରାୟତଃ ରାଜନୈତିକ ଅନୁବନ୍ଧିତ। ୧୯୫୦ରୁ ୨୦୧୭ ମଧ୍ୟରେ ଏହି ସଂଖ୍ୟା ୫୨% ଆକଳନ କରାଯାଇଥିବା ବେଳେ ଏବେ ଏହି ସଂଖ୍ୟା ପ୍ରାୟ ୬୫%ରେ ପହଞ୍ଚିଲାଣି। ଏଣୁ ରାଜ୍ୟପାଳ ପଦବୀରେ ରାଜନୈତିକ ହସ୍ତକ୍ଷେପ ରହିବା ସ୍ୱାଭାବିକ। 'ରାଜନୈତିକ ପ୍ରକ୍ରିୟା ସହ ରାଜ୍ୟପାଳ ଜଡ଼ିତ ହେବା ଉଚିତ୍ ନୁହେଁ, କି କୌଣସି ସରକାର ପତନରେ ମଧ୍ୟ ଭାଗିଦାରୀ ହେବା ଉଚିତ୍ ନୁହେଁ।' - ୨୦୨୨ ମସିହାରେ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ନେତୃତ୍ୱାଧୀନ ସରକାର ପତନ ପରିପ୍ରେକ୍ଷୀରେ ଦେଶର ଶୀର୍ଷ ଅଦାଲତଙ୍କ ଏହି ମନ୍ତବ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକାର ନକାରାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶୁଣାଣି ସମୟରେ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେବା ସହ କେଉଁ ଆଧାରରେ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳ କହିଲେ ତାହା ମଧ୍ୟ ଜାଣିବାକୁ ଚାହିଁଥିଲେ। ଏହି ବିବାଦୀୟ ରାଜ୍ୟପାଳ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦ ପରିତ୍ୟାଗ କରିଥିଲେ।

ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତା ସଂପର୍କରେ ଅଧିକ ନ୍ୟାୟିକ ବାଖ୍ୟାର ଆବଶ୍ୟକତା ରହିଛି। ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳ ନିର୍ବାଚିତ ବ୍ୟକ୍ତିବିଶେଷ ନୁହନ୍ତି। ସେ ନିଯୁକ୍ତିପ୍ରାପ୍ତ। ରାଜ୍ୟପାଳଙ୍କର ବଦଳି ବ୍ୟବସ୍ଥା ରହିଛି। ରାଜ୍ୟବାସୀଙ୍କ ନିକଟରେ କୌଣସି ପ୍ରସଙ୍ଗରେ ଏହି ପଦବୀ ଉତ୍ତରଦାୟୀ ନୁହେଁ।। ରାଜ୍ୟପାଳ ନିଯୁକ୍ତିର ସେଭଳି କିଛି ମାନଦଣ୍ଡ ମଧ୍ୟ ନାହିଁ। ଏଣୁ ସମ୍ବିଧାନ ସଂଶୋଧନ ଜରିଆରେ ରାଜ୍ୟପାଳଙ୍କ ଅଖଣ୍ଡ କ୍ଷମତା ଉପରେ ଅଙ୍କୁଶ ଲଗାଯିବା ବର୍ତ୍ତମାନର ଆବଶ୍ୟକତା। ନଚେତ୍ ସଂଘୀୟ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି। ●

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ବିପଦରେ ନିକୋବର ଆଇସ୍‌ଲ୍ୟାଣ୍ଡର ଜୈବବିବିଧତା

**ଡ. ମୌସୁମୀ ପରିଡ଼ା**

ନିକୋବର ଆଇସ୍‌ଲ୍ୟାଣ୍ଡ ମୋଟ ୨୨ଟି ଦ୍ୱୀପକୁ ନେଇ ଗଠିତ, ଯାହା ଆଣ୍ଡାମାନ ଆଇସ୍‌ଲ୍ୟାଣ୍ଡର ଦକ୍ଷିଣରେ ଅବସ୍ଥିତ। ଅନେକ ଦ୍ୱୀପରେ ଲୋକ ବସବାସ କରନ୍ତି ନାହିଁ। ଆଉ କେତେକରେ ନିକୋବରିଜ୍ ଓ ଶୋମ୍ପେନ୍ ଭଳି ଆଦିବାସୀ ସମ୍ପ୍ରଦାୟ ବସବାସ କରନ୍ତି। କିଛି ଦ୍ୱୀପ ସଂପୂର୍ଣ୍ଣ ଜଙ୍ଗଲ ଓ ସୁରକ୍ଷିତ ଅଞ୍ଚଳ। ତେଣୁ ସେଠାକୁ ଯିବା ପାଇଁ ସରକାରଙ୍କ ବିଶେଷ ଅନୁମତି ନେବାକୁ ପଡ଼ିଥାଏ। ସାଧାରଣ ପର୍ଯ୍ୟଟନ ସହିତ ସେଠାରେ ଜମି କିଣିବା ବି ନିୟନ୍ତ୍ରିତ। କାରଣ ଆଦିବାସୀ ସମ୍ପ୍ରଦାୟଙ୍କ ସୁରକ୍ଷା ସହିତ ରଣନୀତିକ ଗୁରୁତ୍ୱ ଓ ପରବେଶର ସୁରକ୍ଷା ପାଇଁ ସରକାର ସେଠାରେ ବେଶ୍ ଯତ୍ନବାନ୍। କାର୍ ନିକୋବର ଓ କ୍ୟାମ୍ପବେଲ ବେ' ଅଞ୍ଚଳରେ ଅଳ୍ପ କିଛି ଭାରତୀୟ ପରିବାର ବସବାସ କରନ୍ତି, ଯେଉଁମାନେ ସରକାରୀ ଚାକିରି କିମ୍ବା ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି। ଏଥିସହିତ ଭାରତୀୟ ବାୟୁସେନା, ତଟସୁରକ୍ଷା ବାହିନୀ ଓ ଅନ୍ୟ ସୁରକ୍ଷା ସଂସ୍ଥାମାନ ରହିଥା'ନ୍ତି। ନିକୋବର ଆଇସ୍‌ଲାଣ୍ଡର ପ୍ରମୁଖ ଦ୍ୱୀପମାନଙ୍କ ଭିତରୁ ଗ୍ରେଟ୍ ନିକୋବର ଆଇସ୍‌ଲାଣ୍ଡ, କାର୍ ନିକୋବର, ଲିଟଲ୍ ନିକୋବର ଇତ୍ୟାଦି ପ୍ରଧାନ। ଗ୍ରେଟ୍ ନିକୋବର ଅଞ୍ଚଳ ଅନ୍ୟମାନଙ୍କଠାରୁ ବୃହତ୍, ଯେଉଁଠାରେ କ୍ୟାମ୍ପବେଲ ବେ ରହିଛି ସେହିଠାରେ ବଜାର, ସ୍କୁଲ୍, ହସ୍ପିଟାଲ୍ ଓ ପ୍ରଶାସନିକ କାର୍ଯ୍ୟାଳୟ ମଧ୍ୟ ରହିଛି। ଆଣ୍ଡାମାନର ଅନେକ ସୁନ୍ଦର ଦ୍ୱୀପ ଯେପରି ହାଭ୍ଲକ୍, ସ୍ୱରାଜ ଦ୍ୱୀପ ପର୍ଯ୍ୟଟନର ମୁଖ୍ୟ ଆକର୍ଷଣ।

ନିକୋବର ଆଇସଲ୍ୟାଣ୍ଡରେ ଅଳ୍ପସଂଖ୍ୟକ ବିଲୁପ୍ତପ୍ରାୟ ଆଦିବାସୀ ସଂପ୍ରଦାୟ ରହୁଥିବାରୁ ପିଭିଟିଜି ଭାବରେ ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛନ୍ତି। ନିକୋବରିଜ୍ ଓ ଅନ୍ୟ ଲୋକମାନେ ସମୁଦ୍ରତଟବର୍ତ୍ତୀ ଅଞ୍ଚଳ କିମ୍ବା ଛୋଟ ସହରାଞ୍ଚଳରେ ବସବାସ କରିଥା'ନ୍ତି। ସେମାନେ ମାଛ ଧରିବା ସହିତ ନଡ଼ିଆ ଚାଷ ଓ ଛୋଟ କୃଷି କରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୨୮୦୦୦ରୁ ଊର୍ଦ୍ଧ୍ୱ ଓ ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ। ଗ୍ରେଟ୍ ନିକୋବର ହିଁ ଏମାନଙ୍କ ବାସସ୍ଥଳୀ। ପିଭିଟିଜି ମଧ୍ୟରେ ଶୋମ୍ପେନ୍ ସମ୍ପ୍ରଦାୟ ଅନ୍ୟତମ। ଏମାନେ ସାଧାରଣତଃ ଘନ ଜଙ୍ଗଲ ଭିତରେ ଛୋଟଛୋଟ ଦଳରେ ବିଭକ୍ତ ହୋଇ ବସବାସ କରନ୍ତି। ବାହାର ଦୁନିଆ ସହିତ ସଂପର୍କ ସ୍ଥାପିତ କରିବାକୁ ସେମାନେ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ତେଣୁ ସେମାନଙ୍କ ଜୀବନଶୈଳୀ ଏବେ ବି ରହସ୍ୟମୟ। ଏମାନଙ୍କ ସଂଖ୍ୟା ପ୍ରାୟ ୨୦୦-୩୦୦ ମଧ୍ୟରେ ବୋଲି ଅନୁମାନ କରାଯାଉଛି। ଶୋମ୍ପେନ୍ ଭାଷା ଖୁବ୍ ଦୁର୍ଲ୍ଲଭ। ସେମାନେ ଜୀବନଧାରଣର ମୁଖ୍ୟସ୍ରୋତ ଭାବେ ଶିକାର ଉପରେ ନିର୍ଭର କରୁଥିବାବେଳେ କେବେକେବେ ମାଛ ଧରି, ଜଂଗଲରୁ ଫଳମୂଳ ସଂଗ୍ରହ କରି ଜୀବନ ନିର୍ବାହ କରିଥା'ନ୍ତି। କେବେକେବେ ସେମାନେ କୃଷିକାର୍ଯ୍ୟ ବି କରିଥା'ନ୍ତି। ଏମାନେ ଅତ୍ୟନ୍ତ ଦୁର୍ଲ୍ଲଭ ଆଦିବାଦୀ ସମ୍ପ୍ରଦାୟର ହୋଇଥିବାରୁ ଏମାନଙ୍କ ସୁରକ୍ଷା ନିହାତି ଜରୁରୀ।

ବର୍ତ୍ତମାନ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ଚର୍ଚ୍ଚାରେ, ଯେବେଠାରୁ ଗ୍ରେଟ୍ ନିକୋବର ଆଇସଲ୍ୟାଣ୍ଡରେ ଭାରତ ସରକାର 'ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ' ଆରମ୍ଭ କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି- ଏହି ଅଞ୍ଚଳକୁ ରଣନୀତିକ ଓ ବ୍ୟବସାୟିକ କେନ୍ଦ୍ରରେ ପରିଣତ କରିବା, ଚୀନ ଓ ଭାରତ ମହାସାଗର ଅଞ୍ଚଳ ରଣନୀତିକ ଉପଯୋଗିତା ବୃଦ୍ଧି କରିବା ଏବଂ କଲମ୍ବୋ ଓ ସିଙ୍ଗାପୁରର ବିଦେଶୀ ବନ୍ଦର ଉପରେ ନିର୍ଭର ହ୍ରାସ କରିବା। ଏଠାରେ ସାମୁଦ୍ରିକ ଜାହାଜ ଦ୍ୱାରା ପରିବହନ କେନ୍ଦ୍ର, ସ୍ଥାନଟିର ସହରୀକରଣ, ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା, ପାୱାରପ୍ଲାଣ୍ଟ, ସୁରକ୍ଷା ଓ ନୌବାହିନୀ ଆଦି ପ୍ରତିଷ୍ଠାର ଯୋଜନା ରହିଛି। ସରକାରଙ୍କ କହିବା ଅନୁଯାୟୀ ଏସବୁ ଦ୍ୱାରା ଆଞ୍ଚଳିକ ଉନ୍ନତି ତଥା ଦେଶର ଅଭିବୃଦ୍ଧି ସହିତ ଭାରତର ସାମୁଦ୍ରିକ ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ର ବି ସମୃଦ୍ଧ ହେବ। ନିଯୁକ୍ତି-ସୁଯୋଗ ସୃଷ୍ଟି ହେବ। ଅନ୍ୟ ରାଜ୍ୟଗୁଡ଼ିକ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୋଇପାରିବ।

ଚିନ୍ତାର ବିଷୟଟି ହେଉଛି ପ୍ରକଳ୍ପ ଅଞ୍ଚଳରେ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବା ସହିତ ବିଭିନ୍ନ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ, ମୂଲ୍ୟବାନ୍ ସାମୁଦ୍ରିକ ପଦାର୍ଥ ରହିଛି। ବିଲୁପ୍ତ ପ୍ରାୟ ଜୀବଜନ୍ତୁ, ପଶୁପକ୍ଷୀ ମଧ୍ୟ ସେଠାରେ ରହିଆସୁଛନ୍ତି। ପ୍ରକଳ୍ପ ଦ୍ୱାରା ସେମାନେ ସିଧାସଳଖ ପ୍ରଭାବିତ ହେବେ। ଏଥିସହିତ ଜୈବବିବିଧତା ଓ ପ୍ରାକୃତିକ ଜଙ୍ଗଲ ନଷ୍ଟ ହେବ। ଆମ ରାଜ୍ୟଗୁଡ଼ିକରେ ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ଦୁର୍ବିପାକରେ ହୋଇଆସୁଥିବା ଅସହ୍ୟ କ୍ଷୟକ୍ଷତି ଦେଶର ଅର୍ଥନୀତିର ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର କରିଚାଲିଛି। ସେ ସଂପର୍କିତ କିଛିପ୍ରଶ୍ନ ମନରେ ସୃଷ୍ଟି ହେବା ସ୍ୱାଭାବିକ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ନିକୋବର ଦ୍ୱୀପପୁଞ୍ଜ ସବୁଜିମାକୁ ଛାରଖାର୍ କରି କଂକ୍ରିଟ୍ ଜଙ୍ଗଲ ଦ୍ୱାରା ପ୍ରକୃତିକୁ କଙ୍କାଳସାର କରାଇଦେବା କ'ଣ ବୁଦ୍ଧିମତ୍ତାର କାର୍ଯ୍ୟ? ଚାରିଆଡ଼େ ମାନବତାର ଅବକ୍ଷୟ ଘଟି ପାଶବିକତା ବୃଦ୍ଧି ପାଉଥିବା ବେଳେ ପ୍ରକୃତିକୁ କେନ୍ଦ୍ର କରି ବଞ୍ଚୁଥିବା ବିଲୁପ୍ତ-ପ୍ରାୟ ଆଦିମ ଅଧିବାସୀମାନଙ୍କୁ ପରୋକ୍ଷରେ ଅତ୍ୟାଧୁନିକ ପାଶବିକତା ଶିଖାଇବା କ'ଣ ନିହାତି ଆବଶ୍ୟକ? ସେମାନଙ୍କୁ ସେମାନଙ୍କ ଅନୁସାରେ ଛାଡ଼ି ଦିଆଗଲେ କ୍ଷତି କ'ଣ, ଯଦି ସେମାନଙ୍କର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ କୌଣସି ଆଗ୍ରହ ନଥାଏ।

ଆଖପାଖ ପରିବେଶ ପରିବର୍ତ୍ତନ ହେଲେ ସେମାନଙ୍କ ବାସସ୍ଥାନର ପରିସର ସଂକୁଚିତ ହୋଇଯିବ। ପରିବେଶ ଦୂଷିତ ହେବା ସହ ଲୁଣା ଜଂଗଲ ବି ନଷ୍ଟ ହେବ। ସାମୁଦ୍ରିକ ଜୀବ ତଥା ସ୍ୱତନ୍ତ୍ର ପ୍ରଜାତିର କଇଁଚମାନଙ୍କ ସହ ପ୍ରବାଳ ପ୍ରାଚୀରର ବିଲୁପ୍ତି ଘଟିବ। ଏମିତିରେ ଅତ୍ୟାଧୁନିକତା ନାଁରେ ମଣିଷ କେତେ ହିଂସ୍ର, ନିର୍ମମ, ସ୍ୱାର୍ଥପର, ଲୋଭୀ ସେସବୁ ବଖାଣିବା ଅନାବଶ୍ୟକ। ପରିବେଶର ସନ୍ତୁଳନକୁ ବିଗାଡ଼ି, ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତିତ କରି ଦେଶର ଅଭିବୃଦ୍ଧି କରିବା କେତେ ଜରୁରୀ? ପ୍ରକୃତି ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ୨୦୦୪ ମସିହାର ସୁନାମୀ ଦ୍ୱାରା ଗ୍ରେଟ୍ ନିକୋବର ଖୁବ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏତେ ବଡ଼ ପ୍ରକଳ୍ପ ଏଭଳି ଭୂକମ୍ପ ଓ ସୁନାମୀପ୍ରବଣ ଅଞ୍ଚଳରେ କେତେ ସୁରକ୍ଷିତ ଓ ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ଦ୍ୱାରା ଶୋମ୍ପେନ୍ ପରି ଆଦିମ ଅଧିବାସୀ କେତେ ଉପକୃତ ହେବେ ସେକଥା ଏବେ ଚିନ୍ତନର ବିଷୟ। ●

ଭୁବନେଶ୍ୱର, ମୋ: ୯୪୩୭୩୧୭୦୨୬

## ଧୈର୍ଯ୍ୟ ଓ ବିଜୟର ପ୍ରତୀକ ଏଣ୍ଡୁଅ

**ଓଜସ୍ୱିନୀ**

ଜୀବଜନ୍ତୁ ଓ କୀଟପତଙ୍ଗ ପୂଜନର ଧାରାରେ ଏଣ୍ଡୁଅକୁ ମଧ୍ୟ ଦେବତୁଲ୍ୟ ମାନ୍ୟତା ମିଳିଛି। ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ରାଜା ଇକ୍ଷାକୁଙ୍କର ପୁତ୍ର ରାଜା ନୃଗ ଅତ୍ୟନ୍ତ ଦୟାବାନ ଓ ଦାନୀ ଥିଲେ। କିନ୍ତୁ ଏକଦା ଭୁଲ୍‌ବଶତଃ ପୂର୍ବରୁ ଦାନ ସୂତ୍ରରେ ମିଳିଥିବା ଏକ ଗାଈକୁ ଚିହ୍ନି ନପାରି ଦୁଇଜଣ ବ୍ରାହ୍ମଣଙ୍କୁ ପୁନଃ ଗୋଦାନ ଦେଇଥିଲେ। ଏଥିରେ ବ୍ରାହ୍ମଣ କ୍ରୋଧ କରି ରାଜା ନୃଗଙ୍କୁ ଏଣ୍ଡୁଅ ହୋଇଯିବାର ଅଭିଶାପ ଦେଲେ। ରାଜା ନୃଗ ଏଣ୍ଡୁଅ ରୂପରେ ଗୋଟିଏ କୂପ ମଧ୍ୟରେ ବହୁବର୍ଷ ରହିଲେ। ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇ ସେ ମନୁଷ୍ୟ ସ୍ୱରୂପକୁ ଫେରିଆସିଲେ ଏବଂ ମୋକ୍ଷଲାଭ କଲେ। ମତାନ୍ତରରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ରଙ୍କ ହାତର ସ୍ପର୍ଶ ପାଇବା ପରେ ନୃଗ ମନୁଷ୍ୟ ସ୍ୱରୂପ ଫେରିପାଇଥିଲେ। ତେଣୁ ଏଣ୍ଡୁଅକୁ ମୋକ୍ଷ, ଜ୍ଞାନୋଦୟ ଓ ମାର୍ଗଦର୍ଶକର ସଙ୍କେତ ବହନ କରିଥିବା ଜୀବ ଭାବେ ମାନ୍ୟତା ମିଳିଛି।

ଭାରତୀୟ ପୁରାଣ ଓ ଜ୍ୟୋତିଷଶାସ୍ତ୍ର ଅନୁସାରେ ଏଣ୍ଡୁଅ ଦେଖିବା କିମ୍ବା ଘରକୁ ଏଣ୍ଡୁଅ ଆସିବା ଶୁଭଙ୍କର। ଏଣ୍ଡୁଅ କୁବେରଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଦେଖିଲେ ଧନଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ମଣିପୁରର ଲୋକକଥାଗୁଡ଼ିକରେ ଏଣ୍ଡୁଅକୁ ମନସ୍କାମନା ପୂର୍ତ୍ତି କରୁଥିବା ଏକ ଦିବ୍ୟ ଶକ୍ତି ଭାବେ ବର୍ଣ୍ଣନା କରାଯାଇଛି। କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏଣ୍ଡୁଅକୁ ଦେବତୁଲ୍ୟ ବିଚାର କରି ପୂଜାର୍ଚ୍ଚନା କରାଯାଏ।

ମୁଖ୍ୟତଃ ପଶ୍ଚିମ ଆଫ୍ରିକାର ବେନିନ୍ ଦେଶରେ ଥିବା ଓବେମେ ସହରରେ ଏଣ୍ଡୁଅ ପୂଜା କରାଯାଏ। ଏଣ୍ଡୁଅ ପୂଜନ ସ୍ଥାନୀୟ ଭୁଡୁ ସଂସ୍କୃତିର ଏକ ମୁଖ୍ୟଅଂଶ। ଏଥିପାଇଁ ଗୋଟିଏ ବିଶେଷ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି, ଯାହାକୁ 'ଭୋଡୁନ୍ ମନ୍ଦିର' କୁହାଯାଏ। ସେଠାରେ ଏଣ୍ଡୁଅକୁ ଅନୁକୂଳନଶୀଳତା ଓ ଧୈର୍ଯ୍ୟର ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଏ। ଏହି ପ୍ରତୀକ 'ଦହୋମେ'ର ରାଜା 'ଅକାବା'ଙ୍କ ସହିତ ଜଡ଼ିତ। ରାଜାଙ୍କର ରାଜକୀୟ ଚିହ୍ନ ଏଣ୍ଡୁଅ ଥିଲା, ଯାହାର ଅର୍ଥ ମନ୍ଥର ଗତିରେ ଅନେକ ଦୂରପଥ ଅତିକ୍ରମ କରିବା। ଏଣ୍ଡୁଅ ଶିକାରଠାରୁ ବର୍ତ୍ତିବା ପାଇଁ ତା'ର ଶରୀରର ରଙ୍ଗ ପରିବର୍ତ୍ତନ କରିପାରେ। ସେହିଭଳି

### ବିଚିତ୍ର ବିଶ୍ୱାସ

ବିଷମ ପରିସ୍ଥିତି ସହିତ ଖାପଖୁଆଇ ଚଳିବା ଏବଂ ଶତ୍ରୁଠାରୁ ବିଜୟପ୍ରାପ୍ତ କରିବା ପାଇଁ ଏଣ୍ଡୁଅକୁ ମୁଖ୍ୟ ରାଜକୀୟ ଉଦାହରଣ ଭାବେ ଗ୍ରହଣ କରାଯାଇଛି। ସେଠାରେ ଏଣ୍ଡୁଅକୁ ଧୈର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ମାନ୍ୟତା ମିଳିଛି।

ଗୋଟିଏ ବିଶାଳ ପଥରରେ ତିଆରି ଏହି ମନ୍ଦିରର ଆକୃତି ଏଣ୍ଡୁଅ ଭଳି। ଏହାକୁ 'ତୋହୋୟୋ' ଦେବତାଙ୍କ ଅନୁଗାମୀମାନଙ୍କ ପାଇଁ ପୂଜାସ୍ଥଳ ରୂପରେ ନିର୍ମାଣ କରାଯାଇଛି ବୋଲି ତଥ୍ୟ ମିଳେ। ବାସ୍ତୁକଳାର ଏଭଳି କୃତି ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ୧୦ ମିଟର ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରଟିର ପ୍ରବେଶ ଦ୍ୱାର ଏଣ୍ଡୁଅର ଖୋଲା ପାଟି ଭଳି ରହିଛି ଏବଂ ଏହା ଉପରେ ପଥରରେ ନିର୍ମିତ ଆଖିଗୁଡ଼ିକ ଜୀବନ୍ତ ଅନୁଭବ ହେଉଛି। ମନ୍ଦିରର ଭିତର ଅଂଶ ଏକ ଗୁମ୍ଫା ଭଳି ଏବଂ ଏହାକୁ ଏଣ୍ଡୁଅର ପେଟ ଭିତରକୁ ଯିବା ଭଳି ନିର୍ମାଣ କରାଯାଇଛି। ଦୂରରୁ ଦେଖିଲେ ମନେହେବ ଯେ, ଗୋଟିଏ ବିଶାଳକାୟ ଏଣ୍ଡୁଅ ରାସ୍ତା ଉପରେ ବସିଛି। ଭୁଡୁ ସଂସ୍କୃତି ଅନୁସାରେ ଏଣ୍ଡୁଅକୁ ଏକ ବିଶେଷ ରହସ୍ୟମୟ ପ୍ରାଣୀ ଭାବେ ମାନ୍ୟତା ପ୍ରଦାନ କରାଯାଇଛି।

ଏହାବ୍ୟତୀତ ପଶ୍ଚିମ ଆଫ୍ରିକାର 'ୟୋରୁବା' ସଂସ୍କୃତିରେ 'ଏଜ୍‌ମୋ' ନାମକ ଏଣ୍ଡୁଅକୁ ସର୍ବୋଚ୍ଚ ସତ୍ତା 'ଏଲୋରୁନ୍'ର ସ୍ଥାନ ପ୍ରଦାନ କରାଯାଇଛି। ବିଶ୍ୱାସ ରହିଛି ଯେ, ଏଣ୍ଡୁଅ ଏଲୋରୁନ୍ ଦେବତାଙ୍କ ପାଇଁ ସନ୍ଦେଶବାହକର କାର୍ଯ୍ୟ କରିଥାଏ। ତେଣୁ ଏଣ୍ଡୁଅକୁ ଦେଖିବା ମାତ୍ରେ ଶୁଭଙ୍କର ଚିନ୍ତା କରିବା ଦ୍ୱାରା ମନସ୍କାମନା ପୂର୍ତ୍ତି ହୋଇଥାଏ।

ତେବେ ପରମ୍ପରା ଓ ସଂସ୍କୃତିର ବିଭିନ୍ନତା ଅନୁଯାୟୀ ବିଶ୍ୱର କେତେକ ସ୍ଥାନରେ ଏଣ୍ଡୁଅକୁ ଦିବ୍ୟଜୀବର ମାନ୍ୟତା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ଏଣ୍ଡୁଅକୁ ନକାରାତ୍ମକ ଶକ୍ତି ଓ ଅଶୁଭତାର ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଇଛି, ଯାହାକି ପୂର୍ଣ୍ଣତଃ ବିଶ୍ୱାସର ବୈଚିତ୍ର୍ୟତା ଉପରେ ନିର୍ଭର କରୁଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜୁଳି ବଳକା ରାଜ୍ୟରେ ସାଂଘାତିକ ଶକ୍ତି ସଙ୍କଟ

## ତାତିର ତାଉ ଓ ଗୁଳୁଗୁଳି ସାଙ୍ଗକୁ ଲୋ-ଭୋଲଟେଜ ଯନ୍ତ୍ରଣା

ଭୁବନେଶ୍ୱର,୨୧।୫(ସମିସ): ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି। ଅତ୍ୟଧିକ ଗୁଳୁଗୁଳି କାରଣରୁ ତାତିରପ୍ରକୋପଓପ୍ରଭାବଅଧିକହେଉଥିବା ବେଳେ ଲୋକଙ୍କୁ କଲବଲ କରୁଛି ବିଜୁଳି ଯନ୍ତ୍ରଣା । ସାରା ରାଜ୍ୟରେ ଲୋ-ଭୋଲଟେଜ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏନେଇ ସାଧାରଣରେ କମ୍ପାନୀ ହାତ ଟେକି ଦେଇଛି। ସାଧାରଣ ଲୋକଙ୍କ ଦୁଃଖ ଏଇଠି ସରିନାହିଁ। ଲୋ ଭୋଲଟେଜ ସମସ୍ୟା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ଦୁର୍ଦ୍ଦଶାକୁ ବହୁ ଗୁଣ କରିଛି। ବିନା କୌଣସି ପୂର୍ବ ସୂଚନାରେ ଏକାଧିକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଯାହାଫଳରେ ସବୁ ବର୍ଗର ଲୋକେ ପ୍ରବଳ, ଖରା ଗରମରେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି।

- ବୋଝ ଉପରେ ନଳିତା ବିଡ଼ା ହୋଇଛି ଅଘୋଷିତ ବିଜୁଳି କାଟ
- ସରକାର କହିଥିଲେ ଅଘୋଷିତ ବିଜୁଳିକାଟରେ ହେବ ଜେଲ ଦଣ୍ଡ
- ଘନଘନ ଅଘୋଷିତ ବିଜୁଳିକାଟ ସତ୍ତ୍ୱେ ଜଣେ ବି ଗଲେନି ଜେଲ

ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

କିଛିଦିନ ହେବ ଲୋ-ଭୋଲଟେଜ ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ଏସି ତ ଦୂରର କଥା ପଙ୍ଖା ବି ଘୂରୁନାହିଁ। ତାତି ସହ ଗୁଳୁଗୁଳିରେ ଲୋକେ ସିଝୁଛନ୍ତି। ଏହାକୁ ନେଇ ରାଜ୍ୟ ସାରା ବିଦ୍ୟୁତ୍ ବିଭାଗରେ ଗଦାଗଦା ଅଭିଯୋଗ। ବିଦ୍ୟୁତ୍ ବ୍ୟବହାର ଅର୍ଥାତ୍ ଲୋଡ ବଢ଼ିଯାଇଥିବାରୁ କିଛି ହେବ ନାହିଁ ବୋଲି ଉଲ୍ଲେଖ କରି ବିତରକ

ବିନା ପୂର୍ବ ସୂଚନାରେ ବିଜୁଳି କାଟିବା ଦଣ୍ଡନୀୟ ଅପରାଧ ବୋଲି ଉଲ୍ଲେଖ କରି ବିନା ସୂଚନାରେ ଯଦି ବିଜୁଳି କଟାଗଲା, ତେବେ ସମ୍ପୃକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିକଟରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏପରିକି ସେମାନଙ୍କୁ ଜେଲ ଯିବାକୁ ପଡ଼ିପାରେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଏହି ଚେତାବନୀକୁ ମାସେରୁ ଅଧିକ ସମୟ ପୂରିଥିବା ବେଳେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବେଧଡ଼କ ଅଘୋଷିତ ବିଜୁଳି କାଟ ଜାରି ରହିଛି। ତେବେ ଏଯାବତ୍ ଏହି ଘଟଣାରେ ଜଣେ ହେଲେ ବିଜୁଳି ବିଭାଗର ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଗୋଟିଏ ପଟେ ଓଡ଼ିଶା ନିଜକୁ ବିଜୁଳି ବଳକା ରାଜ୍ୟ ବୋଲି କହୁଛି। ଅନ୍ୟ ରାଜ୍ୟକୁ ଅପେକ୍ଷାକୃତ କମ୍ ଦରରେ ବିଜୁଳି ବିକୁଛି। ଓଡ଼ିଶାରୁ ବିଜୁଳି କିଣି ଅନ୍ୟ ରାଜ୍ୟମାନେ ନିଜର ଉପଭୋକ୍ତାଙ୍କୁ ମାଗଣା ତଥା ଶସ୍ତା ବିଦ୍ୟୁତ୍ ଯୋଗାଇ ମଧ ଦେଉଛନ୍ତି। ମାତ୍ର ଓଡ଼ିଶାର ଲୋକେ ଆଶ୍ଚର୍ଯ୍ୟଜନକ ଭାବେ ଲୋ-ଭୋଲଟେଜ, ବିଜୁଳି କାଟ ସମସ୍ୟା ନିୟମିତ ଭାବେ ଭୋଗି ଚାଲିଛନ୍ତି। ଏପରିକି ଓଡ଼ିଶାକୁ ଛାଡ଼ି ଭାରତବର୍ଷ ଅନ ସମସ୍ତ ରାଜ୍ୟ ନିଜର ଘରୋଇ, କୃଷି କିମ୍ବା ନିର୍ଦ୍ଦିଷ୍ଟ ଶ୍ରେଣୀର ବିଜୁଳି ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ବିଜୁଳି ସେବା ଯୋଗାଇ ଦେଉଛନ୍ତି। ତାହେଲେ ଓଡ଼ିଶା ବିଜୁଳି ବଳକା ରାଜ୍ୟ ହେବାର ଫାଇଦା କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଜାତୀୟ ରାଜନୀତିରେ...

ଭାରତୀୟ ରାଜନୈତିକ ଇତିହାସରେ ସାମାଜିକ ଗଣମାଧ୍ୟମର ବ୍ୟଙ୍ଗ ମାଧ୍ୟମରେ ଏଭଳି ଏକ ବୃହତ ଜନ ଆନ୍ଦୋଳନର ସୂତ୍ରପାତ ହେବା ପୂର୍ବରୁ କଦାପି ଦେଖାଯାଇନଥିଲା। ଏକ୍ସ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଏହି ବିତର୍କ ଆହୁରି ତୀବ୍ର ରୂପ ଧାରଣ କରିଛି। ଏହି ଭର୍ଚୁଆଲ୍ ଆନ୍ଦୋଳନ ଭବିଷ୍ୟତରେ ଏକ ଆନୁଷ୍ଠାନିକ ରାଜନୈତିକ ଦଳର ରୂପ ନେବ କିମ୍ବା କେବଳ ଏକ ସାମୟିକ ପ୍ରତିବାଦ ମଧ୍ୟରେ ସୀମିତ ରହିବ, ତାହା ଆଗାମୀ ସମୟ ହିଁ ସ୍ପଷ୍ଟ କରିବ। ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ତତଲା ତାୱାରେ...

ସମ୍ବଲପୁରରେ ତାପମାତ୍ରା ୪୪.୬, ହୀରାକୁଦରେ ୪୪.୫, ବଲାଙ୍ଗିର ୪୪.୬, ଟିଟିଲାଗଡ଼ ୪୪.୫, ସୋନପୁର ୪୪.୩, ବୌଦ୍ଧ ୪୪.୨ ଡିଗ୍ରୀ ରେକର୍ଡ ହୋଇଛି। ଏହି ଜିଲ୍ଲାଗୁଡ଼ିକ ସମେତ ଆଜି ମୋଟ୍ ୧୦ ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ବେଳେ ୧୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଏହା ବ୍ୟତୀତ ରାଜଧାନୀରେ ଗତକାଲି ତୁଳନାରେ ଆଜି ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇ ୪୨.୨ ଡିଗ୍ରୀ ରେକର୍ଡ କରିଛି। କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ଗତ କାଲି ତୁଳନାରେ ଏଠାରେ ତାପମାତ୍ରା ୩ ଡିଗ୍ରୀ ବଢ଼ିଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଆଜି ଦିନ ତମାମ ବାୟୁ ମଣ୍ଡଳରେ ଆର୍ଦ୍ରତାର ପରିମାଣ ୬୦-୮୦ ପ୍ରତିଶତ ରହିଛି। ଫଳରେ ଲୋକମାନଙ୍କ ପାଇଁ ଗ୍ୟାସ ଚାମ୍ବରରେ ରହିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧.୩୦ ରେ ଭୁବନେଶ୍ୱରରେ ୩୮.୪ ଡିଗ୍ରୀ ତାପମାତ୍ରା ରହିଥିଲେ ମଧ ଆର୍ଦ୍ରତା ୫୬ ପ୍ରତିଶତ ରହିଥିଲା। ଏହାଦ୍ୱାରା ରାଜଧାନୀରେ ୫୩ ଡିଗ୍ରୀ (ଫିଲ ଲାଇକ୍ ଟେମ୍ପରେଚର) ତାପମାତ୍ରା ଅନୁଭୂତ ହେଉଥିଲା। ସମାନ ଭାବେ ଉପକୂଳବର୍ତ୍ତୀ ଅଧିକାଂଶ ଜିଲ୍ଲାରେ ଆଜି ତାପମାତ୍ରା ଥର୍ମମିଟରରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ସାମାନ୍ୟ ଅଧିକ ରେକର୍ଡ ହୋଇଥିଲେ ମଧ ୫୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ଅନୁଭବ ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଜାରି ରହିଥିବା ଏଭଳି ଗରମ ଗୁଳୁଗୁଳି ଅବସ୍ଥା ୨୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଦିନ ବେଳା ଭୀଷଣ ଗରମ ଗୁଳୁଗଳି ସହ ତାପମାତ୍ରା ଅଧିକ ରହୁଥିବା ହେତୁ ରାତିରେ ମଧ ତାତି ଅନୁଭୂତ ହେବ। ରାତିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଉଷ୍ଣ ରାତ୍ରୀ ଜନିତ ଆଲର୍ଟ ଜାରି କରିଛି। ସେହିପରି ଶୁକ୍ରବାର ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ, ସୋନପୁର, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ସହ ସମ୍ବଲପୁର ଓ ବଲାଙ୍ଗିରରେ ଉଷ୍ଣ ରାତ୍ରୀ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଏହି ସମୟ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ସ୍ଥିତି ନେଇ ମଧ ଆଶଙ୍କା କରାଯାଇଛି। ହେଲେ ଯେଉଁ ଅଞ୍ଚଳରେ କାଳବୈଶାଖୀ ହେବ, ସେଠାରେ ଆଂଶିକ ତାତି କମିଲେ ମଧ ବାକି ଅଞ୍ଚଳରେ ତାତି ଓ ଗୁଳୁଗୁଳି ପ୍ରଶମିତ ହେବାର ଆଶଙ୍କା କମ୍ ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

### ଗ୍ରାହକଙ୍କୁ ୨୦୦ କୋଟିର...

ଅଧା ମୂଲ୍ୟରେ) ୧୬୬୭ ନିୟୁତ ୟୁନିଟ୍ ବିଜୁଳି କ୍ରୟ କରୁଛି। ନୀତିରେ ସଂଶୋଧନ ହେବା ଦ୍ୱାରା ଗ୍ରୀଡ୍‌କୋ ୧୨ ପ୍ରତିଶତ ବଦଳରେ ମାତ୍ର ୫ ପ୍ରତିଶତ ବିଦ୍ୟୁତ୍ ପାଇବ। ଅର୍ଥାତ ଓଡ଼ିଶା ପାଉଥିବା ବାର୍ଷିକ ପ୍ରାୟ ୧୦୦୦ ନିୟୁତ ୟୁନିଟରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ। ସେଥିପାଇଁ ଓଡ଼ିଶାର ଏକ କୋଟି ଉପଭୋକ୍ତା ବାର୍ଷିକ ଅତିରିକ୍ତ ବୋଝ ୨୦୦ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପାଇଁ ପ୍ରତେକ ବିଦ୍ୟୁତ୍ ଉପଭୋକ୍ତା ବର୍ଷକୁ ଅତିରିକ୍ତ ୨୦୦ ଟଙ୍କା ବିଦ୍ୟୁତ୍ ବିଲ୍ ପରିଶୋଧ କରିବେ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଇଛନ୍ତି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀଗୁଡିକ ପାଇଁ ଫିକ୍ସଡ ଚାର୍ଜ (ସ୍ଥିର ମୂଲ୍ୟ) ଓ ଭାରିଏବଲ ଚାର୍ଜ (ପରିବର୍ତ୍ତନଶୀଳ ମୂଲ୍ୟ) ଭଳି ଦ୍ୱିସ୍ତରୀୟ ଟାରିଫ ପ୍ରଚଳନ ଅଛି। ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି ଅନୁସାରେ ଆଇପିପିମାନଙ୍କୁ ଗ୍ରୀଡ୍‌କୋ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ ବିଦ୍ୟୁତ୍ କ୍ରୟ କରେ। ଗ୍ରୀଡ୍‌କୋକୁ କୌଣସି ସ୍ଥିର ମୂଲ୍ୟ ଦେବାକୁ ପଡ଼େ ନାହିଁ। ଉତ୍ପାଦନ ଟାରିଫର ସ୍ଥିରମୂଲ୍ୟ ଓ ପରିବର୍ତ୍ତନଶୀଳ ମୂଲ୍ୟର ଅନୁପାତ ମୋଟାମୋଟି ୫୦:୫୦ ଅଟେ। ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ସାଧାରଣତଃ ଘରୋଇ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର କୋଇଲା ଖଣି, ପାଣି ଓ ଜଙ୍ଗଲ ଜମି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶାରେ ପ୍ରଦୂଷଣ ବୃଦ୍ଧି ପାଇବା ସହ କୋଇଲା ପାଉଁଶ ଏକ ବଡ଼ ସମସ୍ୟା ହୋଇଛି। ତେଣୁ କ୍ୟାବିନେଟ ନିଷ୍ପତ୍ତି ଜନବିରୋଧୀ ହୋଇଛି। ଉପଭୋକ୍ତାଙ୍କୁ ଶୋଷଣ କରି କମ୍ପାନୀକୁ ଲାଭ ଦେବାପାଇଁ ଏପରି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ତୁରନ୍ତ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

### ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ...

ଭାବେ ବୈଠକରେ ଯୋଗ ଦେଇପାରିବେ ଏବଂ ଅନ୍ୟମାନେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେବେ। ସେହିଭଳି ଆସନ୍ତା ୧ ତାରିଖଠାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଯେତେ ନୂଆ ଦୁଇ ଚକିଆ ଓ ଚାରି ଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ। ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ସେହିଭଳି ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଇଭି ହେବା ବାଧ୍ୟତାମୂଳକ କରାଯିବ। ସେହିପରି ତୃତୀୟ ନିର୍ଦ୍ଦେଶ ଅନୁଯାୟୀ ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ। ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ ତଦନୁଯାୟୀ ଅଧା କରାଯିବ। କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରୀ କରିବ। ଦୂରସ୍ଥାନକୁ ପରିଦର୍ଶନରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ। ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବହୁଳମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ। ସରକାରୀ ଯାନ'ର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମ୍‌ରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ କାର୍ଯ୍ୟାଳୟ ସୁଚିନ୍ତିତ ପଦକ୍ଷେପ ନେବେ। ଏହି ନିର୍ଦ୍ଦେଶାବଳୀ, ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକ୍‌ସ୍ତର ସହିତ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଉଦ୍ୟୋଗ, ସଂସ୍ଥା, ବିଶ୍ୱବିଦ୍ୟାଳୟ, ସମିତି ମାନଙ୍କରେ କଡ଼ାକଡ଼ି ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଇବୋଲା ଆତଙ୍କ...

କରି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନ ଭଳି ଅଧିକ ବିପଦ ଥିବା ଦେଶରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଦେଶର ପ୍ରମୁଖ ବନ୍ଦର ଓ ବିମାନବନ୍ଦର ଗୁଡ଼ିକରେ ସ୍କ୍ରିନିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯେଉଁ ଯାତ୍ରୀମାନଙ୍କ ପାଖରେ ଜ୍ୱର, ବାନ୍ତି, ଝାଡ଼ା, ମାଂସପେଶୀରେ ଯନ୍ତ୍ରଣା କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ ଭଳି ଲକ୍ଷଣ ଦେଖାଦେଉଛି ସେମାନଙ୍କୁ ତୁରନ୍ତ ବିମାନବନ୍ଦରର ସ୍ୱାସ୍ଥ୍ୟ ଡେସ୍କକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ, କେହି ସନ୍ଦିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ, ସେମାନଙ୍କୁ ଇମିଗ୍ରେସନ ପୂର୍ବରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଯାତ୍ରୀମାନଙ୍କୁ ଭାରତରେ ପହଞ୍ଚିବାର ୨୧ ଦିନ ପର୍ଯ୍ୟନ୍ତ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଏବଂ କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଏହି ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ଭାରତ ସରକାର ଏବଂ ଆଫ୍ରିକୀୟ ସଂଘ ମେ ୨୮ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା 'ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀ'କୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ଭାରତରେ ଏବେ ସୁଦ୍ଧା କୌଣସି ଇବୋଲା ମାମଲା ଚିହ୍ନଟ ହୋଇନାହିଁ, ତଥାପି ସରକାର କ୍ୱାରେଣ୍ଟିନ, କେସ୍ ମ୍ୟାନେଜମେଣ୍ଟ ଏବଂ ଲାବୋରେଟୋରୀ ପରୀକ୍ଷା ପାଇଁ ବିସ୍ତୃତ ମାର୍ଗଦର୍ଶିକା (ଏସ୍‌ଓପି) ଜାରି କରିଛନ୍ତି।

### ଅଂଶୁଘାତରେ ଗଲା...

କରିଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଧୀନ ଅର୍ଜୁନଚୁଆ ଗ୍ରାମର ପ୍ରଭୁଶାଇ ମୁଣ୍ଡାଙ୍କ ପୁଅ ସୁସାର ମୁଣ୍ଡା (୩୫) କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଗାଁ ମୁଣ୍ଡ ଏକ ଗଛମୂଳରେ ଶୋଇ ପଡ଼ିଥିଲେ। ଦୀର୍ଘ ସମୟ ଧରି ନଉଠିବାରୁ ଗାଁ ଲୋକେ ସନ୍ଦେହ କରି ପଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ ସୁଦ୍ଧା ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଶିମିଳିପାଳରେ ପୁଣି କଳାବାଘ ଶିକାର

ବାରିପଦା,୨୧।୫(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ ପୁଣି ଗୋଟିଏ କଳାବାଘ ଶିକାର ହୋଇଛି। ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏଫ) ଗୋଟିଏ କଳାବାଘ ଛାଲ ଜବତ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଏସ୍‌ଟିଏଫ୍ ୩ ଅଭିଯୁକ୍ତଙ୍କୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ, ଖୁଣ୍ଟା ଥାନା କୁସୁମଘାଟି ଗ୍ରାମର ଗଙ୍ଗାଧର ମୁର୍ମୁ (୬୨), କୁଳିଅଣା ଥାନା କାଠରୁମା ଗ୍ରାମର ରାମଦାସ ହେମ୍ବ୍ରମ (୪୦), ବାଙ୍ଗରିପୋଷି ଥାନା ଯୋକା ଗ୍ରାମର ଭିମା ବାସ୍କେ (୪୦)। ସେମାନଙ୍କଠାରୁ ୩ଟି ବାଇକ୍, ୨ଟି ମୋବାଇଲ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗାତରେ ପଡ଼ି ଆହତ ହେତୁ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ଆହୁରି କିଛି ଅଭିଯୁକ୍ତଙ୍କ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ତନାଘନା ଚଳାଇଛି। ଗୁରୁବାର ଅପରାହ୍ଣରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ-କ୍ଷେତ୍ର ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ସୂଚନା



ଦେଇଛନ୍ତି। ମୃତ ବାଘଟି ପାଖାପାଖି ୨ବର୍ଷର ଶାବକ ବୋଲି ଅନୁମାନ କରାଯାଉଛି। ପରୀକ୍ଷାଗାରକୁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଓ ସବିଶେଷ ସୂଚନା ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

ଏହାକୁ ମିଶାଇ ଶିମିଳିପାଳରେ ଏହା ତୃତୀୟ କଳାବାଘ ଶିକାର ଘଟଣା। ଭାରତରେ କେବଳ ଶିମିଳିପାଳରେ ହିଁ କଳାବାଘ ଦେଖାଯାଆନ୍ତି। ପୂର୍ବ ଗଣନା ଅନୁସାରେ,

### ଛାଲ ବିକ୍ରି ବେଳେ ୩ ଗିରଫ

ଶିମିଳିପାଳରେ ୧୪ଟି କଳାବାଘ ଥିଲେ। ଶିକାରୀଙ୍କ ଲୋଲୁପଦୃଷ୍ଟି ପାଇଁ ଏବେ ତାଙ୍କ ଜୀବନ ଅସୁରକ୍ଷିତ। ଅପରପକ୍ଷେ, ଶିକାର ବନ୍ଦ ପାଇଁ ଶିମିଳିପାଳରେ ୭ଟି ସନ୍ଧାନୀ କୁକୁର ସ୍କ୍ୱାଡ୍, ଏସ୍‌ଟିଏଫ୍, ଗୁଇନ୍ଦା ଟିମ୍ ଓ ଏଆଇ କୌଶଳ ଦ୍ୱାରା ଅଧିକରୁ ଅଧିକ କୌଶଳ ବିଭାଗ ପକ୍ଷରୁ ଆପଣାଯାଉଛି ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

# ବିଧବାଙ୍କୁ ଦୁଷ୍କର୍ମ ପରେ ହତ୍ୟା!

## ଗୋଡ଼ହାତ ବନ୍ଧା ଅବସ୍ଥାରେ ଶବ ଉଦ୍ଧାର

ବେତନଟୀ, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ୫୨ବର୍ଷୀୟା ବିଧବା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ତାଙ୍କ ହାତ-ଗୋଡ଼ ବାନ୍ଧି ତଣ୍ଟି ଚିପି ହତ୍ୟା କରିଛି ବୋଲି ସନ୍ଦେହ କରାଯାଉଛି। ମହିଳାଜଣଙ୍କ ଗାଁରେ ଏକାକୀ ରହୁଥିବା ବେଳେ ତାଙ୍କର ଏକମାତ୍ର ପୁଅ ପଣ୍ଡିଚେରୀରେ ଚାକିରି କରନ୍ତି। ମହିଳାଜଣଙ୍କ ମଧ ଗାଁରେ ଏକ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାର ଉଦ୍ଦେଶ୍ୟ ଓ ଦୁଷ୍କର୍ମକାରୀର ପରିଚୟ ଚିହ୍ନଟ କରିବା ପାଇଁ ପୁଲିସ ତନାଘନା ଜାରି ରଖିଛି। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମହିଳାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିବା ପରେ ତାଙ୍କ ହାତ ଓ ଗୋଡ଼ ବାନ୍ଧି ପାଟିରେ କନା ପୂରାଇ ତଣ୍ଟି ଚିପି ହତ୍ୟା କରିଥିଲା। ମହିଳାଙ୍କ ଶରୀରକୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରଖାଯାଇଥିଲା। ଗୁରୁବାର ସକାଳେ ପାଖ ପଡ଼ୋଶୀ ଦୋକାନରୁ ସାମଗ୍ରୀ କିଣିବାକୁ ଆସି ତାଙ୍କୁ ଦୋକାନରେ ନପାଇ ଡାକିଥିଲେ। ସେ ନ ଶୁଣିବାରୁ କବାଟ ଖୋଲାଥିବା ଦେଖି ଭିତରକୁ ପଶିଥିଲେ। ସେଠାରେ ଏହି ଭୟଙ୍କର ଦୃଶ୍ୟ ଦେଖିବାକୁ ପାଇଥିଲେ। ଏହି ଜଘନ୍ୟ ଘଟଣା ଗ୍ରାମାଞ୍ଚଳରେ ମହିଳା ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକେ ଦୁର୍ବୃତ୍ତକୁ ଶୀଘ୍ର ଚିହ୍ନଟ କରି ଗିରଫ କରିବାକୁ ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.01 dtd.21.05.2026 I Rushi Bhue, S/o- Nimain Bhue, R/o- Vill.- Damapali, Po.- Sarkanda, Ps.- Sohela, Dist.- Bargarh state that, I have changed my minor son's name from **Sanskar Bhoi** to **Sanskar Bhue**. Henceforth he will be known as **Sanskar Bhue** for all purposes.

# ମେଲୋଡି କାର୍ଯ୍ୟକ୍ରମରେ ଯୁବକଙ୍କୁ ଛୁରାମାଡ଼



ଭବାନୀପାଟଣା, ୨୧।୫(ସମିସ): ମେଲୋଡ଼ି କାର୍ଯ୍ୟକ୍ରମରେ ଯୁବକଙ୍କୁ ଛୁରାମାଡ଼। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଖେଳ ପଡ଼ିଆରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆହତ ଯୁବକଜଣଙ୍କ ହେଲେ, କନାବିରା ଗାଁର ଦିନେଶ ଶବର(୨୪)। ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦିନେଶଙ୍କ ବାପା ଜାଗର ଶବରଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ ୨୦୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଟାଉନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି। ସୂଚନାନୁଯାୟୀ, ଗତରାତିରେ ଭବାନୀପାଟଣା ସଦର ବିଧାୟକଙ୍କ ଦ୍ୱାରା ଲାଲବାହାଦୂର ଶାସ୍ତ୍ରୀ ଖେଳପଡ଼ିଆରେ ଖେଳମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇନ୍‌ଡୋର୍ ଗେମ୍ ସହ କ୍ରିକେଟ ମ୍ୟାଚ୍ ଚାଲିଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଯୁବକ ଦିନେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପଛପଟୁ ତାଙ୍କୁ ଛୁରି ଭୁସି ଦେଇଥିଲେ।

# ଭିଜିଲାନ୍ସ ଜାଲରେ ବରିଷ୍ଠ ସହାୟକ, ପିଅନ



ବଲାଙ୍ଗିର,୨୧।୫(ସମିସ): ଲାଞ୍ଚ କାରବାର ଅଭିଯୋଗରେ ବଲାଙ୍ଗିର ଏଆରସିଏସ୍ କାର୍ଯ୍ୟାଳୟର ୨ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେମାନେ ହେଲେ, ବରିଷ୍ଠ ସହାୟକ ଅନିଲ ପଣ୍ଡା ଓ ପିଅନ ହରେକୃଷ୍ଣ ମାଝୀ। କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରିବା ପାଇଁ ଅନିଲ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ପ୍ରଥମ କିସ୍ତି ଭାବେ ୭୦ ହଜାର ଟଙ୍କା ପିଅନ ହରେକୃଷ୍ଣ ମାଝୀଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଯୋଜନାବଦ୍ଧ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ୭୦ ହଜାର ଟଙ୍କା ବ୍ୟାଙ୍କ ମାଧ୍ୟମରେ ଗ୍ରହଣ କରୁଥିବା ସମୟରେ ଉଭୟଙ୍କୁ କାବୁ କରିଥିଲା। ପରେ ଦୁଇ ଅଭିଯୁକ୍ତଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରେ ତଦନ୍ତ ଜାରି ରହିଛି।

OFFICEOFTHEBLOCK DEVELOPMENT OFFICER 19001/74/2627
OUPADA,BALASORE
Email–ori-Oupada@nic.in
INVITATIONFORBIDSTHROUGHe-Procurement
BidIdentificationNo. PS-Oupada-01 of 2026-27

**Invitation for Bids**

| | | | |
|---|---|---|---|
| 1. | TheBLOCK DEVELOPMENT OFFICER,OUPADA,BALASORE,onbehalfofGovernorofOdisha,invitespercentageratebidsinsinglecoversysteminONLINEMODEonly,for Constructionof Buildingworksdetailedbelow. | | |
| 2. | Natureofwork | : | CivilWorks |
| 3. | No.ofwork | : | One |
| 4. | Bid Cost. | : | ₹ 6,000/- |
| 5. | Class ofContractor | : | "B'&'C'License |
| 6. | Availability of BidDocumentsinthewebsite | : | From10.00AMof 20-05-2026to5.00PMof 03-06-2026 |
| 7. | DateofOpeningofBid | : | Dt.04-06-2026 at10:00 AM.onwards |
| 8. | TheBiddershavetoparticipateinONLINEbiddingonly.Furtherdetails canbeseenfromthewebsite:https://tendersodisha.gov.in.Anyaddendum/corrigendum/cancellation oftender canalsobeseeninthesaidwebsiteonly. | | |

OIPR-19001/19139/1/26-27/0001
Block Development Officer,
Oupada, Balasore

OFFICE OF THE SUPERINTENDING ENGINEER 32001/263/2627
QUALITY ASSURANCE DIVISION, CUTTACK, JAGATPUR
seqadcuttack7@gmail.com
Phone No-06712964167
Quotation Call Notice No. 01 /2026-27

Sealed quotations are invited in the prescribed format from the interested reputed Travel Agencies / Tour Operators / Individuals having valid & up to date registration under GST Act for providing vehicle with driver which shall conform to the terms and conditions mentioned in the format available in the O/o Superintending Engineer, Quality Assurance Division, Cuttack, Jagatpur on or before dt. 29.05.2026, 2.00 PM.

1. Quotation format will be available in the O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt. 22.05.26 to 2.00 PM. of dt. 29.05.26 without any tender paper cost.
2. Duly filled quotation format issued by this office should be in the box kept in O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt.22.05.26 to 2.00 PM. of dt.29.05.26 (during office hours of working days) and shall be opened on dt. 29.05.26 at 3.30 PM. in presence of the interested bidders or their authorized representatives during office hours.
3. Security Deposit (Refundable) for an amount of Rs. 5000.00 each vehicle must be deposited in shape of FD/ NSC / TDR /KVP duly pledged in favour of Superintending Engineer, Quality Assurance Division, Cuttack, Jagatpur along with the quotation format.
4. In case of the specified date of quotation opening being declared as holiday, the quotation will be opened at the scheduled time on the next working day.
5. The authority reserves the right to reject any or all quotation without assigning any reason thereof.

| Sl No. | Name of the work | Number of Vehicle | Paper Cost | Quotation Call Notice No |
|---|---|---|---|---|
| 1. | Hiring of Private Vehicle for Superintending Engineer, Quality Assurance Division, Cuttack, Jagatpur | 01 No. | NIL | 01/2026-27 |

OIPR-32001/32416/1/26-27/0002
Sd/- Superintending Engineer,
Quality Assurance Division, Cuttack, Jagatpur

ବ୍ୟାଙ୍କ ଅଫ୍ ବରୋଦା बैंक ऑफ़ बड़ौदा Bank of Baroda
ବଡବଜାର ଶାଖା
ଭେଙ୍କଟେଶ୍ୱର ଟେମ୍ପୁଲ ରୋଡ୍,
ବ୍ରହ୍ମପୁର, ଜିଲ୍ଲା:ଗଞ୍ଜାମ-୭୬୦୦୦୨

**ଲକର ନୋଟିସ୍**

ଏତଦ୍‌ଦ୍ୱାରା ଆମ୍ଭ **ବଡବଜାର ଶାଖାର** ନିମ୍ନ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମ୍ଭେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ସେମାନେ ଦୀର୍ଘ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀମାନେ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କିମ୍ବା ଲକର ଅପରେଟ୍ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି। ତଦନୁଯାୟୀ ନିମ୍ନଲିଖିତ ଲକରଗୁଡିକୁ **ତା.୨୨.୦୮.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରେ** ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସମ୍ପୃକ୍ତ ଲକରଧାରୀମାନଙ୍କୁ ପରାମର୍ଶ କି ସେମାନେ **ତା.୨୧.୦୮.୨୦୨୬ରିଖ** ପୂର୍ବରୁ ଶାଖା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସେମାନଙ୍କର ସମସ୍ତ ଲକର ଭଡା ପରିଶୋଧ କରନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀମାନେ ବହନ କରିବେ ଏବଂ ବକେୟା ଭଡା ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ରହିଛି।

| କ୍ର. ନଂ. | ଲକର ନଂ | ଲକରଧାରୀଙ୍କ ନାମ |
|---|---|---|
| ୧. | ୯୦ | ଅନ୍ନପୂର୍ଣ୍ଣା ପଟ୍ଟନାଏକ |
| ୨. | ୮୨ | ଭି ଭି ଶ୍ରୀନିବାସ ରାଓ |

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୧.୦୫.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT
8001/100/2627
Phone No-8895976137, E-Mail : ID-dfo.koraput@odisha.gov.in
Memo No. 2816 (1F)-Accts.- /2026.Date: 19.05.2026

**TENDER CALL NOTICE FOR HIRING VEHICLE**

Sealed tender are invited from interested Reputed Travel Agencies/ Tour Operator or private individuals for providing 07 (Seven) Nos. of Vehicle (Bolero Neo or Bolero Neo Plus Diesel driven AC) vehicles having sitting capacity of seven persons including driver, which shall confirm to the Terms and Conditions (Annexure-III) for official use at different Range Offices under the establishment of Koraput Forest Division on monthly rental basis so as to reach in the office of the Divisional Forest Officer, Koraput on or before 04.06.2026 up to 5:00 P.M through Registered Post/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Koraput. The Tender will be opened in the same office on 05.06.2026 at 11:00 AM. The Bidding Documents and Terms and Condition can be downloaded from https://koraput.odisha.gov.in / https://degm.koraput@odisha.gov.in and also can be obtained from the Office of the Divisional Forest Office, Koraput Division from 22.05.2026 to 04.06.2026 during office hours. The tender inviting authority reserves the right of accepting or rejecting the tender officers or cancelling the tender without assigning any reason thereof.

OIPR-8001/8067/1/26-27/0001
Divisional Forest Officer,
Koraput Forest Division

**AUCTION NOTICE**

**State Bank of India**
Manpur, Bhaunpur

| | |
|---|---|
| Name and Address of the Borrower: | Bhulata Behera<br>C/o- Prasanta Behera<br>Po- Bhuinpur<br>Aul, Kendrapada |
| Loan A/c Number: | 41567726929 |
| Outstanding Amount: (As on 21.05.2026) | Rs.64,123/- |

We refer to our letter No- **Br/016/25-26/320** dated **22/01/2026** informing you to repay the dues in your gold loan account.

As we have not received the payment in your account within the stipulated time mentioned in our letter, we are constrained to auction the gold ornaments pledged to the bank to realise our dues.

The auction will be held at **Manpur branch** at **11:00 AM on 28/05/2026.**

Sd/-
Branch Manager

GOVERNMENT OF ODISHA 8001/102/2627
DEPARTMENT OF FORESTS, ENVIRONMENT & CLIMATE CHANGE
OFFICE OF THE DIVISIONAL FOREST OFFICER
REDHAKHOL FOREST DIVISION, DIST: SAMBALPUR, ODISHA
Phone: 06644-299949 | Email: dfo.redhakhol@odisha.gov.in
Website: www.redhakholforest.co.in

| | |
|---|---|
| Tender Notice No. | F & E/RKL/011(OFFLINE)/2026-27 |
| Date of Publication | 21.05.2026 |

**TENDER CALL NOTICE**

*Installation of Hanging Solar Tentacle Fencing in Redhakhol Forest Division*

The Divisional Forest Officer, Redhakhol Forest Division **invites sealed tenders** from reputed intending Manufacturing Firms / Dealers / Suppliers having valid GSTIN and PAN Registration for the **Installation of Hanging Solar Tentacle Fencing** in Redhakhol Forest Division.

The tender papers with detailed terms and conditions can be downloaded from the websites **www.redhakholforest.co.in, https://sambalpur.odisha.gov.in** or **www.odishaforest.in** from 11:00 hours of 21.05.2026 to 17:00 hours of 11.06.2026.

The cost of tender paper is **Rs. 1,000/- (Rupees One Thousand only)**, to be deposited by Demand Draft in favour of the **Divisional Forest Officer, Redhakhol Forest Division**, payable at Redhakhol. The tender papers may be submitted at the address mentioned below on or before **11.06.2026 till 05:00 PM** through Speed Post / Registered Post / by hand only. The tenders will be opened in the Office of the undersigned on **12.06.2026 at 11:00 AM**.

*The undersigned reserves the right to accept or reject any or all the tenders without assigning any reason thereof.*

| Sl. No. | Event | Date & Time |
|---|---|---|
| 1 | Date of Publication of Bid | 21.05.2026 |
| 2 | Last Date for Submission of Bid | 11.06.2026 • upto 05:00 PM |
| 3 | Date of Opening of Tender | 12.06.2026 • at 11:00 AM |

OIPR-8001/8146/1/26-27/0013
Sd/- Divisional Forest Officer
Redhakhol Forest Division

ସକାଳ
THE SAKALA



# ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀକୁ ଆକ୍ରମଣ; ସ୍ୱାମୀ ଗିରଫ

ବ୍ରହ୍ମପୁର, ୨୧।୫(ସମିସ)

ପରକୀୟା ପ୍ରିତୀକୁ ବିରୋଧ କରିବାରୁ ନିଜ ଦ୍ୱିତୀୟ ସ୍ତ୍ରୀକୁ ଆକ୍ରମଣ କରିବା ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ ଅନିଲ ନାୟକ(୩୨) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅନୀଲଙ୍କ ମୂଳ ଘର ଗଜପତି ଜିଲାର ଅଡ଼ବା ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଖଜୁରିଆ ବିଲ ସାହିରେ ରହୁଥିଲେ। ସୂଚନାପ୍ରକାରେ, ଅଡ଼ବା ଥାନା ଅନ୍ତର୍ଗତ ଅଟଲିମା ଗ୍ରାମର ରୀନା ବୀରୋ (୩୦) ନିଜ ପ୍ରଥମ ସ୍ୱାମୀଙ୍କ ଠାରୁ ଦୀର୍ଘ ୧୫ ବର୍ଷ ହେବ ଅଲଗା ରହୁଥିଲେ। ୧୮ ମାସ ହେବ ସେ ଅନିଲ ନାୟକଙ୍କୁ ଦ୍ୱିତୀୟ ସ୍ୱାମୀ ଭାବେ ଗ୍ରହଣ କରି ବ୍ରହ୍ମପୁର ଖଜୁରିଆ ବିଲ ସାହିରେ ରହିଆସୁଥିଲେ। ହେଲେ ଗତ କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ମେ' ୧୫ ତାରିଖରେ ଅନିଲ ତାଙ୍କ



ସ୍ତ୍ରୀଙ୍କ ସାମ୍ନାରେ ଅନ୍ୟ ମହିଳାମାନଙ୍କ ସହ ଭିଡିଓ କଲ କରି କଥା ହେଉଥିଲେ। ରୀନା ଏହାକୁ ବିରୋଧ କରିବାରୁ ଅନିଲ ଉତକ୍ଷିପ୍ତ ହୋଇ ପ୍ଲାଷ୍ଟିକ ବୋତଲ, ବାଲଟି ଓ କାଠ ଫାଳିଆରେ ମାଡ ମାରିଥିଲେ। ଏହି ଘଟଣା ପରେ ରୀନା ସୁରକ୍ଷା ପାଇଁ ସ୍ୱାମୀ ଘର ଛାଡି 'ସଖୀ ସେଣ୍ଟର'ରେ ଆଶ୍ରୟ ନେଇଥିଲେ। ଏହାପର ଦିନ ସନ୍ଧ୍ୟାରେ ଅନିଲ ସଖୀ ସେଣ୍ଟରକୁ ଯାଇ ରୀନାଙ୍କୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଓ ବୁଝାସୁଝା କରି ନିଜ ଘରକୁ ଆଣିଥିଲେ। ମାତ୍ର ଘରକୁ ଆସିବା ପରେ ଅନିଲ ମଦ୍ୟପାନ କରି ପୁଣିଥରେ ରୀନାଙ୍କ ବେକ ଚିପି ହତ୍ୟା ଉଦ୍ୟମ କରିଥିଲେ। ରୀନା ନିଜ ଜୀବନ ବିକଳରେ ରାସ୍ତାକୁ ଦୌଡ଼ି ପଳାଇଥିଲେ ମଧ୍ୟ ଅନିଲ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ସର୍ବସମ୍ମୁଖରେ ଚୁଟି ଧରି ନିର୍ଘାତ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ରୀନା କୌଣସି ମତେ ଏକ ସ୍ଥାନରେ ଲୁଚି ନିଜ ଜୀବନ ବଞ୍ଚାଇଥିଲେ। ଏପଟେ ଉତକ୍ଷିପ୍ତ ଅନିଲ ରୀନାଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରମାଣପତ୍ର ଯେପରିକି ଆଧାର କାର୍ଡ, ପାନ କାର୍ଡ ଓ ଜନ୍ମ ପ୍ରମାଣପତ୍ରକୁ ନିଆଁ ଲଗାଇ ପୋଡ଼ି ପାଉଁଶ କରିଦେଇଥିଲେ। ଏ ନେଇ ରୀନା ଗୋସାଇଁନୂଆଗାଁ ଥାନାରେ ପହଞ୍ଚି ସ୍ୱାମୀ ବିରୋଧରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୭୬/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଅଭିଯୁକ୍ତ ଅନିଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

● ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ବିଧାୟକଙ୍କ ଉପସ୍ଥିତିରେ କାମ ଯାଞ୍ଚ

କୋଦଳା, ୨୧।୫(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବେଗୁନିଆପଡ଼ା ବ୍ଲକର ବଡ ଖଇରଖମା ଠାରୁ ଚିଲିପୋଇ ପର୍ଯ୍ୟନ୍ତ ୮ କିମି ରାସ୍ତା ନିର୍ମାଣ ପାଇଁ ୫ କୋଟି ୮୯ ଲକ୍ଷ ୮୫ ହଜାର ୨୦୦ ଟଙ୍କା ଆସିଥିବା ବେଳେ ଏହି ଭରାସ୍ତାରେ ମୋଟ ୨୪ ଟି ପୋଲ ନିର୍ମାଣ ହେବା ପାଇଁ ନିର୍ଦ୍ଦେଶ ରହିଛି। ଏହି କାମରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିବା ପରେ ବିଧାୟକ ପ୍ରତାପ ନାୟକ ସିଧାସଳଖ ବ୍ରିଜ କାମ ନିକଟକୁ ଯାଇ କାମର ମାନ ଯାଞ୍ଚ କରିବା ସହ ଲୋକ ସାହାଯ୍ୟରେ ଉକ୍ତ କାମକୁ ଖୋଳି ଦେଖିଥିଲେ। ପରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଖରାପ ହୋଇଛି ବୋଲି ଅନୁଭବ ବିଭାଗୀୟ ଅଧିକାରୀଙ୍କୁ ପୋଲ ଭାଙ୍ଗି ପୁଣିଥରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ପୃକ୍ତ ଠିକାଦାରଙ୍କୁ ଏହି ପୋଲ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ପୋଲର କିଛି ଅଂଶ ନାମକୁ ମାତ୍ର ଜେସିବି ଦ୍ୱାରା ଭଙ୍ଗା ଯାଇଛି କିନ୍ତୁ ସବୁ ଭଙ୍ଗାଯାଇନାହିଁ। ଅନ୍ୟ ସବୁ ଅଂଶ ଯେମିତି ସେମିତି ଅଛି। ଯଦି ପୋଲ କାମରେ ଦୁର୍ନୀତି ହୋଇଛି ତେବେ ଅଳ୍ପ ଅଂଶରେ କେମିତି ହେଲା ସବୁ କେମିତି ଭଲ ରହିଲା ବୋଲି ଜନ ସାଧାରଣ ପ୍ରଶ୍ନ କରିବା ସହ ସମ୍ପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି।

# ପ୍ରତିଭା ଆବାସିକ କଲେଜର ଶତପ୍ରତିଶତ ସଫଳତା

● ବିଘ୍ନେଶ କୁମାର ଛତ୍ରପୁର ବ୍ଲକ ଟପ୍ପର

ଛତ୍ରପୁର, ୨୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ବିଦ୍ୟାଳୟ ଗୁଡିକର ଦ୍ୱାଦଶ ଶ୍ରେଣୀ (+୨) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏହି ପେରିପ୍ରେକ୍ଷୀରେ ଛତ୍ରପୁର ସ୍ଥିତ ପ୍ରତିଭା ଆବାସିକ ମହାବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ଯୁକ୍ତ -୨ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ଯୁକ୍ତ-୨ବିଜ୍ଞାନ ବିଭାଗର ଛାତ୍ର ବିଘ୍ନେଶ କୁମାର ଚୌଧୁରୀ ୬୦୦ ରୁ ୫୯୦ ମାର୍କ ରଖି ଛତ୍ରପୁର ବ୍ଲକ ଟପ୍ପର ହେବା ସହିତ ମହାବିଦ୍ୟାଳୟ ସବୁବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଏହା ସହିତ ମହାବିଦ୍ୟାଳୟର ୮ ଜଣ ଛାତ୍ର ଛାତ୍ରୀ ୫୪୦ରୁ ଅଧିକ ମାର୍କ ରଖିଥିବା ବେଳେ ୩୧ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ୪୫ ଜଣ ଛାତ୍ରଛାତ୍ରୀ ୪୮୦ ମାର୍କ ରଖି ମହାବିଦ୍ୟାଳୟକୁ ସୁନାମ ଆଣିଛନ୍ତି। ଚଳିତ ବର୍ଷ ପ୍ରତିଭା ଆବାସିକ ମହାବିଦ୍ୟାଳୟରେ ଯୁକ୍ତ -୨ ରେ ୧୮୮ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୪୪ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୮ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଓ ୧ ଜଣ ତୃତୀୟ ହୋଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ ଦାଶ ଓ ନିର୍ଦ୍ଦେଶକ ମୃନ୍ମୟ ଦାଶଙ୍କ ସମେତ ସମସ୍ତ ଅଧାପକ ଅଧାପିକା ମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗୁରୁବାର ମହାବିଦ୍ୟାଳୟ ପରିସରରେ ଛତ୍ରପୁର ବ୍ଲକ ଟପର ବିଘ୍ନେଶ ସହିତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ମିଷ୍ଟାନ ବର୍ଣ୍ଟନ କରାଯାଇଛି। ଏହା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ବିଘ୍ନେଶ ମୋଟ ୬୦୦ରୁ ୫୯୦ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ଭବିଷ୍ୟତରେ ଆଇଆଇଟି ଜେଇ ପଢ଼ିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ବିଘ୍ନେଶ ଛତ୍ରପୁର ବିଦ୍ୟାଧର ନଗର ବାସିନ୍ଦା ହୋଇଥିବାବେଳେ ପ୍ରତିଭା ଆବାସିକ ମହାବିଦ୍ୟାଳୟରେ ପାଠ ପଢୁଥିଲେ। ତାଙ୍କର ସଫଳତା ପାଇଁ ସେ ତାଙ୍କ ବାପା ମା ଓ ଭାଇ ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି।

# ତାରାତାରିଣୀ କଲେଜର ସଫଳତା



ପୁରୁଷୋତ୍ତମପୁର, ୨୧।୫(ସମିସ): ପୁରୁଷୋତ୍ତମପୁର ତାରାତାରିଣୀ କଲେଜକୁ ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷାରେ ବଡ଼ ସଫଳତା ମିଳିଛି। ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ସାହୁ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ପ୍ରତ୍ୟକ୍ଷ ତଦାରଖ ଯୋଗୁଁ ଏଭଳି ଗୌରବ ମିଳିଥିବାର ଜଣାପଡ଼ିଛି। କଲେଜରେ ଯୁକ୍ତଦୁଇ ବିଜ୍ଞାନରେ ୮୯.୮୬ ପ୍ରତିଶତ ରେଜଲ୍ଟ ରହିଥିବା ବେଳେ କଳାରେ ୯୮.୩୯ ପ୍ରତିଶତ ରେଜଲ୍ଟ ରହିଛି। ବିଜ୍ଞାନରେ ଝିଅଙ୍କୁ ପଛରେ ପକାଇ ପୁଅମାନେ ବାଜିମାତ କରିଛନ୍ତି। ବିଜ୍ଞାନରେ ସମୁଦାୟ ୩୦୬ ଜଣ ପରୀକ୍ଷା ଦେଇଥିବା ବେଳେ ୨୭୮ ଜଣ ପାସ୍ କରିଛନ୍ତି। ମୋଟ୍ ୬୦୦ ମାର୍କରୁ ୧୩ ଜଣ ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ୍‌କରିଛନ୍ତି। ସେଥିମଧ୍ୟରୁ ଶୁଭମ୍ ବାଡ଼ତ୍ୟା ୫୭୫ ମାର୍କରଖି ୯୬% ହାସଲ କରିଥିବା ବେଳେ କାର୍ତ୍ତିକେୟ ମହାନ୍ତି ୯୪% ହାସଲ କରିଛନ୍ତି। ସେହିପରି କଳାରେ ୩୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୩୦୭ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୫ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତ। ପ୍ରଥମଶ୍ରେଣୀରେ ୧୩୩ ଜଣ, ଦ୍ଵିତୀୟ ଶ୍ରେଣୀରେ ୭୬ ଜଣ ଓ ତୃତୀୟ ଶ୍ରେଣୀରେ ୯୮ ଜଣ ପାସ୍ କରିଛନ୍ତି। ସ୍ମୃତି ବେହେରା ୫୨୬ ମାର୍କ ରଖିଥିବା ବେଳେ ପୂଜାଗୌଡ଼ ୫୧୬ ଓ ରୁକ୍ମିଣୀ ପଣ୍ଡା ୫୧୦ ମାର୍କରଖି କଲେଜ ପାଇଁ ଗୌରବ ଆଣିଛନ୍ତି। ଏହିଅବସରରେ କଲେଜ ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ସାହୁ ସମସ୍ତ ସଫଳତା ଛାତ୍ର ଛାତ୍ରୀ ଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷକ ଶିକ୍ଷୟିତ୍ରୀ, ଅବିଭାବକ ଓ କର୍ମଚାରୀ ମାନଙ୍କ ସହଯୋଗକୁ ଭୂୟସୀ ପ୍ରଶଂସା କରିଛନ୍ତି।

# ସତୀ ଲୁହରେ ଜଳୁଛି ଲଙ୍କା ମଞ୍ଚସ୍ଥ



ଧରାକୋଟ, ୨୧।୫(ସମିସ): ଧରାକୋଟ ବ୍ଲକର ସରଧାପୁର ପଞ୍ଚାୟତ ଅନ୍ତର୍ଗତ କୁସରାବ ଗ୍ରାମରେ ସତୀ ଲୁହରେ ଜଳୁଛି ଲଙ୍କା ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗଦେଇ ଏହାର ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ସରପଞ୍ଚ ଦିଲୀପ ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ପଣ୍ଡା, ସରପଞ୍ଚ ମାଧୁରୀ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା, ସମାଜସେବୀ ଚନ୍ଦ୍ରମଣି ପାତ୍ର, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ନାଟ୍ୟ ଶିରୋମଣି ଈଶ୍ୱର ଚନ୍ଦ୍ର ପଣ୍ଡିତ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ କୁସରାବ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ରାଜଶ୍ରୀ ବଳାସି ସମାଜର ବାର୍ଷିକ ସମ୍ମିଳନୀ



ପୋଲସରା, ୨୧।୫(ସମିସ): ରାଜଶ୍ରୀ ବଳାସି ସମାଜର ଦୁଇ ଦିନିଆ ବାର୍ଷିକ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଅଭ୍ୟର୍ଥନା ପରିଷଦର ସଭାପତି ଭଗବାନ ସାହୁଙ୍କ ସଭାପତିତ୍ୱରେ ସମାଜର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଦୁଇ ଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ପୁଅ ଦୀପକ ପ୍ରଧାନ, ମାଳ ତେନ୍ତୁଳିଆ ସମିତି ସଭ୍ୟା ସଞ୍ଜୁକ୍ତା ପ୍ରଧାନ, ବିଜେପି ଜିଲ୍ଲା ସମ୍ପାଦକ ପୃଥ୍ୱୀରାଜ ମହାପାତ୍ର ଯୋଗଦେଇ ସମାଜର ଗୌରବ ଗାରିମା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହାସହିତ ଜିଲ୍ଲା ପରିଷଦ ସଭ୍ୟ ବଳରାମ ସାହୁ, ଆସିକା ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଳୁଧର ସାହୁ, ରାଜଶ୍ରୀ ବଳାସି ସମାଜର କେନ୍ଦ୍ର ସଭାପତି ଚନ୍ଦ୍ରଶେଖର ସାହୁ, ଉପସଭ ସୁମନ୍ତ ସାହୁ, ସମ୍ପାଦକ ଭଗବାନ ପ୍ରଧାନ, ଯୁଗ୍ମ ସମ୍ପାଦକ କାଳୁ ଚରଣ ସାହୁ, ସହ ସମ୍ପାଦକ ରାଧାମାଧବ ପ୍ରଧାନ ଓ ରାମଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁ, ନାୟକ ବିକ୍ରମ ସାହୁ, ପାତ୍ର ସଞ୍ଜୟ ସାହୁ, ହରିହର ପ୍ରଧାନ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ ସମେତ ସମାଜର ଅନ୍ୟ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।

# ପ୍ୟାକ୍ସ ସମ୍ପାଦକଙ୍କ ସମୀକ୍ଷା ବୈଠକ

ଆସିକା, ୨୧।୫(ସମିସ): ଆସିକା ସମବାୟ ଚିନିଶିଳ୍ପର କୃଷକ ଭବନ ଠାରେ ଗୁରୁବାର ଦିନ ପ୍ୟାକ୍ସ ସମ୍ପାଦକ ମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଏବଂ ଅତିରିକ୍ତ ଶାସନ ସଚିବ ଡାକ୍ତର ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିନୀଶୀଳ୍ପ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ଯୋଗମାୟା ସାବତ, ଡିଆରସିଏସ, ଗଞ୍ଜାମ, ଏଆରସିଏସ, ଆସ୍କାର ବିଜୟ କୁମାର ସାହୁ, ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଏବଂ ବିଭିନ୍ନ ଯୋଜନାର ଜିଲ୍ଲା ସଂଯୋଜକ ମାନେ ବୈଠକରେ ଯୋଗଦେଇ ଆଲୋଚନାରେ



ଅଂଶଗ୍ରହଣ କରିଥିଲେ। ସମବାୟ ମାଧ୍ୟମରେ ସମବାୟର ଉନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆସ୍କା ସମବାୟ ଚିନି ଶିଳ୍ପର ଉନ୍ନତି ପାଇଁ ଆଖୁ ଚାଷ ଉତ୍ପାଦନ ବୃଦ୍ଧି କରିବାରେ ସମବାୟ ସମିତି ସମ୍ପାଦକମାନଙ୍କ ସହଯୋଗ କାମନା କରାଯାଇଥିଲା। ଏଥିପାଇଁ ଆସିକା ସୁଗାର ଇଣ୍ଡଷ୍ଟ୍ରି ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା କରାଯାଇଥିବା ବିଷୟ ପରିଚାଳନା ନିର୍ଦ୍ଦେଶକ ଏବଂ ସଭାପତି ପ୍ରକାଶ କରିଥିଲେ। ସମସ୍ତ ସମ୍ପାଦକ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସମବାୟ ବ୍ୟାଙ୍କ ମାଧ୍ୟମରେ ଆଖୁ ଚାଷୀମାନଙ୍କୁ ଋଣ ଯୋଗାଣ କରିବା ଉପରେ ମଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# କର୍କଟ ପୀଡ଼ିତାଙ୍କୁ ବିଧାୟକଙ୍କ ସହାୟତା

ରମ୍ଭା, ୨୧।୫(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଲିଆ ଗ୍ରାମ ପଞ୍ଚାୟତର ଅନୁପମ ପରିଡ଼ାଙ୍କ ଦ୍ୱିତୀୟ ପୁତ୍ର ଶ୍ରେୟାନ୍ସ ପରିଡ଼ା ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ବ୍ଲଡ଼ କ୍ୟାନ୍ସର ରୋଗରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ନିମନ୍ତେ ଶିଶୁର ବାପା ମାଆ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ଓ ଖଲ୍ଲିକୋଟ ତହସିଲଦାର ମାଲେସି ପାତ୍ରଙ୍କୁ ଶିଶୁର ଚିକିତ୍ସା ନିମନ୍ତେ ନିବେଦନ ଜଣାଇଥିଲେ। ଅନୁରୋଧ ରକ୍ଷା କରି ଉଭୟ ବିଧାୟକ ଓ ଖଲ୍ଲିକୋଟ ତହସିଲଦାର, ସମାଜସେବୀ କଲ୍ୟାଣୀ ପଲାଇ ସହିତ ଦଳୀୟକର୍ମୀ ମାନଙ୍କୁ ନେଇ ସାବୁଲିଆ ଗ୍ରାମରେ ତାଙ୍କ ବାସଭବନରେ ପହଞ୍ଚି ୩୦ହଜାର ଟଙ୍କାର ଏକ ଚେକ ତାଙ୍କ ଜେଜେମାଙ୍କୁ ପ୍ରଦାନ କରିଥିଲେ। ଚିକିତ୍ସିତ ପରିବାର ଗ୍ରାମର ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ପକ୍ଷରୁ ଭୁୟଂଶୀ ପ୍ରଶଂସା କରାଯାଇଛି।

# କିଲାପାଙ୍ଗାରେ କୃଷିଭିତ୍ତିକ ତାଲିମ କାର୍ଯ୍ୟକ୍ରମ

ଜି.ଉଦୟଗିରି, ୨୧।୫(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷି ବିଭାଗର ମିଳିତ ସହଯୋଗରେ ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ପଞ୍ଚାୟତର କିଲାପାଙ୍ଗାରେ ଧାନ ପରବର୍ତ୍ତି ପଡ଼ିଆ ଜମିର ବିସ୍ତୃତ ପରିଚାଳନା ପ୍ରକଳ୍ପରେ କ୍ଷେତ୍ର ଦିବସ ସହିତ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚାଷ କରାଯାଇଥିବା ଧଳା ମଟରର ମଧ ଶସ୍ୟ କାଟ ଦିବସ ପାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ଯୋଗ ଦେଇ ଚାଷୀଙ୍କୁ ଉତ୍ସାହିତ କରିବା ସହିତ ଜମିର ଉର୍ବରତାକୁ ବଢ଼ାଇବା ପାଇଁ ଅଧିକାରୀ ଦେଉଥିବା ପରାମର୍ଶ ମାନିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଚକାପାଦ ଗୋଷ୍ଠୀ କୃଷି ଅଧିକାରୀ ନିକୁଞ୍ଜ ବିହାରୀ ନାୟକ, ସହ କୃଷି ଅଧିକାରି ପ୍ରିୟଦର୍ଶିନି ମଲ୍ଲିକ ଓ କୃଷି ପରିଦର୍ଶକ କାଳିଚରଣ ସାହୁ ଯୋଗ ଦେଇ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ମଟର ଓ ବିରି ଚାଷ କରାଯାଇ ପାରିବ ସେନେଇ ପ୍ରଶିକ୍ଷଣ ଦେଇଥିଲେ। ଏପରି କଲେ କମ୍ ପାଣିରେ କିପରି ଫସଲ ସଠିକ ଭାବରେ ଅମଳ ହୋଇ ପାରିବ ବୋଲି କହିଥିଲେ। ଏହି ଫସଲକୁ ଅଧିକ ଦିନ ଘରେ ସାଇତି ରଖାଯାଇପାରିବ ଓ ପରବର୍ତ୍ତୀ ସମୟରେ ଚାଷୀ ଚାହିଁଲେ ଅଧିକ ଦରରେ ମଧ ବିକ୍ରି କରି ଅଧିକ ରୋଜଗାର କରିପାରିବେ। ଏଥି ସହିତ ରୋଗ ପୋକ ପରିଚାଳନା କଥା ଦେଖିଲେ ଏହି ଚାଷ ଅଧିକ ଭଲ କାରଣ ଖରିଫ ଚାଷ ଅପେକ୍ଷା ରବି ଚାଷରେ ଫସଲ ଗୁଡିକ ପାଇଁ କମ ଭୟ ଥାଏ ତତ ସଙ୍ଗେ ସଙ୍ଗେ ଗୋଟିଏ ଜମିରୁ ଦୁଇଟି ଫସଲ ମିଳିପାରିବ ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ବ୍ଲକ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ହୃଷୀକେଶ ଅମାୟତ ସହଯୋଗ କରିଥିଲେ।

# ଫାର୍ମାସୀ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୨୧।୫(ସମିସ): ବ୍ରହ୍ମପୁର ସହରର ଏକ ଫାର୍ମାସୀ କଲେଜରେ ପଢୁଥିବା ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ। ସେ ହେଲେ ପୁରୀ ଜିଲା ଗୋପ ବ୍ଲକର ଅମରେଶ ପାତ୍ର(୨୧)। ସୂଚନାପ୍ରକାରେ, ଅମରେଶ ବ୍ରହ୍ମପୁରର ଏକ ଘରୋଇ ଫାର୍ମାସୀ କଲେଜରେ ବି-ଫାର୍ମା ପଢୁଥିବା ବେଳେ ବୈକୁଣ୍ଠନଗର ପ୍ରଥମ ଲାଇନରେ ଥିବା ଏକ ରୁମରେ ୩ ଜଣ ସହପାଠୀଙ୍କ ସହ ମିଳିମିଶି ରହୁଥିଲେ। ବୁଧବାର ରାତିରେ ସମସ୍ତେ ନିଜ ରୁମକୁ ଯାଇ ଶୋଇଥିଲେ। ହେଲେ ସକାଳୁ ଉଠିବା ବେଳେ ଅମରେଶ ବକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ସହପାଠୀମାନେ ଦେଖିଥିଲେ। ସେ ପଞ୍ଚିଥିବା ଭାବି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଠାରୁ ଖବର ପାଇ ଅମରେଶଙ୍କ ବାପା ରବିନାରାୟଣ ପାତ୍ର ବ୍ରହ୍ମପୁରରେ ପହଞ୍ଚି ପୁଅର ଶବ ଚିହ୍ନଟ କରିଥିଲେ। ପୁଲିସ ଏମକେସିଜିରୁ ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା। ଅମରେଶଙ୍କ କୋଠରୀରୁ ମିଳିଥିବା ତାଙ୍କ ମୋବାଇଲକୁ ଆଧାର କରି ପୁଲିସ ତଦନ୍ତ ଜାରି ରଖିଛି। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ଗୋପାଳ ସମାଜର କର୍ମକର୍ତ୍ତା ଚୟନ

ବୁଗୁଡ଼ା, ୨୧।୫(ସମିସ): ବୁଗୁଡ଼ା ବ୍ଲକର କୁଆଁନଳା ଗ୍ରାମ ଗୋପାଳ ସମାଜ ଗୃହରେ ବୁଗୁଡ଼ା ମୁଠା ଷୋହଳ ଖଣ୍ଡ ଗୋପାଳ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଗୋପାଳ ସମାଜର ପ୍ରାକ୍ତନ ସଭାପତି ବିପ୍ର ଚରଣ ଗୌଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ପ୍ରଫୁଲ୍ଲ କୁମାର ଗୌଡ-ସଭାପତି, ବୈକୁଣ୍ଠ ନାଥ ଗୌଡ, ଉପସଭାପତି, ନାରାୟଣ ଗୌଡ-ସମ୍ପାଦକ, ଚରଣ ଗୌଡ-ସହସମ୍ପାଦକ, ରମାକାନ୍ତ ଗୌଡ଼-କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି।

# ବିଧାୟକଙ୍କୁ ପମ୍ପ ଚାଳକ ସଂଘର ସ୍ମାରକପତ୍ର

ବେଲଗୁଣ୍ଠା, ୨୧।୫(ସମିସ): ବିଭିନ୍ନ ଦାବି ନେଇ ଗଞ୍ଜାମ ଜିଲ୍ଲା ସ୍ୱାବଲମ୍ବୀ କାରିଗର ଏବଂ ପମ୍ପ ଚାଳକ ସଂଘ ତରଫରୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ୱାବଲମ୍ବୀ କାରିଗର ଏବଂ ପମ୍ପ ଚାଳକମାନଙ୍କ ସୂଚନା ପ୍ରକାରେ ସେମାନେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକରେ ଦୈନିକ ଦଶ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କାମ କରିବା ସହିତ ଗ୍ରାମ ଗୁଡିକରେ ସ୍ଥାପିତ ନଳକୂଅ ଗୁଡ଼ିକର ମରାମତି ମଧ୍ୟ କରିଥାନ୍ତି। ସେମାନେ ୨୦୦୨ ମସିହାରୁ ଏହି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ସକାଶେ ସେମାନେ ବିଧାୟକଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘର ଜିଲ୍ଲା ସଭାପତି ପ୍ରମୋଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ବେଲଗୁଣ୍ଠା ବ୍ଲକ ସଭାପତି ଭଗବାନ ବେହେରା, ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ, ପ୍ରସନ୍ନ କୁମାର ପ୍ରଧାନ, ଘନଶ୍ୟାମ ନାହାକ, ଗନ୍ଧି ଗୌଡ଼, ଚନ୍ଦ୍ରଶେଖର ଗୌଡ଼, ବୁଲୁ ପାଣିଗ୍ରାହୀ, ନାରାୟଣ ବିଶ୍ୱାଳଙ୍କ ସମେତ ଜିଲ୍ଲା ଏବଂ ବ୍ଲକ କମିଟିର ସଦସ୍ୟମାନେ ସୋରଡ଼ା ବିଧାୟକ ଶ୍ରୀ ବିଷୋୟୀଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ବିଜ୍ଞାନରେ ଅନ୍ୱେଷା ଓ କଳାରେ ଜିତ୍ ବ୍ଲକ ଟପ୍ପର

ପୋଲସରା, ୨୧।୫(ସମିସ): ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷାରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଚିରିକିପଡ଼ା ପଞ୍ଚାୟତ ନରସିଂହପଲ୍ଲୀ ସ୍ଥିତ ଶଶିକଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ରୀ ଅନ୍ୱେଷା ମିଶ୍ର ଟପ୍ପର ହୋଇଛନ୍ତି। ସେ ସର୍ବମୋଟ ୬୦୦ରୁ ୫୫୧ ମାର୍କ ଶତକଡ଼ା ୯୧.୯୯% ମାର୍କ ରଖି ସମଗ୍ର ପୋଲସରା ବ୍ଲକରେ ଟପ୍ପର ହୋଇଛନ୍ତି। ତାଙ୍କର ପିତା ପୋଲସରା ତହସିଲ କାର୍ଯ୍ୟାଳୟ ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର ଏବଂ ମାତା ଅମିତା ମିଶ୍ର ପୋଲସରା ୧୯ ନଂ ୱାର୍ଡ ଦାଶରଥି ନଗରର ବାସିନ୍ଦା ଅଟନ୍ତି। +୨ କଳାରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଜିତ୍ କୁମାର ପ୍ରଧାନ ୫୨୭ ମାର୍କ ଓ ଶତକଡ଼ା ୮୭ ପ୍ରତିଶତ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏଭଳି ସଫଳତାରେ ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ଶଶିକଳା ପାଢ଼ୀ, ପ୍ରିନ୍ସିପାଲ୍ ଇନ୍ଦ୍ରଜିତ୍ ବିଷୋୟୀଙ୍କ ସମେତ ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସିପାଲ ଡଃ ଦିଲ୍ଲୀପ କୁମାର ନାୟକ ଓ କମିଟିର ଅନ୍ୟ ସମସ୍ତ କର୍ମକର୍ତ୍ତା, ଅଧାପକ/ଅଧାପିକା ଆନନ୍ଦ ପ୍ରକାଶ କରିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଛନ୍ତି।

# ମତ୍ସ୍ୟ ନିର୍ଦ୍ଦେଶକଙ୍କୁ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ସଙ୍ଘ

ରମ୍ଭା, ୨୧।୫(ସମିସ): ମତ୍ସ୍ୟ ନିର୍ଦ୍ଦେଶକ ଓଡ଼ିଶା ଗଞ୍ଜାମ ଗସ୍ତ ସମୟରେ ଚିଲିକା ମତ୍ସ୍ୟଜୀବୀ ସଙ୍ଘ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଗୁଡିକ ହେଲା ପାଲୁରୁ ସାହେବ କେନାଲ ଖୋଳି ଓସାର, ଗଭୀର କରିବା, ୨୦୧୮ ମସିହାରୁ ଲିଜ ଏଗ୍ରିମେଣ୍ଟ ବନ୍ଦ ଥିବା ପୁନଃ ପ୍ରଚଳନ କରିବା, ୧୯୮୮-୮୯ ଚିଲିକା ପଲିସୀ ପ୍ରଚଳନ କରିବା, ୪୭୦୦୦ ଏକର ମତ୍ସ୍ୟ ସୈରାତ ସୁରକ୍ଷିତ କରି ଉଦ୍ଧାର କରିବା, ମଶାରୀ ଘେରି ମାଟି ବନ୍ଧ ଘେରି ଉଚ୍ଛେଦ କରିବା,



ବାଲୁଗାଁ ଜୀବ ପ୍ରଯୁକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଡ଼ଙ୍ଗା, ଜାଲ ଓ ମେସିନ ସହାୟତା ରାଶି ଘୋଟାଲା ଓ ଅନିୟମିତତା ତଦନ୍ତ କରି ଉପଯୁକ୍ତ ମତ୍ସ୍ୟଜୀବୀଙ୍କୁ ସରକାରୀ ଯୋଜନା ଗୁଡିକ ଠିକ ଲୋକଙ୍କୁ ଦେବା, ଅଣ ମତ୍ସ୍ୟଜୀବୀ ପାଉଥିବା ସୁବିଧା ତଦାରଖ କରିବା, ସମସ୍ତ ମତ୍ସ୍ୟଜୀବୀ ସମବାୟ ସମିତିର ସମ୍ପାଦକ ଓ ସଭାପତିଙ୍କୁ ଦାୟିତ୍ୱ ସମ୍ପନ୍ନ କରି କାର୍ଯ୍ୟକ୍ଷମ କରିବା, ମତ୍ସ୍ୟ ଅଧିକାରୀ ପ୍ରତ୍ୟେକ ଗ୍ରାମକୁ ଯାଇ ସୁବିଧା ଅସୁବିଧା କଥା ତଦାରଖ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ତତ୍ତ୍ୱାବଧାନରେ ସମିତିର ସଭାପତି, ସମ୍ପାଦକ ନେତୃତ୍ୱ ମଣ୍ଡଳୀ ରଘୁନାଥ ବେହେରା, ବିଜୟ କୁମାର ବେହେରା, ଦଣ୍ଡପାଣି ବେହେରା ଓ ଅନ୍ୟାନ୍ୟ ସମସ୍ତ ଉପସ୍ଥିତ ଥିଲେ।

# ସପ୍ତାହକ ମଧ୍ୟରେ ଦୁଇଟି ଏନକାଉଣ୍ଟର, ତଥାପି ବ୍ରହ୍ମପୁର ଅଶାନ୍ତ!

ବ୍ରହ୍ମପୁର, ୨୧।୫(ସମିସ)

ଗତ ସପ୍ତାହକ ମଧ୍ୟରେ ବ୍ରହ୍ମପୁର ପୁଲିସ ପକ୍ଷରୁ ଦୁଇ ଦୁଇଟି ଏନକାଉଣ୍ଟର କରାଯାଇଛି, ତଥାପି ଅଶାନ୍ତ ବ୍ରହ୍ମପୁର। ଗତ ୧୬ତାରିଖ ଭୋର ସମୟରେ ବ୍ରହ୍ମପୁର ସହରର ଖୋଡାସିଙ୍ଗି ଓଭରବ୍ରିଜ୍ ଉପରୁ ଶ୍ୟାମ ବେହେରା ନାମକ ଜଣେ ଯୁବକଙ୍କୁ ମାରପିଟ କରି ବଳପୂର୍ବକ ବ୍ରିଜ ତଳକୁ ଠେଲି ଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଲାଞ୍ଜିପଲ୍ଲୀ ଡିପସାହି ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ଦିପୁନା ନାୟକ ଫେରାର ରହିଥିଲା। ପୁଲିସ ଦିପୁନାକୁ ଧରିବା ପାଇଁ ଚେଷ୍ଟା କରୁଥିବା ବେଳେ ସେ ଗୋଳନ୍ଥରା ଥାନା ଅଞ୍ଚଳରେ ପୁଲିସ ଉପରକୁ ଆକ୍ରମଣ କରିଥିଲା। ଏହାର ଜବାବରେ ପୁଲିସ ନିଜର ସୁରକ୍ଷା ସହିତ ଅଭିଯୁକ୍ତକୁ ଧରିବା ପାଇଁ ଏନକାଉଣ୍ଟର କରିବାକୁ ପଡ଼ିଥିଲା। ପୁଲିସ ଗୁଳିରେ ଦିପୁନା ଆହତ ହୋଇଥିଲା। ଏନକାଉଣ୍ଟର



ଫାଇଲ୍ ଫଟୋ



ଫାଇଲ୍ ଫଟୋ

ଆହତ ଦିପୁନାକୁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଛି। ସେପଟେ ଗତ ୧୮ ତାରିଖ ସନ୍ଧ୍ୟାରେ ଗିରିରୋଡ଼ରେ ଉମେଶ ରଥଙ୍କ ଉପରେ ହୋଇଥିଲା ସଂଘବଦ୍ଧ ଆକ୍ରମଣ। ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁ ଗତକାଲି ପୁଲିସ କବଜାକୁ ଆସିବା ପରେ ତାର ସହଯୋଗୀମାନେ ଟାମଣା ଘାଟିରେ ଲୁଚିଥିବା ନେଇ ମୁକେଶ ପୁଲିସକୁ ଦେଇଥିଲା ସୂଚନା। ସୂଚନା ମୁତାବକ ପୁଲିସ ମୁକେଶକୁ ସାଙ୍ଗରେ ନେଇ ଟାମଣା ଘାଟି ଯାଇଥିବା ବେଳେ ସେଠାରେ ଟାଉନ ଥାନା ପୁଲିସ ଏଏସଆଇ ନିଗମ ଚନ୍ଦ୍ର ପ୍ରଧାନଙ୍କ ସର୍ଭିସ୍ ରିଭଲଭରକୁ ଛଡ଼େଇ ନେଇଥିଲା ମୁକେଶ। କିଛି ଅଘଟଣ ଘଟିବା ପୂର୍ବରୁ ପୁଲିସ ମୁକେଶକୁ ଏନକାଉଣ୍ଟର କରିଥିଲା। ପୁଲିସର ଏନକାଉଣ୍ଟରରେ ମୁକେଶ ଗୁରୁତର ଆହତ ହୋଇଥିଲା। ପରେ ତାକୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଛି। ଅପରାଧିଙ୍କ ବିରୁଦ୍ଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସହରବାସୀ ସ୍ୱାଗତ କରିଛନ୍ତି। ତେବେ ଅପରାଧିଙ୍କ ମନରୁ ପୁଲିସ ପ୍ରତି ଭୟ ଜାତ କରିବା ପାଇଁ ପୁଲିସ ରାଜନୈତିକ ଚାପରେ ନଆସି ନିୟମିତ ବ୍ୟବଧାନରେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି ହୋଇଛି।

## ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ପାସ୍ ହାର ୮୯.୫୪

ଜି.ଉଦୟଗିରି,୨୧।୫(ସମିସ): ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ। ଏଥିରେ ସ୍ଥାନୀୟ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାସ ହାର ୮୯.୫୪ ହୋଇଥିବା ବେଳେ ଅମ୍ବିକା ପ୍ରଧାନ ୫୧୭ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ୨୧୯ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୯ ଜଣ ପ୍ରଥମ, ୩୭ ଜଣ ଦ୍ୱିତୀୟ, ୧୨୧ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ଅଧ୍ୟକ୍ଷ ଶିବରାମ ସାହୁ କହିଛନ୍ତି। କଲେଜରେ ଟପ୍ପର ହୋଇଥିବା ଅମ୍ବିକା ପ୍ରଧାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ବେଳେ ଶିକ୍ଷାନୁଷ୍ଠାନ ତରଫରୁ ଅଧ୍ୟକ୍ଷ ଶ୍ରୀ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

● ରାଇକିଆ ବ୍ଲକରେ ଯୁକ୍ତ ୨ ପରୀକ୍ଷା ଫଳ

## କଳାରେ କିରଣ ଦଳ ବେହେରା ଏବଂ ବିଜ୍ଞାନରେ ଆବୀଗଲ ନାୟକ ଟପ୍ପର




ରାଇକିଆ,୨୧।୫(ସମିସ): ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ରାଇକିଆ ବ୍ଲକରେ ତିନୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ କଳା ଏବଂ ବିଜ୍ଞାନରେ ପରୀକ୍ଷା ଦେଇଥିଲେ। ବଡ଼ ବାରବା ହାଇସ୍କୁଲର କିରନ୍ ଦଳ ବେହେରା ୫୨୨ ମାର୍କ ସହ ୮୭ ପ୍ରତିଶତ ମାର୍କ ରଖି ରାଇକିଆ ବ୍ଲକ ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗରେ ଜୀବନ ଜ୍ୟୋତି କଲେଜର ଛାତ୍ରୀ ଆବୀଗଲ ନାୟକ ୪୦୨ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଅନ୍ୟ ପକ୍ଷରେ ସୁଧାକିରଣ କଲେଜ ଛାତ୍ରୀଛାତ୍ର ଯୁକ୍ତ ଦୁଇ କଳାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସମୁଦାୟ ୨୩୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୭୩ ଜଣ ପ୍ରଥମ ଶ୍ରେଣୀରେ ଏବଂ ୯୭ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ସେହିପରି ବଡ଼ ବାରବା ହାଇସ୍କୁଲ୍‌ର ୪୬ ଜଣ ପରୀକ୍ଷା ଦେଇ ଥିବାବେଳେ ୧୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ



ପାରଳାଖେମୁଣ୍ଡି,୨୧।୫ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଯୁବ ନେତା ସୂର୍ଯ୍ୟନାରାୟଣ ପାତ୍ର, ରାଜା ପାତ୍ର, ନିରାକାର ପାଣିଗ୍ରାହୀ, ଲବ ସାହୁ, ସଂଗ୍ରାମ ସାହୁ, ମୁନା ମହାରଣା, ଈଶ୍ୱର ଚନ୍ଦ୍ର ମାଝୀ, ଅଭିମନ୍ୟୁ ପଣ୍ଡା ଓ ବସନ୍ତ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ମୁଖ୍ୟ ବଜାରରେ ବିପଦସଂକୁଳ ଅବସ୍ଥାରେ ଶୁଖିଲା ଗଛ



ବାଲିଗୁଡା,୨୧।୫(ସମିସ): ବାଲିଗୁଡା ମୁଖ୍ୟ ବଜାର ତଥା ଜାତୀୟ ରାଜପଥ କଡରେ ଏକ ଶୁଖିଲା ଆମ୍ବଗଛ ରହିଛି। ଏହି ଗଛ ତହସିଲଦାରଙ୍କ ବାସଭବନକୁ ଲାଗି ରହିଛି। ବର୍ଷେ ହେଲା ଶୁଷ୍କ ହୋଇଯାଇଛି। ଗଛରୁ ଶୁଖିଲା ଡାଳ ପଡିଥାଉଛି। ମୁଖ୍ୟ ବଜାର ହୋଇଥିବାରୁ ପ୍ରତ୍ୟେକ ଦିନ ଅନେକ ଲୋକ ଯାତାୟତ କରିଥାନ୍ତି ଓ ଏହାକୁ ଲାଗି ବହୁ ଦୋକାନ ରହିଛି। କାଳବୈଶାଖୀରେ କିଛି ଦିନ ପୂର୍ବେ ବାଲିଗୁଡାରେ ଅନେକ ଗଛପଡି ଧନ ଜୀବନ ନଷ୍ଟ ହୋଇଛି। ଯଦି ଏହି ଗଛଟି ଧରାଶାୟୀ ହେଲେ ଅନେକ ଧନଜୀବନ କ୍ଷତି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏହି ବିପଦ ଯୋଗୁଁ ଗଛକୁ କାଟିବା ନିମନ୍ତେ କିଛି ମାସ ତଳେ ସ୍ଥାନୀୟ ବାସିନ୍ଦା ତହିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହି ସମୟରେ ତହସିଲଦାର କହିଥିଲେ ବନବିଭାଗ, ଅଗ୍ନିଶମ ବାହିନୀ ଏବଂ ଏନଏସିକୁ କୁହାଯାଇଛି। ଅନେକ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ଗଛକୁ କାଟିବା ବ୍ୟବସ୍ଥା କରାଯାଇନାହିଁ। ଏହି ବାବଦରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ କହିଛନ୍ତି ଗଛକୁ କାଟି ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ବିଦ୍ୟୁତ ବିଭାଗ ବିଦ୍ୟୁତ କାଟିଲେ ଗଛ କାଟିହେବ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ବିଦ୍ୟୁତ ବିଭାଗ ସଂଯୋଗ କାଟୁନାହାନ୍ତି। ସେମାନେ ସଂଯୋଗ କାଟିଲେ ଗଛ କଟାଯିବ।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ; ରାଜ୍ୟ ରାଜପଥ ଅବରୋଧ

## ପ୍ରତିଶ୍ରୁତି ଓ ତୁରନ୍ତ ଡାକ୍ତରଙ୍କ ନିଯୁକ୍ତି ପରେ ହଟିଲା ରାସ୍ତା ଅବରୋଧ




ପାରଳାଖେମୁଣ୍ଡି,୨୧।୫(ସମିସ)

ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମଚାରୀ ଅଭାବ ପୁରଣ ପାଇଁ ବାରମ୍ବାର ନିବେଦନ, ଅଭିଯୋଗ ଆଦି ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବା ଯୋଗୁଁ ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମରେ ରାଜରାସ୍ତାକୁ ଓହ୍ଲାଇଲେ ଅଞ୍ଚଳବାସୀ। ଏହା ସହ ଗାରାବନ୍ଧ ଗ୍ରାମବାସୀ ନିଜ ନିଜ ଦୋକାନ ବନ୍ଦ କରିଥିଲେ। ଦାବି ପୁରଣ ନିମନ୍ତେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଓ ଆଜିହିଁ ସମସ୍ୟାର ସମାଧାନ କରିବାକୁ ଯାଇ ଜଣେ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବିଭାଗ ଡେପୁଟେସନରେ ନିଯୁକ୍ତି ଦେବା ପରେ ରାସ୍ତାରୋକରୁ ହଟିଥିଲେ ଆନ୍ଦୋଳନକାରୀ। ସାଢେ ଚାରି ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତାରୋକ ହୋଇଥିବା ଯୋଗୁଁ ପାରଳାଖେମୁଣ୍ଡି ଠାରୁ ଗାରାବନ୍ଧ, ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ରାଜ୍ୟରାଜପଥର ଉଭୟ ପାଶ୍ୱର୍ରେ ଶହ ଶହ ଗାଡ଼ି ମୋଟର ଅଟକି ରହିଥିଲା। ଯାତ୍ରୀ ଓ ଚାଳକ ଖରାତାତିରେ ଘଣ୍ଟା ଘଣ୍ଟା ଧରି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥଲେ। ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ରାସ୍ତା ଅବରୋଧ ହୋଇଥିବା ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ମହାପାତ୍ର ଏବଂ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରିଥିଲେ ମଧ୍ୟ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ତଥା ଦାବି ପୁରଣ ହେଲେ ଯାଇ ହଟିବୁ ନାହିଁ ବୋଲି ଜିଦ୍ ଧରିଥିଲେ ଆନ୍ଦୋଳନକାରୀ। ଶେଷରେ ପ୍ରଶାସନିକ ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷ ଆପୋଷ ଆଲୋଚନା ପରେ ଦାବତ ଶୀଘ୍ର ପୁରଣ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକରୁ ହଟିଥିଲେ ଆନ୍ଦୋଳନକାରୀ। ଏହା ସହ ଆଜି ଠାରୁ ହିଁ ଜଣେ ଡାକ୍ତରଙ୍କୁ ଡେପୁଟେସନରେ ସପ୍ତାହକୁ ଚାରି ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଏପରି କିଛି ଦାବି ପୁରଣ ହୋଇଥିବା ଯୋଗୁଁ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ସାମୟିକ ଭାବେ ଏପରି ପଦକ୍ଷେପ ନିଆଯାଛି। ଆଗାମୀ ଦିନରେ ନିୟମିତ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ପ୍ରକାଶ ଯେ, ଏହି ଗାରାବନ୍ଧ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ୧୦ ମାସରୁ ଅଧିକ ହେଲା ନିୟମିତ ଡାକ୍ତର ନଥିବା ବେଳେ ଫାର୍ମାସିଷ୍ଟ ପଦ ଖାଲି ପଡିଛି। ଫଳରେ ଏହି ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଥିବା ଦୁଇ ବ୍ଲକର ୫୦ ଖଣ୍ଡ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀ ହେଉଛନ୍ତି। ନିୟମିତ ଡାକ୍ତର, ଫାର୍ମାସିଷ୍ଟ ନିଯୁକ୍ତ ଓ ୨୪ ଘଣ୍ଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଗୁହାରି କରୁଥିଲେ। ଏଥି ପ୍ରତି ଜିଲ୍ଲା ପ୍ରଶାସନକି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେହି ଗୁରୁତ୍ୱ ନଦେବାରୁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇଥିଲା। ଫଳ ସ୍ୱରୂପ ଆଜି ସଭିଏଁ ଏକତ୍ର ହୋଇ ରାସ୍ତାରୋକ କରିଥିଲେ।

## କାଶୀନଗରର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ କଲେ ବିଧାୟକ



କାଶୀନଗର,୨୧।୫(ସମିସ): କାଶୀନଗର ଏନ୍ଏସି କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଏନ୍ଏସି ପକ୍ଷରୁ କାଉନସିଲ ବୈଠକ ହୋଇଥିଲା। ଅଧ୍ୟକ୍ଷା ଏମ୍ ସୁଧାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସହକାରୀ ତହସିଲଦାର କେ. ଦିବ୍ୟ ରଞ୍ଜନ ମଞ୍ଚାସୀନ ଥିଲେ। ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସ୍ଥିତି ପରୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସମସ୍ୟା ଶୁଣିଥିଲେ ବିଧାୟକ। ଲୋକଙ୍କ ଅଭିଯୋଗ ଆଧାରରେ ସେ କାଶୀନଗର ଏନ୍ଏସିର ବିଭିନ୍ନ ସ୍ଥାନ ଗସ୍ତ କରି ଚାଲୁଥିବା କାର୍ଯ୍ୟର ତଦାରଖ କରିଥିଲେ। ଗସ୍ତ ସମୟରେ ବିଧାୟକ କାଶୀନଗର ଏନ୍ଏସିର ୧୧ନମ୍ବର ୱାର୍ଡରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏନ୍ଏସି କାର୍ଯ୍ୟାଳୟ ନିକଟରେ ଥିବା ସାହିରେ ଦୀର୍ଘ ବର୍ଷ ଧରି ରାସ୍ତା ଓ ନାଳ କାମ ହୋଇନଥିବା ଯୋଗୁ ସ୍ଥାନୀୟ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ବିଶେଷକରି ବର୍ଷା ଋତୁରେ ରାସ୍ତାରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହେବା ସହ ନାଳ ବ୍ୟବସ୍ଥା ନଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଥିବା କହିଥିଲେ ସ୍ଥାନୀୟ ଲୋକେ। ଏହାକୁ ଗୁରୁତ୍ୱର ସହ ନେଇ ବିଧାୟକ ଶୀଘ୍ର ରାସ୍ତା ଓ ନାଳ କାମ ଆରମ୍ଭ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ସେହିପରି ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ବିଧାୟକ ତଦାରଖ କରିଥିଲେ। ସେହିପରି ଅନ୍ୟ ଏକ ବନ୍ଧର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଚାଷୀ ବିଧାୟକଙ୍କୁ ଜଣାଇଥିଲେ। ଉକ୍ତ ବନ୍ଧର ପୁନରୁଦ୍ଧାର ହେଲେ ଚାରି ପାଖରେ ଥିବା ଶହ ଶହ ଏକର ଜମି ଫସଲ ପାଇଁ ସୁବିଧାଦାୟକ ହୋଇପାରିବ ବୋଲି ଗୁହାରି କରିଥିଲେ ଚାଷୀ। ରାସ୍ତା କଡ଼ରେ ଥିବା କିଛି ଏନ୍ଏସି ସ୍ଥାନ ଉଚ୍ଛେଦରୁ ବାଦ ପଡ଼ିଥିବାରୁ ଡ୍ରେନେଜ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା କହିଥିଲେ ସ୍ଥାନୀୟ ଲୋକେ। ଏହାକୁ ନେଇ ବିଧାୟକ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତତ୍କାଳୀନ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ସମସ୍ତ ସ୍ଥାନର ତଦନ୍ତ କରି ଯେଉଁଠି ଜବରଦଖଲ ରହିଛି ତାହାକୁ ଉଚ୍ଛେଦ କରିବା ସହ ଡ୍ରେନେଜ କାର୍ଯ୍ୟକୁ ନିୟମ ଅନୁଯାୟୀ ଓ ସଠିକ୍ ଭାବରେ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ବିଧାୟକ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପାଣି ସମସ୍ୟା, ଡ୍ରେନେଜ ବ୍ୟବସ୍ଥା, ରାସ୍ତା ମରାମତି, ପରିଷ୍କାର ପରିଚ୍ଛନ୍ନତା ଓ ଅନ୍ୟାନ୍ୟ ନାଗରିକ ସମସ୍ୟା ବିଷୟରେ ଲୋକେ ଅଭିଯୋଗ ଜଣାଇଥିଲେ। ସମସ୍ତ ସମସ୍ୟାକୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ଓ ଆବଶ୍ୟକ ପଡ଼ିଲେ ଜିଲ୍ଲା ସ୍ତରର ଅଧିକାରୀଙ୍କ ସହ ଆଲୋଚନା କରି ତାହାର ସ୍ଥାୟୀ ସମାଧାନ କରାଯିବ ବୋଲି ବିଧାୟକ କହିଛନ୍ତି।

## ଦାରିଙ୍ଗବାଡ଼ିରେ ଶିଶୁ ମଙ୍ଗଳ ସମିତିର ଭ୍ରାମ୍ୟମାଣ ଶିବିର




ଦାରିଙ୍ଗବାଡ,୨୧।୫(ସମିସ): ଦାରିଙ୍ଗବାଡି ବ୍ଲକ ପ୍ରାଙ୍ଗଣରେ ଶିଶୁ ମଙ୍ଗଳ ସମିତି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କନ୍ଧମାଳ ଦ୍ୱାରା ଶିଶୁ ମଙ୍ଗଳ ସମିତିର ଭ୍ରାମ୍ୟମାଣ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ସିଡ଼ିପିଓ ସନ୍ଧ୍ୟାରାଣୀ ମହାପାତ୍ର, ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ୍ ଜାଲି ଓ ଏବିଓ କୌଶିକ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ପ୍ରେମ୍ ଏଡୁକୋ, ଜାଗୃତି ଓ ଆମ ଗାଁ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିଥିଲେ। ଶିବିରରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ରତ୍ନେଶ୍ୱର ସାହୁ, ଶିଶୁ ମଙ୍ଗଳ ସମିତି ରଞ୍ଜିତା କାମ୍ପ, ଶିଶୁ ମଙ୍ଗଳ ସଦସ୍ୟା ସୁସ୍ମିତା ଜେନା, ଶିଶୁ ମଙ୍ଗଳ ସଦସ୍ୟ ପ୍ରତାପରୁଦ୍ର ଶୁକ୍ଳା ଏବଂ ଅଶୋକ ବିଷୋୟୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ ପ୍ରତ୍ୟେକ ଶିଶୁ ଓ ଅଭିଭାକଙ୍କୁ ଭେଟି ଶିଶୁମାନଙ୍କର ସମସ୍ୟା ବୁଝିଥିଲେ। ଶିବିରରେ ସମୁଦାୟ ୩୭ ଜଣ ଅନାଥ ଶିଶୁ ଯୋଗ ଦେଇଥିଲେ ଏବଂ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଶିବିରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମୀତା କରନ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ ସମିତିର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା, ଜିଲ୍ଲା ଚାଇଲ୍ଡ ହେଲ୍ପଲାଇନ କର୍ମକର୍ତ୍ତା ଓ ପ୍ରେମ୍-ଏଡୁକୋ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଏଲପିଓ ଅଭିରାମ କହଁର ଏବଂ ସିଡ଼ିପିଓ ସଂଧାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁସୂଦନପୁର ପରିବର୍ତ୍ତେ ବାଟିଶିରିପୁରରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଦାବି

ପାରଳାଖେମୁଣ୍ଡି,୨୧।୫(ସମିସ): ଗୋଷାଣି ବ୍ଲକ ମଧୁସୂଦନପୁର ପଞ୍ଚାୟତ ବାଟିଶିରିପୁର ଗ୍ରାମରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଛି। ଆଜି ଏନେଇ ବାଟିଶିରିପୁର, ବୁଗୁଡ଼ା, ମହାଦେବପୁର, ଏମ୍.ଏନ୍.ପେଟା, ଲଶିପୁର, ସିଙ୍ଗିପୁର ରାଉତପୁର ସମେତ ତଟାଗୁମୁଡା ଏବଂ ମଧୁସୂଦନପୁର ପଞ୍ଚାୟତର ଆଖପାଖ ଗ୍ରାମର ଗ୍ରାମବାସୀ ଏକତ୍ର ହୋଇ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଧୁସୂଦନପୁର ପଞ୍ଚାୟତ ସଦରମହକୁମାରେ ପ୍ରସ୍ତାବିତ ଚିକିତ୍ସା ଉପକେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିବା ଜଣାଯାଇଛି। ସେଠାରେ ଚିକିତ୍ସା କେନ୍ଦ୍ର କଲେ ଉପଯୁକ୍ତ ହେବନାହିଁ। ଭାରତୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ମାନଦଣ୍ଡ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ନିର୍ଦ୍ଦେଶାବଳୀ, ଜନସଂଖ୍ୟା ଏବଂ ଭୌଗୋଳିକ ମାନଦଣ୍ଡ ଅନୁଯାୟୀ ବାଟିଶିରିପୁର ଗ୍ରାମରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ତଥା ସ୍ୱାସ୍ଥ୍ୟ ସୁସ୍ଥତା କେନ୍ଦ୍ର ନିର୍ମାଣ ସକାଶେ ଉପଯୁକ୍ତ ସ୍ଥାନ ବୋଲି ଗ୍ରାମବାସୀ କହିଛନ୍ତି। ବାଟିଶିରିପୁର ଗ୍ରାମରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ଦାବି ହୋଇଥିବା ଯୋଗୁଁ କିଛି ମାସ ପୂର୍ବେ ସ୍ଥାନ ପରିଦର୍ଶନ ସମୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କୌଣସି ମାଟି ପରୀକ୍ଷା କରାଯାଇ ନାହିଁ। ଉଭୟ ସ୍ଥାନୀୟ ସରପଞ୍ଚ ଏବଂ କୋଠା ଠିକାଦାର ମିଳିତ ଉଦ୍ୟମରେ ସେମାନଙ୍କର ବ୍ୟକ୍ତିଗତ ଲାଭ ପାଇଁ ରାଜନୈତିକ ଖେଳ ଖେଳାଯାଉଥିବା ଅଭିଯୋଗ କରାଯାଇଛି। ଜମିର କୌଣସି ବୈଜ୍ଞାନିକ ମାଟି ପରୀକ୍ଷା କିମ୍ବା ବୈଷୟିକ ମୂଲ୍ୟାଙ୍କନ ନକରି ଢିଲା ମାଟିକୁ ପ୍ରାଥମିକ କାରଣ ଭାବରେ ଦର୍ଶାଇ ବାଟିଶିରିପୁର ଗ୍ରାମର ସମ୍ଭାବ୍ୟତାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ବାଟିଶିରିପୁର ଗ୍ରାମରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପ୍ରସ୍ତାବିତ ସ୍ଥାନ ନିକଟରେ ବ୍ରିଟିଶ ଶାସନ ଅମଳରେ ୧୮୭୩ ମସିହାରେ ସରକାରୀ କୋଠା ନିର୍ମିତ ହୋଇଛି। ଏତେ ପୁରାତନ କୋଠା ଏବେ ବି ସୁରକ୍ଷିତ ଅଛି ଏବଂ ଏହି ସ୍ଥାନରେ ବହୁ ବର୍ଷ ଧରି ବାସିନ୍ଦା ରହୁଛନ୍ତି। ବାଟିଶିରିପୁର ଗ୍ରାମରେ ସବ ସେଣ୍ଟର ନିର୍ମାଣ କରାଗଲେ ଉଲ୍ଲେଖିତ ଗ୍ରାମାଞ୍ଚଳର ପ୍ରାୟ ୨୭୧୪ ଲୋକ ଉପକୃତ ହେବେ। ଏହି ଗ୍ରାମ ଉପରୋକ୍ତ ଉଲ୍ଲେଖିତ ଗ୍ରାମ ପାଇଁ କେନ୍ଦ୍ର ଭାବେ ଅବସ୍ଥାପିତ ଏବଂ ସମସ୍ତ ରାସ୍ତା ସଂଯୋଗ ରହିଛି। ଏହା ୨ କିଲୋମିଟରରୁ ୩ କିଲୋମିଟର ଦୂରତା ମଧ୍ୟରେ ରହିଛି। ମଧୁସୂଦନପୁର ଗ୍ରାମରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମିତ ହେଲେ କେବଳ ଗୋଟିଏ ଗ୍ରାମର ୩୩୮ ଲୋକଙ୍କୁ ଉପକୃତ ହେବେ। ତେଣୁ ନିରପେକ୍ଷ ସମୀକ୍ଷା ନହେବା ପର୍ଯ୍ୟନ୍ତ ସ୍ଥଳ ନିର୍ମାଣର ଚୂଡ଼ାନ୍ତ ପ୍ରକ୍ରିୟା ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିବା ଏବଂ ଯୋଗ୍ୟ ବୈଷୟିକ ଦଳ ମାଧ୍ୟମରେ ବାଟିଶିରିପୁର ଗ୍ରାମର ପ୍ରସ୍ତାବିତ ଜମିର ବୈଜ୍ଞାନିକ ମୃତ୍ତିକା ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

କନ୍ଧମାଳର ଜୀବିକା, ଶିଆଳି ଖଲିରୁ ରୋଜଗାର

# ପରିଶ୍ରମ ଅନୁସାରେ ମିଳୁନି ଉଚିତ୍ ମୂଲ୍ୟ

ଟିକାବାଲି,୨୧।୫(ସମିସ)

କନ୍ଧମାଳ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏଠିକାର ଜଙ୍ଗଲ ଆଦିବାସୀଙ୍କ ପାଇଁ ଏକ ସ୍ୱର୍ଣ୍ଣାଭ ଜୀବିକାର ଉତ୍ସ। ଜଙ୍ଗଲରୁ ଶାଲୁଆ ଓ ଶିଆଳି ପତ୍ର ସଂଗ୍ରହ କରି ଖଲି-ଦନା ତିଆରି କରିବା ଏଠିକାର ଆଦିବାସୀ ମହିଳାଙ୍କ ପାଇଁ ଏକ ପାରମ୍ପରିକ ତଥା ମୁଖ୍ୟ ରୋଜଗାର ପନ୍ଥା। କାହିଁ ଆଦିମ ଯୁଗରୁ ଏହି ପତ୍ରରେ ତିଆରି ଖଲି ଦନା କନ୍ଧମାଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ବ୍ୟବହାର କରି ଆସୁଛନ୍ତି। ଗାଁ ଗହଳିରେ ଯେ କୌଣସି ପାର୍ବଣ, ଭୋଜି କିମ୍ବା ଶୁଭ କାର୍ଯ୍ୟରେ ଏହି ଖଲି ବ୍ୟବହାର କରିବା ଏକ ସାଧାରଣ କଥା। କିନ୍ତୁ କାଳକ୍ରମେ, ଗତ କିଛି ବର୍ଷ ହେବ, ବଜାରକୁ "ପେପର୍ ପ୍ଲେଟ" ବା କାଗଜ ଥାଳିର ଆଗମନ ପରେ ଏହି ଖଲି ବ୍ୟବହାର ଆସ୍ତେ ଆସ୍ତେ କମିବାରେ ଲାଗିଛି। ଜଙ୍ଗଲରୁ କଠିନ ପରିଶ୍ରମ କରି ପତ୍ର ସଂଗ୍ରହ କରିବା ଏବଂ ପରେ ସେଥିରୁ ଖଲି ପ୍ରସ୍ତୁତ କରିବା, ଏସବୁରେ ଅନେକ ସମୟ ଏବଂ ପରିଶ୍ରମ ଲାଗେ। ଏହି କାର୍ଯ୍ୟ କରି ଅନେକ ପରିବାର ବର୍ତ୍ତମାନ ସୁଦ୍ଧା ଗୁଜୁରାଣ ମେଣ୍ଟାଉଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଏହି କଷ୍ଟସାଧ୍ୟ ପରିଶ୍ରମ ଅନୁସାରେ ସେମାନେ ଉଚିତ୍ ମୂଲ୍ୟ ପାଉନଥିବା ଅଭିଯୋଗ ହେଉଛି। ପେପର୍ ପ୍ଲେଟର ବଜାର ଚାହିଦା ଯୋଗୁଁ ସେମାନଙ୍କର ଏହି ପାରମ୍ପରିକ ଖଲିକୁ ଉଚିତ୍ ମୂଲ୍ୟରେ ବିକ୍ରି କରିବା କଷ୍ଟକର ହୋଇପଡିଛି। ଜଣେ ସ୍ଥାନୀୟ ମହିଳା କହିଛନ୍ତି ପତ୍ର ସଂଗ୍ରହ କରିବାଠାରୁ ଆରମ୍ଭ କରି ଖଲି ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ବହୁତ କଷ୍ଟ। ସକାଳୁ ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରିବା, ପରେ ଘରେ ଆଣି ସିଲେଇ କରି ଖଲି ତିଆରି କରିବା। ପୁରା ଦିନର ପରିଶ୍ରମ ପରେ ଆମେ ଏହାକୁ ବଜାରରେ ବିକ୍ରି କରୁ। କିନ୍ତୁ ଆମକୁ ଯେତିକି ଟଙ୍କା ମିଳୁଛି, ତାହା ପରିଶ୍ରମ ଏବଂ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉନାହିଁ। ପେପର୍ ପ୍ଲେଟ୍ ଆସିବା ପରେ



ବଜାରରେ ଏହାର ଚାହିଦା ବଢିଯାଇଛି। ଆମର ଖଲିର ଦର କମିଯାଇଛି ବୋଲି ଅଞ୍ଚଳର ମହିଳା କହିଛନ୍ତି। କିନ୍ତୁ ପରିବେଶ ସଚେତନ ଯୋଗୁ ବଡ଼ ବଡ଼ ସହର କିମ୍ବା ଦେଶ ବିଦେଶରେ ବର୍ତ୍ତମାନ ଏହି ପ୍ରାକୃତିକ ପତ୍ର ଖଲିର ବ୍ୟବହାର ବଢିବାରେ ଲାଗିଛି। ଏହାର ଏକ ବଡ଼ ବଜାର ଚାହିଦା ସୃଷ୍ଟି ହେଉଛି। କିନ୍ତୁ ଏହାର ଲାଭ ଆଦିବାସୀଙ୍କ ନିକଟରେ ପହଞ୍ଚିବା ଅବଶ୍ୟକ। ସରକାର ଓ ଅନ୍ୟ ସଂଗଠନଗୁଡିକ ଏହି ଦିଗରେ କାର୍ଯ୍ୟ କରିବା ଅବଶ୍ୟକ। ଆଦିବାସୀ ମହିଳାଙ୍କୁ ପରିଶ୍ରମ ଅନୁସାରେ ଉଚିତ୍ ମୂଲ୍ୟ ପ୍ରଦାନ କରିବା ସହିତ ସେମାନଙ୍କର ଏହି ପାରମ୍ପରିକ କଳାକୁ ସଂରକ୍ଷିତ କରିବା ପାଇଁ ପଦକ୍ଷେପ ନେବା ଉଚିତ୍। ଯଦି ଏହି ପତ୍ର ଖଲିର ବଜାର ଚାହିଦା ବଡ଼ ସହରମାନଙ୍କରେ ବଢିଚାଲେ, ତେବେ ଏହା କନ୍ଧମାଳର ଜୀବିକାକୁ ନୂତନ ଦିଶା ଦେବାରେ ସଫଳ ହେବ ବୋଲି କୁହାଯାଇଛି।

## ମାସକରେ ଗଜପତିରେ ସ୍ୱାସ୍ଥ୍ୟସେବାର ବିକାଶ ହେବ: ସ୍ୱାସ୍ଥ୍ୟ ସଚିବ



ପାରଳାଖେମୁଣ୍ଡି,୨୧।୫(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଅଶ୍ୱତୀ ଏସ୍. ଗଜପତି ଗସ୍ତରେ ଆସି ଜିଲ୍ଲାର ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଏକମାସ ମଧ୍ୟରେ ବିକାଶ ହେବ ବୋଲି କହିଛନ୍ତି। ଆଜି ଏନେଇ ସଚିବ କହିଛନ୍ତି ଦୁଇ ଦିନ ହେଲା ସ୍ୱାସ୍ଥ୍ୟ ବିଭାଗର ୭ ଜଣିଆ ଟିମ୍ ଗଜପତି ଗସ୍ତରେ ଆସିଛନ୍ତି। ଏହି ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ସମସ୍ତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯେପରିକି କର୍ମଚାରୀଙ୍କ ଦକ୍ଷତା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସୁବିଧା, ଅସୁବିଧା ଆଦିର ନିରୀକ୍ଷଣ କରାଯାଇଛି। ଏନେଇ ସବିଶେଷ ତଥ୍ୟ ପ୍ରସ୍ତୁତ କରାଯାଇଛି। ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ବୈଠକ ହୋଇଛି। ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ୟା ଗୁଡିକର ସମାଧାନ ଲାଗି ଦାୟିତ୍ୱ ସ୍ଥିର କରାଯାଇଛି। ସମସ୍ୟା ଗୁଡିକର ସମାଧାନ ପାଇଁ ଯିଏ ଯେଉଁ ଦାୟିତ୍ୱ ଭାର ନେଇଛନ୍ତି ସେମାନେ ଏକମାସ ମଧ୍ୟରେ ସମାପନ କରିବେ ବୋଲି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦ ଖାଲି ପଡିଥିବାକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଉତ୍ତରରେ ସଚିବ କହିଛନ୍ତି ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି। ତଦଅନୁଯାୟୀ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀ ପଦ ପୁରଣ କରାଯିବ। ଏହାସହ କାର୍ଯ୍ୟକ୍ରମର ଅଗ୍ରଗତି, ଡାକ୍ତରଙ୍କ ଅନୁପସ୍ଥିତି ଏସବୁ ଉପରେ ଆଲୋଚନା ହୋଇଥିବା ବେଳେ ପୁନର୍ବାର ଏକମାସ ମଧ୍ୟରେ ସମସ୍ତ ବିକାଶ କରାଯିବ ବୋଲି କହିଥିଲେ। ଏହାସହ ସମସ୍ତଙ୍କ ସହଯୋଗ ମଧ୍ୟ କାମନା କରିଥିଲେ।

# କାଳବୈଶାଖୀ ନେଲା ୩ ଜୀବନ



କେନ୍ଦୁଝର, ୨୧।୫ (ସମିସ): କାଳବୈଶାଖୀ ନେଲା ୩ ଜୀବନ। କେନ୍ଦୁଝର ଟାଉନ୍ ଥାନା ନରଣପୁର ଗୁଡ଼ାସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। କାଳବୈଶାଖୀ ଜନିତ ବର୍ଷା-ପବନରେ ଏକ ଟେଣ୍ଟ ହାଉସ୍ ଭିତରେ ଥିବା ଗୋଦାମ ଘରେ ବିଶ୍ରାମ ନେଉଥିବା ୩ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଆଉ ଜଣେ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ, ପାଟଣା ଥାନା ଚଟିଆପଶି ଗ୍ରାମର ଆଲୋକ ଚିପିଣ୍ଡିଆ, ବାରିଆ ଥାନା ଷଡ଼ଙ୍ଗୀର ପେଟୁ ନାଏକ, ଘଟଗାଁ ଥାନା ତରା ଗ୍ରାମର ସାଗର ନାଏକ।

ସୂଚନାନୁସାରେ, ଟେଣ୍ଟ ହାଉସ୍‌ର ଛାଉଣୀ ଖସି ପଡ଼ିବାରୁ ଶ୍ରମିକମାନେ ଚାପି ହୋଇଯାଇଥିଲେ। ମା' ତାରିଣୀ ଟେଣ୍ଟ ହାଉସ୍ ଭିତରେ ଥିବା ଏକ ଗୋଦାମ ଘରେ କେତେଜଣ ଟେଣ୍ଟ କର୍ମଚାରୀ ମଧ୍ୟାହ୍ନରେ ବିଶ୍ରାମ ନେଉଥିଲେ। ସେମାନେ ଶୋଇଥିବା ଗୋଦାମ ଘର ଉପର ଛାଉଣୀ ପକ୍କା ହୋଇ ନଥିବା ବେଳେ ସେଠାରେ ବାଉଁଶରେ ସେଡ୍ କରି ଉପରେ କପଡ଼ା ସମେତ ଅନେକ ଓଜନିଆ ଜିନିଷପତ୍ର ଲଦା ହୋଇଥିଲା। ଦିନ ପ୍ରାୟ ୩ଟା ବେଳେ ହଠାତ ପବନ ବର୍ଷା ହୋଇଥିଲା। ଫଳରେ ଉକ୍ତ ଛାଉଣିଟି ଓଜନ ସମ୍ଭାଳି ନପାରି ଖସିପଡ଼ିଥିଲା। ତଳେ ଶୋଇଥିବା ୪ ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଏହି ଘଟଣାରେ କେନ୍ଦୁଝର ଟାଉନ ଥାନା ନରଣପୁର ରୁଗୁଡ଼ି ସାହିର ଅମିତ ନାଏକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଡାକ୍ତରଖାନା ଯାଇ ଆହତଙ୍କ ଅବସ୍ଥା ବୁଝିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନମଣ୍ଡଳୀରେ ଏଭଳି ସମ୍ବେଦନଶୀଳ ଘଟଣା ପରେ ମୃତକଙ୍କର ନିକଟ ସମ୍ପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା ହୋଇଛି। ଶ୍ରମ ଆଇନ ଅନୁସାରେ ଘଟଣାର ଅନୁସନ୍ଧାନ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଟାଉନ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ।

## ବଜ୍ରପାତରେ ମହିଳାଙ୍କ ସମେତ ୨ ମୃତ

ଯାଜପୁର/କୋରେଇ, ୨୧।୫ (ସମିସ): ଯାଜପୁର ଜିଲ୍ଲାରେ ବଜ୍ରପାତ ଆଜି ଦୁଇଜଣଙ୍କ ଜୀବନ ନେଇଛି। ସଦର ଥାନା ଅନ୍ତର୍ଗତ ଛତିଶ ଦେବିଲ ପଞ୍ଚାୟତ ମହମ୍ମଦ ଜମାପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଆଜି ଅପରାହ୍ଣ ସମୟରେ ହୋଇଥିବା କାଳବୈଶାଖୀ ବେଳେ ବଜ୍ରପାତ ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମହମ୍ମଦ ଜମାପୁରର ଦୁର୍ଯ୍ୟୋଧନ ଧଳଙ୍କ ପୁତ୍ର ମନୋଜ ଧଳ (୪୨)। ସେ ଘର ପାଖରେ କାମ କରିବା ସମୟରେ ଏହି ବଜ୍ରପାତ ହୋଇଥିଲା। ଫଳରେ ମନୋଜ ଏବଂ ତାଙ୍କ ପୁତୁରା ସତ୍ୟରଞ୍ଜନ ଧଳ (୧୯) ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ପୁତୁରା ସତ୍ୟରଞ୍ଜନ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସେହିଭଳି ବଜ୍ରପାତରେ କୋରେଇ ବ୍ଲକ ପାଟରଙ୍ଗା ଗ୍ରାମର କାଳନ୍ଦୀ ଦେହୁରୀଙ୍କ ପତ୍ନୀ ସୁଲୋଚନା ଦେହୁରୀ (୫୯)ଙ୍କ ମୃତ୍ୟୁ ଘଟିଛି। ସେ ଛେଳି ଚରାଇ ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। କୋରେଇ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ବିଚ୍ ରାସ୍ତାରେ ଉମେଶଙ୍କୁ ଆକ୍ରମଣ ମାମଲା**

# ବଡ଼ଭାଇକୁ ଏନ୍‌କାଉଣ୍ଟର୍, ସାନଭାଇର ଆତ୍ମସମର୍ପଣ


ବ୍ରହ୍ମପୁର, ୨୧।୫ (ସମିସ): ଗତ ୧୮ ତାରିଖରେ ଗିରିରୋଡ୍‌ରେ ଉମେଶ ରଥଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବ୍ରହ୍ମପୁର ପୁଲିସ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମାମଲାରେ ଗତକାଲି ଦୁଇ ଅଭିଯୁକ୍ତ ରିଙ୍କୁ ସାମଲ ଓ ରାଜ ମାଲହୋତ୍ରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁକୁ

- ପୁଲିସ କବଜାରେ ଦୁଇ ଅଭିଯୁକ୍ତ ଦିନେଶ ଓ ଆଶିଷ
- ଗିରଫ ସଂଖ୍ୟା ୪କୁ ବୃଦ୍ଧି
- ସ୍କାନର୍‌ରେ ଫେରାର୍ ମୋଗଲି

ଏନକାଉଣ୍ଟର୍ କରି ଧରିଛି। ମୁକେଶ ଓ ଦିନେଶ ପଣ୍ଡା ବୁଧବାର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ପରେ ମୁକେଶଠାରୁ ତଥ୍ୟ ହାସଲ କରି ଅନ୍ୟ ସହଯୋଗୀଙ୍କୁ ଧରିବାକୁ ପୁଲିସ ମୁକେଶ ସହ ଟାମଣା ଘାଟି ଅଞ୍ଚଳକୁ ଯାଇଥିଲା। ସେଠାରେ ମୁକେଶ ଟାଉନ୍ ଥାନା ଏଏସ୍‌ଆଇ ନିଗମ ଚନ୍ଦ୍ର ପ୍ରଧାନଙ୍କଠାରୁ ସର୍ଭିସ୍ ରିଭଲଭର୍ ଛଡ଼ାଇ ନେଇଥିଲା। ସେ କିଛି ଅଘଟଣ ଘଟାଇବା ପୂର୍ବରୁ ପୁଲିସ୍ ମୁକେଶକୁ ଏନକାଉଣ୍ଟର୍ କରିଥିଲା। ମୁକେଶର ଡାହାଣ ଗୋଡ଼ରେ ଦୁଇଟି, ବାମ ଗୋଡ଼ ଓ ବାମ ହାତରେ ଗୋଟିଏ ଲେଖାଏଁ ଗୁଳି ବାଜିଛି। ମୁକେଶକୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ମୁକେଶ ନାମରେ ପୂର୍ବରୁ ବିଭିନ୍ନ ଥାନାରେ





୯ଟି ଅପରାଧିକ ମାମଲା ରହିଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଅପରାଧୀମାନେ ସୁଧୁରି ଯାଆନ୍ତୁ, ନଚେତ ସେମାନଙ୍କ ବିରୋଧରେ ପୁଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଆଇଜି ଚେତାବନୀ ଦେଇଛନ୍ତି।

ଅପରପକ୍ଷେ, ଆଜି ଅପରାହ୍ଣରେ ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମୁକେଶଙ୍କ ସାନ ଭାଇ ଆଶିଷ ସାହୁ ଟାଉନ ଥାନାରେ ନିଜ ଓକିଲଙ୍କ ଜରିଆରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ପୁଲିସ କବ୍‌ଜାକୁ ଦିନେଶ ଓ ଆଶିଷ ଆସିବା ପରେ ଗିରଫ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଚିକିତ୍ସା ପରେ ମୁକେଶକୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସେପଟେ ଘଟଣାର ମୁଖ୍ୟ କୁହାଯାଉଥିବା ଫେରାର୍ ସନ୍ଦୀପ ସାହୁ ଓରଫ୍ ମୋଗଲିକୁ ତୁରନ୍ତ ଗିରଫ କରିବାକୁ ମଧ୍ୟ ଆକ୍ରମଣର ଶିକାର ଉମେଶ ରଥଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଉମେଶଙ୍କୁ ଗୁରୁତର ଅବସ୍ଥାରେ ବିଶାଖପାଟଣାର ଗୋଟିଏ ଘରୋଇ ହସ୍ପିଟାଲରୁ ପୁଣି ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ

କଟକ, ୨୧।୫ (ସମିସ): ଓଡ଼ିଶା ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ ଆସନ୍ତା ମେ' ୨୩ରୁ ଆରମ୍ଭ ହୋଇ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଜୁନ୍ ୨୨ ତାରିଖରେ ହାଇକୋର୍ଟ ଖୋଲିବ। ଗ୍ରୀଷ୍ମ ଅବକାଶ ପୂର୍ବରୁ ଆସନ୍ତାକାଲି ଶେଷ କାର୍ଯ୍ୟ ଦିବସ ରହିଛି। ଅବକାଶ ସମୟରେ ମୋଟ ୮ ଦିନ ଅବକାଶକାଳୀନ ଖଣ୍ଡପୀଠ କେବଳ ଭର୍ଚୁଆଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ଆସନ୍ତା ମେ' ୨୬, ୨୯, ଜୁନ୍ ୨, ୫, ୯, ୧୨, ୧୭ ଓ ୧୯ରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ମେ' ୨୬ ଓ ୨୯ ତାରିଖରେ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କ ପ୍ରଥମେ ଦୁଇଜଣିଆ ଖଣ୍ଡପୀଠରେ ଓ ପରେ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ସେହିଭଳି ଜଷ୍ଟିସ୍ ଏମ୍.ଏସ୍. ରମଣ ମଧ୍ୟ ଜଣିକିଆ ବିଚାରପତି ଭାବେ ମାମଲା ଶୁଣାଣି କରିବେ। ଜୁନ୍ ୨ ଓ ୫ରେ ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ୍.ଏସ୍.ରମଣ ପ୍ରଥମେ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଜୁନ୍ ୯ରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓ ଭି.ନରସିଂହ ପ୍ରଥମେ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଏଥିସହ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀ ଜଣିକିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଜୁନ ୧୨, ୧୭ ଓ ୧୯ରେ ଜଷ୍ଟିସ ସାବିତ୍ରୀ ରଥ ଓ ଜଷ୍ଟିସ ଭି.ନରସିଂହ ପ୍ରଥମେ ଜଣିକିଆ ଓ ପରେ ଦୁଇ ଜଣିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଏଥିସହ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ତାଲିକାଭୁକ୍ତ କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଗ୍ରୀଷ୍ମ ଅବକାଶ ସମୟରେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଭର୍ଚୁଆଲ ବ୍ୟବସ୍ଥାରେ ଅବକାଶକାଳୀନ କୋର୍ଟ କାର୍ଯ୍ୟ କରିବେ।

## ଜୁଲାଇ ୧ରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନସନ୍ ମାମଲାର ଶୁଣାଣି

କଟକ, ୨୧।୫ (ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି ଆସନ୍ତା ଜୁଲାଇ ୧ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିଲେ। ତେବେ ଏହି କମିଟିର ପ୍ରାରମ୍ଭିକ ରିପୋର୍ଟ ହସ୍ତଗତ ହୋଇସାରିଛି ବୋଲି ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ରାଜ୍ୟ ସରକାର। ଏହି ମାମଲାରେ ଆଉ କୌଣସି ପକ୍ଷକୁ ମହଲତ ପ୍ରଦାନ କରାଯିବ ନାହିଁ ବୋଲି ହାଇକୋର୍ଟ କହିବା ସହ ଆସନ୍ତା ଜୁଲାଇ ପହିଲାରେ ପୂର୍ଣ୍ଣାଙ୍ଗ ଶୁଣାଣି ପାଇଁ ସ୍ଥିର କରାଯାଇଛି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବୁଦ୍ଧଦେବ ରାଉତରାୟ ଓ ଆଇନଜୀବୀ ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

**■ ବେଆଇନ ଭାବେ ବିଦେଶୀ ନାଗରିକଙ୍କ ରାଜ୍ୟରେ ରହଣୀ ପ୍ରସଙ୍ଗ**

## ନିର୍ଦ୍ଦେଶାବଳୀ ଜାରି କଲେ ହାଇକୋର୍ଟ

କଟକ, ୨୧।୫(ସମିସ): ବିଭିନ୍ନ ଫୌଜଦାରୀ ମାମଲାରେ ଅଭିଯୁକ୍ତ ବିଦେଶୀ ନାଗରିକଙ୍କ ରାଜ୍ୟରେ ବେଆଇନ ରହଣୀ ପ୍ରସଙ୍ଗକୁ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ବିଦେଶୀ ନାଗରିକଙ୍କ ସଂପର୍କିତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବାକୁ ହାଇକୋର୍ଟ ଏକ ନିର୍ଦ୍ଦେଶାବଳୀ ବା ଗାଇଡଲାଇନ ଜାରି କରିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବୁ ସାହିକ ଓରଫ୍ ସହିଦ ଓରଫ୍ ଆବୁ ସଇଦ ହୱଲଦାରଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ଫରେନର୍ସ ଆକ୍ଟ ବା ଅନ୍ୟ କୌଣସି ଆଇନ ଉଲ୍ଲଙ୍ଘନ ଅପରାଧ କ୍ଷେତ୍ରରେ ଅଭିଯୁକ୍ତଙ୍କ ପାସପୋର୍ଟ, ଭିସା ନଥିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା/ଫୌଜଦାରୀ ମାମଲା ତୁରନ୍ତ ଆରମ୍ଭ କରାଯିବ ବୋଲି ଗାଇଡଲାଇନରେ କୁହାଯାଇଛି। ସେମାନଙ୍କର ଜାମିନ ଆବେଦନ ଉପରେ ତ୍ୱରିତ ଫଏସଲା କରାଯିବା ସହ ଜାମିନ ଖାରଜ ହେଲେ ମୂଳ ମାମଲା ଫଏସଲା ପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ନିୟମିତ ଜେଲରେ ରଖାଯିବ। ଯଦି ମାମଲାରେ ବିଦେଶୀ ନାଗରିକ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଅଦାଲତ ଉପଯୁକ୍ତ ଦଣ୍ଡାଦେଶ ପ୍ରଦାନ କରିବେ। ସଂପୃକ୍ତ ବ୍ୟକ୍ତିଙ୍କୁ ଅଦାଲତ ଦୋଷମୁକ୍ତ କଲେ ତାଙ୍କୁ ପ୍ରତ୍ୟାର୍ପଣ ପର୍ଯ୍ୟନ୍ତ ଡିଟେନସନ ସେଣ୍ଟରରେ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ। ରାଜ୍ୟ ସରକାର ମଡେଲ ଡିଟେନସନ୍ ସେଣ୍ଟର୍/ହୋଲ୍ଡିଂ ସେଣ୍ଟର୍ କ୍ୟାମ୍ପ ମାନୁଆଲ, ୨୦୧୯ ପାଳନ କରିବେ ଓ ସବୁ ଜିଲ୍ଲାରେ ଏପରି ସେଣ୍ଟର ପ୍ରତିଷ୍ଠା କରିବେ। ଏପରି ସେଣ୍ଟର୍‌ଗୁଡ଼ିକର ପରିଚାଳନା ପାଇଁ ରାଜ୍ୟ ସରକାର ଏସଓପି ଆଣି ପାରିବେ। ଏହି ନିର୍ଦ୍ଦେଶର କପି ରାଜ୍ୟ ମୁଖ୍ୟ ସଚିବ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଓ ପୁଲିସ ଡିଜିଙ୍କୁ କାର୍ଯ୍ୟକାରୀ ପାଇଁ ପଠାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଆବେଦନକାରୀ ତଥା ବାଂଲାଦେଶ ନାଗରିକଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜମିନ ମଞ୍ଜୁର କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

## ଦଙ୍ଗା, ଭିଡ଼ ହିଂସାକୁ ରୋକିବେ ସ୍ୱତନ୍ତ୍ର ଯବାନ

ଭୁବନେଶ୍ୱର,୨୧।୫(ସମିସ): ଦଙ୍ଗା ବା ଭିଡ଼ ହିଂସାକୁ ରୋକିବେ ବନ୍ଧୁକଧାରୀ ତାଲିମପ୍ରାପ୍ତ ଯବାନ। ଦଙ୍ଗା ରକ୍ଷାକାରୀ ବୁଲେଟପ୍ରୁଫ୍ ଗାଡ଼ିରେ ବୁଲିବେ ୬ ଯବାନ। କମାଣ୍ଡ ମିଳିବା ମାତ୍ରେ ପୀଡିତଙ୍କୁ ଉଦ୍ଧାର ସହ ଅପରାଧୀଙ୍କୁ କାବୁ କରିବେ। ପୁଲିସ ସେବା ଭବନରେ ଏ ନେଇ ଯବାନଙ୍କୁ ସ୍ପେଶାଲ ଟ୍ରେନିଂ ଦିଆଯାଇଛି।

ପୁଲିସର ଫୋକସ୍‌ରେ ରହିବ ରେସ୍ପନ୍ସ, ରେସ୍କ୍ୟୁ ଓ ରିଆକ୍ସନ। ବାଲିଅନ୍ତା ବର୍ବରତା ଓ ବଢୁଥିବା ହିଂସାକୁ ନେଇ ଉଦବେଗ ଡିଜିପିଙ୍କ ଏନକାଉଣ୍ଟର ଫଣ୍ଡା ପରେ କମିଶନରେଟ ପୁଲିସ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ନୂଆ ଉପାୟ ଚିନ୍ତା କରିଛି। ସିପାହୀଙ୍କୁ ପୁଲିସ ସେବା ଭବନରେ ସ୍ପେଶାଲ ଟ୍ରେନିଂ ଦିଆଯାଉଛି। ଯବାନ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ୟୁନିଟ୍‌ରେ ସ୍ପେଶାଲ ଟାକ୍ଟିକ୍ସ ଗ୍ରୁପ ଓ ସ୍ପେଶାଲ ଟାକ୍ଟିକାଲ ୟୁନିଟ ସାମିଲ ହେବେ। ସେମାନଙ୍କୁ ଅତ୍ୟାଧୁନିକ ବନ୍ଧୁକ ଯୋଗାଇ ଦିଆଯିବ। ଭିଡ ହିଂସା ହଉ ଅଥବା ଅପରାଧିକ କାର୍ଯ୍ୟକଳାପ ଅସାମାଜିକ ତତ୍ତ୍ୱଙ୍କୁ ଦମନ କରିବା ପାଇଁ ଆରମ୍ଭ ହୋଇଛି ସ୍ପେଶାଲ ଅପରେସନ। ଏହି ୟୁନିଟ୍ ଟୁଇନ ସିଟିକୁ ସୁରକ୍ଷିତ ରଖିବେ। ଏମର୍ଜେନ୍ସି ରେସ୍ପନ୍ସ ସପର୍ଟ ସିଷ୍ଟମକୁ କୌଣସି ସମ୍ବେଦନଶୀଳ କେସରେ କଲ ଆସିଲେ ତୁରନ୍ତ ଏ ଯବାନମାନେ ଘଟଣାସ୍ଥଳରେ ଯାଇ ପହଞ୍ଚିବେ।

ଏହାସହ ସହରରେ ସନ୍ଦିଗ୍ଧଙ୍କ ଉପରେ ନଜର ରଖିବା, ଆତଙ୍କି କାର୍ଯ୍ୟକଳାପ କମାଇବା, ଭିଭିଆଇପି ଗସ୍ତକୁ ଫୋକସ୍‌ରେ ରଖିବା ପାଇଁ ମଧ୍ୟ ସ୍ପେଶାଲ ଟ୍ରେନିଂ ମିଳିଛି। ବଢୁଥିବା ଅପରାଧ କମାଇବା ପାଇଁ ୩ ଦିନ ତଳେ ଡିଜିପି କଡା ଚେତାବନୀ ଦେଇଥିଲେ। ଆଉ ବ୍ରହ୍ମପୁରରେ ମୁକେଶ ସାହୁକୁ ଏନକାଉଣ୍ଟର କରିବା ପରେ ସାରା ରାଜ୍ୟରେ ଏବେ ଅପରାଧିକ ମହଲରେ ଛନକା ପସିଛି। ଗତକାଲି ଟୁଇନ ସିଟିରେ ମହିଳା ସୁରକ୍ଷା ଓ ହୋଟେଲ ଯାଞ୍ଚ ସମ୍ପର୍କିତ ୨ଟି ଆପ୍ଲିକେସନ ଲଞ୍ଚ କରିଥିବା ବେଳେ ଆଜିର ଏହି ସ୍ପେଶାଲ ଟ୍ରେନିଂ ସହରବାସୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିପାରିବ ବୋଲି ଆଶା ରଖାଯାଇଛି।

## ୨୦୭ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ ପ୍ରକଳ୍ପ ସମ୍ପୂର୍ଣ୍ଣ

ଭୁବନେଶ୍ୱର,୨୧।୫(ସମିସ): ରାଜ୍ୟରେ ଏବେ ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାମ ଜାରି ରହିଛି। ସେଥ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହା ମାଧ୍ୟମରେ ମୋଟ ୨୪୦୨ଟି ଗାଁକୁ ପାଇପ୍ ଜଳ ସୁବିଧା ଯୋଗାଇ ଦିଆଯାଇଛି। ଅନ୍ୟ ୧୪ଟି ପ୍ରକଳ୍ପ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଓ ଏହା ମାଧ୍ୟମରେ ଆହୁରି ୧୩୩୧ଟି ଗାଁ ଉପକୃତ ହେବ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଗୁରୁବାର ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଜି ପାନୀୟ ଜଳ ସମ୍ବନ୍ଧିତ ବିଭିନ୍ନ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି, ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଆଂଶିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ, ସେଥିରୁ ୩୨୧୦ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ କରାଯାଉଛି। ଏପର୍ଯ୍ୟନ୍ତ ୧୮୫୫୨ଟି ସିଙ୍ଗଲ୍ ଭିଲେଜ୍ ସ୍କିମ୍ ସମ୍ପୂର୍ଣ୍ଣ ହୋଇ ସୁରକ୍ଷିତ ପାନୀୟ ଜଳ ଯୋଗାଣ କରୁଛି। ମୋଟ ୬୩୬୯ଟି ସୋଲାର ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର କରିବା ପାଇଁ ୩୭୮୭୬ଟି ଟ୍ୟୁବୱେଲକୁ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ମଧ୍ୟ ଜଳ ସଂକଟପ୍ରବଣ ଅଞ୍ଚଳଗୁଡ଼ିକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ୬୨୯ଟି ଟ୍ୟାଙ୍କର୍ ନିଯୁକ୍ତ କରାଯାଇଛି। ବିଭିନ୍ନ ଗ୍ରାମାଞ୍ଚଳରେ ମୋଟ ୮୨୮୧ଟି ଜଳଛତ୍ର ଖୋଲାଯାଇଛି।

ସମୁଦାୟ ଭାବେ ଏପର୍ଯ୍ୟନ୍ତ ୨୦୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଅଧୀନରେ ଆଣାଯାଇଛି। ଏହା ସହିତ, ୭୦୪୨ଟି ଗ୍ରାମରେ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି। ସରକାର ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଞ୍ଚାଇବାକୁ ପ୍ରତିବଦ୍ଧ ଏବଂ ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

**ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା**

## ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଫି' ଛାଡ଼

କଟକ, ୨୧।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆସନ୍ତା ଜୁଲାଇରେ ଅନୁଷ୍ଠିତ ହେବ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ସପ୍ଲିମେଣ୍ଟାରୀ ପରୀକ୍ଷା। ଚଳିତବର୍ଷ ପରୀକ୍ଷା ଦେବାକୁ ଥିବା ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ଛାତ୍ରଛାତ୍ରୀମାନଙ୍କୁ କୌଣସି ଫର୍ମ ପୂରଣ ଫି' ଦେବାକୁ ପଡ଼ିବ ନାହିଁ। ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଏ ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଏହି ଫର୍ମ ପୂରଣ ଫି' ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ବହନ କରାଯିବ। ବୋର୍ଡର ଅନଲାଇନ୍ ପୋର୍ଟାଲରେ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ବିଦ୍ୟାଳୟରେ ଏହି ବର୍ଗର ଛାତ୍ରଛାତ୍ରୀଙ୍କଠାରୁ ପୂର୍ବରୁ ଫର୍ମ ପୂରଣ ଫି' ସଂଗ୍ରହ କରାଯାଇସାରିଛି। ତେବେ ତାହା ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ଫେରସ୍ତ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ଭବିଷ୍ୟତ ରେକର୍ଡ ପାଇଁ ଏହି ଛାତ୍ରଛାତ୍ରୀମାନଙ୍କଠାରୁ ଜାତିଗତ ପ୍ରମାଣପତ୍ରର ନକଲ ସଂଗ୍ରହ କରି ରଖିବେ। ବୋର୍ଡ କାର୍ଯ୍ୟାଳୟକୁ ଫର୍ମପୂରଣ ଡାଟା ପଠାଇବା ସମୟରେ ଏହି ଛାତ୍ରଛାତ୍ରୀଙ୍କର ଏକ ପୃଥକ୍ ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

**ଅମାନିଆ ଇସ୍କନ**

## ୨୩ରେ ମାଲେସିଆରେ କରିବ ଅଦିନିଆ ରଥଯାତ୍ରା

ପୁରୀ, ୨୧।୫(ସମିସ): ଅଦିନିଆ ରଥଯାତ୍ରାରେ ରୋକ୍ ଲାଗିପାରୁନାହିଁ। ବିଶେଷକରି ଏ କ୍ଷେତ୍ରରେ ଅମାନିଆ ହେଉଛି ଇସ୍କନ। ବାରମ୍ବାର ଅତିଥିରେ କରୁଛି ରଥଯାତ୍ରା। ନିକଟରେ ଆମେରିକାରେ ଅଦିନରେ ରଥଯାତ୍ରା କରିଥିବା ଇସ୍କନ ଏବେ ମାଲେସିଆରେ କରିବାକୁ ଯାଉଛି। ଆସନ୍ତା ୨୩ ତାରିଖରେ ମାଲେସିଆର ଦିୱାନ ତେରବୁକା ତାମାନ ଦେସା ପୁତେରୀରେ ଏହି ରଥଯାତ୍ରା ଆୟୋଜନ କରାଯାଇଛି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ପରିବର୍ତ୍ତେ ବିଭିନ୍ନ ସମୟରେ ବିଦେଶରେ ଇସ୍କନ ସଂସ୍ଥା ଦ୍ୱାରା ପାଳିତ ହେଉଥିବା ଅଦିନିଆ ରଥଯାତ୍ରାକୁ ନେଇ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ବିରୋଧ ଓ ଅସନ୍ତୋଷ ପ୍ରକାଶ ପାଇଆସୁଛି। ମାଲେସିଆରେ ହେଉଥିବା ରଥଯାତ୍ରାକୁ ନେଇ ତୀବ୍ର ନିନ୍ଦା କରିଛି ପୁରୀର ଭଏସ୍ ଅଫ୍ କମନ୍ ମ୍ୟାନ୍ ସଂଗଠନ। ଏ ନେଇ ସଂଗଠନ ମୁଖ୍ୟ ହେକ୍ଟର ମିଶ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ମାଲେସିଆ ହାଇକମିଶନରଙ୍କୁ ଚିଠି ଲେଖିଛନ୍ତି। ଅଦିନିଆ ରଥଯାତ୍ରା ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥ ସଂସ୍କୃତି ଓ ସନାତନ ପରମ୍ପରାକୁ ଅବମାନନା

**ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଲା ଭଏସ୍ ଅଫ୍ କମନ୍‌ମ୍ୟାନ୍**

କରାଯାଉଥିବା ଦର୍ଶାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ଅଦିନିଆ ରଥଯାତ୍ରାକୁ ନେଇ ପୂର୍ବରୁ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଇସ୍କନର ଏଭଳି ମନମାନିକୁ ଦୃଢ଼ ଭାଷାରେ ନିନ୍ଦା କରିଛନ୍ତି। ନିଜର ଖ୍ୟାତି ପାଇଁ ଧାର୍ମିକ ବିଧିବିଧାନ ସହ ଖେଳ ନ କରିବାକୁ ସେ ଚେତାବନୀ ଦେଇଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଏ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ପରମ୍ପରା ବିରୋଧୀ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ନିବେଦନ କରିଛନ୍ତି। ଜଗନ୍ନାଥ ସଂସ୍କୃତିର ମୂଳ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ ପୁରୀର ସେବାୟତ ଓ ଜଗନ୍ନାଥପ୍ରେମୀମାନେ ଦାବି କରିଆସୁଥିବା ବେଳେ ଇସ୍କନ ତା'ର ମନମାନି ଚଳାଇଛି।

ସୂଚନାଥାଉ କି, ନିକଟରେ ପଞ୍ଜାବର ଫିରୋଜପୁରରେ ଆସନ୍ତା ୨୩ ତାରିଖରେ ଅଦିନିଆ ରଥଯାତ୍ରା ହେବାକୁ ଯାଉଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସେଠାକାର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଚିଠି ଲେଖିବା ସହ ଜିଲ୍ଲାପାଳ ଦୀପଶିଖା ଶର୍ମାଙ୍କ ସହିତ କଥା ହୋଇଥିଲେ। ତାଙ୍କର ତ୍ୱରିତ ହସ୍ତକ୍ଷେପ ଓ ସହଯୋଗ ଫଳରେ ଫିରୋଜପୁରରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ରହିଛି।

**ପୁରୀ ରଥଯାତ୍ରା ପାଇଁ ପୁଲିସର ପ୍ରସ୍ତୁତି ଡିଜିପିଙ୍କ ସମୀକ୍ଷା**

## ଦଳାଚକଟା ଓ ଅପରାଧ ନିୟନ୍ତ୍ରଣ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

କଟକ,୨୧।୫ (ସମିସ): ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁ-ବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷକରି ଦଳଚକଟା ସ୍ଥିତି ଏଡ଼ାଇବା ଓ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ସମନ୍ୱିତ ଭାବେ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି।

ରଥଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ। ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ। ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯାତାୟାତ ଓ ଟ୍ରାଫିକ୍ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ

- ରେଳଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡରେ ପ୍ରଦର୍ଶିତ ହେବ ବାହାର ରାଜ୍ୟ ଅପରାଧୀଙ୍କ ଫଟୋ
- ନିୟୋଜିତ ହେବେ କ୍ଲିଅରାନ୍ସ ଓ କ୍ରାକ୍ ଟିମ୍

ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ୍ ସୁପରିଚାଳନା ପାଇଁ ରୋଡ୍ ଡିଭାଇଡର୍, ଡିଲିନେଟର୍ ଏବଂ ଟ୍ରାଫିକ୍ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସହରର ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜ୍‌ଗୁଡ଼ିକରେ ନିୟମିତ ଯାଞ୍ଚ କରିବା ସହ ଅସ୍ଥାୟୀ ଆଉଟପୋଷ୍ଟ ଖୋଲାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାସହ ରେଳବାଇ ପୁଲିସ୍ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳଷ୍ଟେସନ୍‌ରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କେ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ୍, ଏସଟିୟୁ ଟିମ ମୁତୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା

ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅରୁଣ ବୋଥ୍ରା, ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଦୟାଲ ଗଙ୍ଗୱାର୍‌ଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଆଇଜିପି ସତ୍ୟବ୍ରତ ଭୋଇ, ଡିଆଇଜି ପିନାକ ମିଶ୍ର, ପୁରୀ ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**● ରେମୁଣା ମେରିଲାକ ସେବା ସଦନରେ ସୁରକ୍ଷା ବ୍ୟବସ୍ଥା ଢିଲା**

## ୪ ନାବାଳିକା ଅନ୍ତେବାସୀ ଚମ୍ପଟ

ବାଲେଶ୍ୱର,୨୧।୫ (ସମିସ): ରେମୁଣା ବାଲଗୋପାଳସ୍ଥିତ ମେରିଲାକ୍ ସେବା ସଦନରୁ ୪ ନାବାଳିକା ରାତିରେ ଚମ୍ପଟ ହୋଇଥିବା ସୂଚନା ମିଳିଛି। ବଡ଼ କଥା ହେଲା, ଏପରି ଏକ ଘଟଣା ଘଟିବା ପରେ ଆଶ୍ରମ ପକ୍ଷରୁ ଥାନାରେ ରିପୋର୍ଟ କରାଯାଇନାହିଁ। ଘଟଣାକୁ ଚାପିଦେବା ପାଇଁ ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରାଯାଇଛି। ୪ ଜଣ ନାବାଳିକା ଅନ୍ତେବାସୀ ଆଶ୍ରମର ତାଲା ଖୋଲି ଫେରାର୍ ହୋଇଯାଇଥିବା ବେଳେ ପ୍ରାୟ ୨୪ ଘଣ୍ଟାରୁ ଅଧିକ ସମୟ ଧରି ସଂସ୍ଥା ପକ୍ଷରୁ ସ୍ଥାନୀୟ ପୁଲିସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଓ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)କୁ ସୂଚନା ନ ଦିଆଯାଇଥିବା ଅଭିଯୋଗ ଏବେ ସାମ୍ନାକୁ ଆସିଛି। ଏହି ଘଟଣା ପରେ ମେରିଲାକ ଆଶ୍ରମର ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଦାୟିତ୍ୱବୋଧ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଘଟଣାରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉଦବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ଏସପିଙ୍କୁ ଭେଟି ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି।

## ପଶ୍ଚିମବଙ୍ଗ ସରକାରୀ କର୍ମଚାରୀଙ୍କ ଉପରେ ଲାଗିଲା କଟକଣା

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ନିଜର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଗଣମାଧ୍ୟମ ସହ ଆଲୋଚନା, ସାଧାରଣ ମନ୍ତବ୍ୟ ଏବଂ ସରକାରୀ ତଥ୍ୟ ସେୟାର କରିବା ଉପରେ କଡ଼ା କଟକଣା ଲଗାଇଛନ୍ତି। ରାଜ୍ୟର କର୍ମଚାରୀ ଓ ପ୍ରଶାସନିକ ସୁଧାର ବିଭାଗ ପକ୍ଷରୁ ଜାରି ଏହି ନୂତନ ନିର୍ଦ୍ଦେଶନାମା ଅନୁସାରେ, କୌଣସି ବି ସରକାରୀ କର୍ମଚାରୀ ଏଣିକି ସରକାରଙ୍କ ନୀତିକୁ ସାଧାରଣରେ ସମାଲୋଚନା କରିପାରିବେ ନାହିଁ କିମ୍ବା ବିନା ଅନୁମତିରେ ଗଣମାଧ୍ୟମର କୌଣସି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ। ମୁଖ୍ୟ ଶାସନ ସଚିବ ମନୋଜ ପାନ୍ତଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶାବଳୀ ଆଇଏଏସ୍, ଡବ୍ଲ୍ୟୁବିସିଏସ୍ ଏବଂ ଡବ୍ଲ୍ୟୁବିପିଏସ୍ ଅଧିକାରୀଙ୍କ ସମେତ ପୌରପାଳିକା, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଏବଂ ସ୍ୱାୟତ୍ତ ଶାସିତ ସଂସ୍ଥାର କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହି ନିୟମ ଅନୁଯାୟୀ, କର୍ମଚାରୀମାନେ ବିନା ଅନୁମତିରେ କୌଣସି ପ୍ରବନ୍ଧ ଲେଖିପାରିବେ ନାହିଁ, ସମ୍ବାଦପତ୍ର ସମ୍ପାଦନା କରିପାରିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ନିୟମ ଉଲ୍ଲଂଘନ କଲେ କଡ଼ା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅମରନାଥ ଯାତ୍ରା ପାଇଁ ୩.୬ ଲକ୍ଷ ଶ୍ରଦ୍ଧାଳୁଙ୍କ ପଞ୍ଜୀକରଣ

ଶ୍ରୀନଗର, ୨୧।୫(ଏଜେନ୍ସି): ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ୫୭ ଦିନିଆ ଯାତ୍ରା ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନ ତଥା ଶ୍ରାବଣ ପୂର୍ଣ୍ଣିମା ଅବସରରେ ସମାପ୍ତ ହେବ। ଏଥିପାଇଁ ଗତ ଏପ୍ରିଲ ୧୫ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩.୬ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ନିଜର ନାମ ପଞ୍ଜୀକରଣ କରିସାରିଛନ୍ତି। ଚଳିତ ବର୍ଷ ଯାତ୍ରୀଙ୍କ ସଂଖ୍ୟା ୫ ଲକ୍ଷ ପାର୍ କରିବ ବୋଲି ପ୍ରଶାସନ ଆଶା ରଖିଛି। ବର୍ତ୍ତମାନ ଯାତ୍ରା ମାର୍ଗର ଅନେକ ସ୍ଥାନରେ ୬ରୁ ୮ ଫୁଟ ଏବଂ ହେମପ୍ରପାତ ପ୍ରବଣ ଅଞ୍ଚଳରେ ପ୍ରାୟ ୧୦ରୁ ୧୨ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିଛି। ତେବେ ସୀମା ସଡ଼କ ସଂଗଠନ (ବିଆରଓ) ପକ୍ଷରୁ ବାଲ୍‌ଟାଲ୍ ଏବଂ ପହଲଗାମ୍ ଉଭୟ ମାର୍ଗରୁ ଯୁଦ୍ଧକାଳୀନ ଭିତ୍ତିରେ ବରଫ ହଟାଇବା ସହ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ଜୁନ୍ ୧୫ ସୁଦ୍ଧା ଉଭୟ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଦିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ଚଳିତ ବର୍ଷ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ କଲକତା ହାଇକୋର୍ଟଙ୍କ ସୁରକ୍ଷା

କୋଲକାତା, ୨୧।୫(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ଅଭିଷେକ ବନାର୍ଜୀଙ୍କୁ କଲକତା ହାଇକୋର୍ଟ ବଡ଼ ରାହତ ଦେଇଛି। ନିର୍ବାଚନୀ ସଭାରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଦିଆଯାଇଥିବା କଥିତ ବିବାଦିତ ମନ୍ତବ୍ୟ ସମ୍ବନ୍ଧୀୟ ମାମଲାରେ ଅଦାଲତ ପଶ୍ଚିମବଙ୍ଗ ପୁଲିସକୁ ତାଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସୁରକ୍ଷା ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ମାମଲାର ଶୁଣାଣି ସମାପ୍ତ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଅଭିଷେକ ବନାର୍ଜୀ ପୂର୍ବ ଅନୁମତି ବିନା ଯାତ୍ରା କରିପାରିବେ ନାହିଁ ଏବଂ କୌଣସି ଯାତ୍ରା ପୂର୍ବରୁ ତଦନ୍ତ ଅଧିକାରୀଙ୍କୁ ୪୮ ଘଣ୍ଟା ପୂର୍ବରୁ ସୂଚନା ଦେବାକୁ ପଡ଼ିବ। ଗତ ସପ୍ତାହରେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଦିଆଯାଇଥିବା କଥିତ ଉତ୍ତେଜନାମୂଳକ ଭାଷଣକୁ ନେଇ ବିଧାନନଗର ସାଇବର କ୍ରାଇମ ଥାନାରେ ତାଙ୍କ ବିରୋଧରେ ଏଫଆଇଆର ରେଜିଷ୍ଟର ହୋଇଥିଲା। ସାମାଜିକ କର୍ମୀ ରାଜୀବ ସରକାର ଅଭିଯୋଗ କରିଥିଲେ ଯେ ଏପ୍ରିଲ ୨୭ ଠାରୁ ମେ ୩ ମଧ୍ୟରେ ହୋଇଥିବା ଅନେକ ନିର୍ବାଚନୀ ସଭାରେ ଅଭିଷେକ ବନାର୍ଜୀ ଉତ୍ତେଜକ ଓ ଧମକମୂଳକ ମନ୍ତବ୍ୟ ଦେଇଥିଲେ।

## ଅନ୍ତିମ ସତ୍କାର ପରେ ଘରକୁ ଫେରିଲେ ନିଖୋଜ ବ୍ୟକ୍ତି

ରାଞ୍ଚି, ୨୧।୫(ଏଜେନ୍ସି): ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତି ନିଖୋଜ ହେବାର କିଛି ଦିନ ପରେ ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ତେବେ ଏହା ପୂର୍ବରୁ ପରିବାର ଲୋକେ ଭୁଲ୍ ବଶତଃ ଅନ୍ୟ ଜଣଙ୍କ ମୃତଦେହକୁ ଚିହ୍ନଟ କରି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିସାରିଥିଲେ। ନିଖୋଜ ବ୍ୟକ୍ତିଜଣକ ହେଉଛନ୍ତି ପାତ୍ରାଟୋଲି ଗ୍ରାମର ୪୫ ବର୍ଷୀୟ ବିଶ୍ରାମ ମୁଣ୍ଡା। ପୁଲିସ ସୂଚନା ଅନୁସାରେ, ଗତ ମେ ୧୦ ତାରିଖରେ ବିଶ୍ରାମ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏହାର ପରଦିନ ପୁଲିସ ଏକ ନାଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହର ଉଚ୍ଚତା, ଚେହେରା ଏବଂ ଗଠନ ସମ୍ପୂର୍ଣ୍ଣ ଭାବେ ବିଶ୍ରାମଙ୍କ ସହ ମିଶୁଥିବାରୁ ହସ୍ପିଟାଲରେ ପରିବାର ଓ ଗ୍ରାମବାସୀ ଏହାକୁ ବିଶ୍ରାମଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପରିବାର ଲୋକେ ମୃତଦେହକୁ ନେଇ ଆଦିବାସୀ ରୀତିନୀତି ଅନୁଯାୟୀ ପୋତି ସତ୍କାର କରିଦେଇଥିଲେ। କିନ୍ତୁ ଏହାର କିଛି ଦିନ ପରେ ବିଶ୍ରାମ ହଠାତ୍ ତାଙ୍କ ଝିଅର ଭଡ଼ାଘରେ ପହଞ୍ଚି ଯିବାରୁ ସମସ୍ତେ ଚକିତ ହୋଇଯାଇଥିଲେ। ସେ କାହାକୁ ନଜଣାଇ ପ୍ରାୟ ୭୦ କିଲୋମିଟର ଦୂର ରାମଗଡ଼ ଚାଲିଯାଇଥିବା ପ୍ରକାଶ କରିଛନ୍ତି। ଏବେ ପୁଲିସ ସେହି ଅଜଣା ମୃତଦେହକୁ ମାଟିରୁ ବାହାର କରି ପ୍ରକୃତ ପରିଚୟ ଜାଣିବା ପାଇଁ ଡିଏନଏ ପରୀକ୍ଷା କରିବା ପ୍ରକ୍ରିୟା ଆରମ୍ଭ କରିଛି।

## ପଶ୍ଚିମବଙ୍ଗର ମଦ୍ରାସାଗୁଡ଼ିକରେ ‘ବନ୍ଦେ ମାତରମ୍’ ଗାନ ବାଧ୍ୟତାମୂଳକ

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ସ୍କୁଲଗୁଡ଼ିକ ପରେ ଏବେ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ମଦ୍ରାସାରେ ପ୍ରାତଃକାଳୀନ ପ୍ରାର୍ଥନା ସଭାରେ ଜାତୀୟ ଗୀତ ‘ବନ୍ଦେ ମାତରମ୍’ ଗାନ କରିବା ବାଧ୍ୟତାମୂଳକ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ମଦ୍ରାସାରେ ଶ୍ରେଣୀ ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏହି ଗୀତ ଗାନ କରାଯିବା ନେଇ ମଦ୍ରାସା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଗତ ସପ୍ତାହରେ ବିଦ୍ୟାଳୟ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲରେ ବନ୍ଦେ ମାତରମ୍‌ର ସମସ୍ତ ୬ଟି ଯାକ ସ୍ତବକ ଗାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ନିୟମକୁ ମଦ୍ରାସାଗୁଡ଼ିକ ପାଇଁ ମଧ୍ୟ ଲାଗୁ କରାଯାଇଛି। ଚଳିତ ବର୍ଷ ଫେବୃଆରୀ ମାସରେ କେନ୍ଦ୍ର ସରକାର ‘ବନ୍ଦେ ମାତରମ୍’କୁ ଜାତୀୟ ସଙ୍ଗୀତ ‘ଜନ ଗଣ ମନ’ ସହ ସମାନ ମାନ୍ୟତା ପ୍ରଦାନ କରିଥିଲେ। ଏହା ପରଠାରୁ ସରକାରୀ କାର୍ଯ୍ୟକ୍ରମ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହାର ପୂର୍ଣ୍ଣ ରୂପ ଗାନ କରିବାକୁ ନେଇ ଦେଶରେ ଚର୍ଚ୍ଚା ଆରମ୍ଭ ହୋଇଥିଲା ଓ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟରେ ରାଜନୈତିକ ବିବାଦ ଦେଖାଦେଇଛି।

# ଦିନକୁ ଆତ୍ମହତ୍ୟା କରୁଛନ୍ତି ୪୦ ଛାତ୍ରଛାତ୍ରୀ




ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ‘ଭାରତରେ ଆକସ୍ମିକ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୪’ ରିପୋର୍ଟରୁ ଏକ ଅତ୍ୟନ୍ତ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଦେଶରେ ସାମଗ୍ରିକ ଆତ୍ମହତ୍ୟା ମାମଲାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା କିନ୍ତୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା କେବଳ ଏକ ବ୍ୟକ୍ତିଗତ କିମ୍ବା ପାରିବାରିକ ଦୁଃଖଦ ଘଟଣା ହୋଇ ରହିନାହିଁ, ବରଂ ଏକ ସାମାଜିକ ଜରୁରୀକାଳୀନ ପରିସ୍ଥିତିରେ ପରିଣତ ହେଲାଣି। ୨୦୨୩ ମସିହାରେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୧୩, ୮୯୨ ଥିବା ବେଳେ ୨୦୨୪ରେ ଏହା ୪.୩ ପ୍ରତିଶତ ବୃଦ୍ଧି ପାଇ ୧୪, ୪୮୮ ରେ ପହଞ୍ଚିଛି। ଏହି ପରିସଂଖ୍ୟାନ ଅନୁସାରେ ଭାରତରେ ହାରାହାରି ପ୍ରତିଦିନ ପ୍ରାୟ ୪୦ ଜଣ ଏବଂ ପ୍ରତି ୩୬ ମିନିଟ୍‌ରେ ଜଣେ ଶିକ୍ଷାର୍ଥୀ ନିଜର ଜୀବନ ହାରୁଛନ୍ତି। ୨୦୨୪ରେ ମୋଟ ଆତ୍ମହତ୍ୟା କରିଥିବା ପିଲାଙ୍କ ମଧ୍ୟରେ ୭, ୬୬୯ ଜଣ ଛାତ୍ର ଏବଂ ୬, ୮୧୯ ଜଣ ଛାତ୍ରୀ ଥିଲେ। ଗୁଜରାଟ, ମଧ୍ୟପ୍ରଦେଶ ଏବଂ ପଞ୍ଜାବ ଭଳି କେତେକ ରାଜ୍ୟରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଅଧିକ ରହିଛି। ଛାତ୍ର ଆତ୍ମହତ୍ୟା ମାମଲାରେ ମହାରାଷ୍ଟ୍ର (୧, ୯୦୯ ମୃତ୍ୟୁ) ସହ ଶୀର୍ଷରେ ଥିବା ବେଳେ ଏହା ପଛକୁ ଉତ୍ତର ପ୍ରଦେଶ (୧, ୫୮୫), ମଧ୍ୟପ୍ରଦେଶ (୧, ୪୪୭) ଏବଂ ତାମିଲନାଡୁ (୧, ୨୮୭) ରହିଛନ୍ତି। ଅନ୍ୟପଟେ, ଯଦି ସମଗ୍ର ଦେଶର ମୋଟ ଆତ୍ମହତ୍ୟା (ସମସ୍ତ ବର୍ଗ) ମାମଲାକୁ ଦେଖାଯାଏ, ତେବେ ଗତ ତିନି ବର୍ଷ (୨୦୨୨, ୨୦୨୩, ୨୦୨୪) ଧରି ଲଗାତାର ଭାବେ ୫ଟି ରାଜ୍ୟ ଯଥା— ମହାରାଷ୍ଟ୍ର, ତାମିଲନାଡୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଶୀର୍ଷରେ ରହିଛନ୍ତି। ସାରା ଦେଶର ମୋଟ ଆତ୍ମହତ୍ୟାର ପ୍ରାୟ ୪୯ ପ୍ରତିଶତ କେବଳ ଏହି ୫ଟି ରାଜ୍ୟରୁ ହିଁ ଆସୁଛି। ସାଧାରଣରେ ଆତ୍ମହତ୍ୟା ପଛରେ ପାରିବାରିକ ସମସ୍ୟା (୩୩.୫%), ଅସୁସ୍ଥତା (୧୮%) ଏବଂ ନିଶା ଶକ୍ତ (୭. ୬%) ମୁଖ୍ୟ କାରଣ ସାଜିଥିବା ବେଳେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ଅତ୍ୟଧିକ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା, ପରୀକ୍ଷାରେ ବିଫଳ ହେବାର ଭୟ, ପରିବାରର ଆଶା ପୂରଣ ନକରିପାରିବାର ମାନସିକ ଚାପ ଏବଂ ନିକଟରେ ଘଟିଥିବା ନିଟ୍ ପେପର ଲିକ୍ ଓ ପରୀକ୍ଷା ବାତିଲ ଭଳି ଅନିଶ୍ଚିତତା କୋମଳମତି ପିଲାମାନଙ୍କୁ ଚରମ ପଦକ୍ଷେପ ନେବାକୁ ବାଧ୍ୟ କରୁଛି।

## ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କଲେ ମୋଜତବା



### ଇରାନ ବାହାରକୁ ଯିବନି ସମୃଦ୍ଧ ୟୁରାନିୟମ୍

ତେହରାନ/ୱାସିଂଟନ, ୨୧।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ଅସ୍ଥାୟୀ ସରକାରୀ ଯୁଦ୍ଧବିରତି ଆଲୋଚନା ମଧ୍ୟରେ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ମୋଜତବା ଖାମେନେଇ ଦେଶର ‘ସମୃଦ୍ଧ ୟୁରାନିୟମ୍’ର ମହଜୁଦ ଭଣ୍ଡାରକୁ ଦେଶ ବାହାରକୁ ନପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ଆମେରିକା ଏବଂ ଇସ୍ରାଏଲ୍ ସହିତ ଚାଲିଥିବା ଶାନ୍ତି ଆଲୋଚନା ଆହୁରି ଜଟିଳ ରୂପ ଧାରଣ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମୁଖ୍ୟ ସର୍ତ୍ତ ଥିଲା ଯେ, ଯୁଦ୍ଧ ସମାପ୍ତ କରିବାକୁ ହେଲେ ଇରାନକୁ ନିଜର ସମୃଦ୍ଧ ୟୁରାନିୟମ୍ ଦେଶ ବାହାରକୁ ପଠାଇବାକୁ ହେବ, ଯାହାକୁ ଏବେ ଇରାନ ସୂତ୍ରରୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇଛି। ପାଶ୍ଚାତ୍ୟ ଦେଶ ଏବଂ ଇସ୍ରାଏଲର ଅଭିଯୋଗ ଯେ ଇରାନ ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ କାର୍ଯ୍ୟ କରୁଛି। ଇରାନ ନିଜର ୟୁରାନିୟମକୁ ୬୦% ପର୍ଯ୍ୟନ୍ତ ସମୃଦ୍ଧ କରିସାରିଛି, ଯାହା ସାଧାରଣ ନାଗରିକ ବା ଚିକିତ୍ସା ବିଜ୍ଞାନ ଆବଶ୍ୟକତା ଠାରୁ ବହୁତ ଅଧିକ ଏବଂ ପରମାଣୁ ବୋମା ତିଆରିର ଅତି ନିକଟତର ଅଟେ। ତେବେ ଇରାନ ଏହି ଅଭିଯୋଗକୁ ସଦାସର୍ବଦା ଅସ୍ୱୀକାର କରିଆସିଛି। ଇରାନର ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଯଦି ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ପଠାଇ ଦିଆଯାଏ, ତେବେ ଇରାନ ଭବିଷ୍ୟତରେ ଆମେରିକା ଏବଂ ଇସ୍ରାଏଲର ସାମରିକ ଆକ୍ରମଣ ଆଗରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବ। ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ କରିଥିବା ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଭୟଙ୍କର ସଂଗ୍ରାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପାକିସ୍ତାନର ମଧ୍ୟସ୍ଥତାରେ ଏକ ଅସ୍ଥାୟୀ ଯୁଦ୍ଧବିରତି ବଳବତ୍ତର ରହିଛି। ବର୍ତ୍ତମାନ ସୁଦ୍ଧା ଆମେରିକା ଦ୍ୱାରା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକୁ ଅବରୋଧ କରାଯାଇଛି ଏବଂ ଅପରପକ୍ଷେ ‘ହର୍ମୁଜ ପ୍ରଣାଳୀ’ ଉପରେ ଇରାନ ନିଜର ନିୟନ୍ତ୍ରଣ ଜାରି ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ଶାନ୍ତି ଚୁକ୍ତି ସ୍ୱୀକାର ନକରେ, ତେବେ ଆମେରିକା ପୁନର୍ବାର ବ୍ୟାପକ ଆକ୍ରମଣ କରିବ। ଏଥିପାଇଁ ସେ ମାତ୍ର କେତେଦିନର ସମୟ ଦେଇଛନ୍ତି। ଇରାନର ମୁଖ୍ୟ ଶାନ୍ତି ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ୍ ମଧ୍ୟ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣର ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ସୂଚନା ଅନୁଯାୟୀ, ଦୁଇ ହଜାର ପଚିଶି ମସିହା ଜୁନ୍ ମାସରେ ହୋଇଥିବା ଆକ୍ରମଣ ପୂର୍ବରୁ ଇରାନ ପାଖରେ ପ୍ରାୟ ୪୪୦.୯ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଥିଲା। ସମ୍ପ୍ରତି ଏହି ମହଜୁଦ ଭଣ୍ଡାର ଇସଫାହାନ ଏବଂ ନାଟାଞ୍ଜ ପରମାଣୁ କେନ୍ଦ୍ରର ସୁଡ଼ଙ୍ଗ ମଧ୍ୟରେ ସୁରକ୍ଷିତ ରହିଛି। ଇରାନ ସୂତ୍ରରୁ ପ୍ରକାଶ ଯେ, ଏହି ସମସ୍ୟାର ସମାଧାନ ପାଇଁ ଏକ ମଧ୍ୟମ ପନ୍ଥା ଗ୍ରହଣ କରାଯାଇପାରେ। ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ନପଠାଇ ଆନ୍ତର୍ଜାତୀୟ ପରମାଣୁ ସଂସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ତୀବ୍ରତାକୁ ହ୍ରାସ ବା ଲଘୁକରଣ (ଡାଲ୍ୟୁସନ୍) କରାଯାଇପାରିବ।

## ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ହମ୍‌ଜା ବୁର୍‌ହାନ୍‌କୁ ହତ୍ୟା

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ୨୦୧୯ ମସିହାରେ ଘଟିଥିବା ପୁଲୱାମା ଆକ୍ରମଣର ଅନ୍ୟତମ ମୁଖ୍ୟ ସୂତ୍ରଧର ତଥା ଆଲ୍-ବଦ୍ର ସନ୍ତ୍ରାସବାଦୀ ସଂଗଠନର କମାଣ୍ଡର ହମ୍‌ଜା ବୁରହାନ ଓରଫ୍ ‘ଡାକ୍ତର’ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ମୁଜାଫରାବାଦଠାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଛି। ଜମ୍ମୁ-କାଶ୍ମୀରର ପୁଲୱାମା ନିବାସୀ ହମ୍‌ଜା ବୁରହାନର ପ୍ରକୃତ ନାମ ଅର୍ଜୁମନ୍ଦ ଗୁଲଜାର ଡାର୍। ୨୦୧୭ରେ ଉଚ୍ଚଶିକ୍ଷା ବାହାନାରେ ପାକିସ୍ତାନ ଯାଇ ସେ ଆଲ୍-ବଦ୍ର ସନ୍ତ୍ରାସବାଦୀ ସଂଗଠନରେ ସାମିଲ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ କାଶ୍ମୀରର ଯୁବପିଢ଼ିଙ୍କୁ ମାନସିକ ସ୍ତରରେ ବିପଥଗାମୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଭାରତର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ମସିହାରେ ତାକୁ ଏକ ‘ଘୋଷିତ ଆତଙ୍କବାଦୀ’ ଭାବେ ଚିହ୍ନଟ କରାଯାଇଥିଲା।୧୪ ଫେବୃଆରୀ ୨୦୧୯ରେ ଜୈଶ-ଇ-ମହମ୍ମଦ ଦ୍ୱାରା ହୋଇଥିବା ଭୟାବହ ପୁଲୱାମା ଆକ୍ରମଣରେ ୪୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ, ଯାହାର ପରିଣାମ ସ୍ୱରୂପ ଭାରତ ପକ୍ଷରୁ ବାଲାକୋଟ୍ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନ ଏବଂ ପିଓକେ ମାଟିରେ ଭାରତ ଦ୍ୱାରା ମୋଷ୍ଟ ୱାଣ୍ଟେଡ୍ ଘୋଷିତ ହୋଇଥିବା ଅନେକ ପ୍ରମୁଖ ସନ୍ତ୍ରାସବାଦୀଙ୍କୁ ଅଜ୍ଞାତ ଆତତାୟୀମାନେ ଏହିପରି ଭାବେ ନିପାତ କରିଛନ୍ତି।



## ଇରାନ ପ୍ରସଙ୍ଗରେ ଟ୍ରମ୍ପ ଏବଂ ନେତନ୍ୟାହୁଙ୍କ ମଧ୍ୟରେ ବଢୁଛି ତିକ୍ତତା



ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଇରାନ ସହିତ ଯୁଦ୍ଧ କିମ୍ବା କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମଧ୍ୟରେ ହୋଇଥିବା ଏକ ଦୀର୍ଘ ଫୋନ୍ ଆଲୋଚନା ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା, ଯାହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଚିନ୍ତିତ ଥିବା ଜଣାପଡ଼ିଛି। କାତାର ଏବଂ ପାକିସ୍ତାନ ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଏକ ଚିଠା ପ୍ରସ୍ତାବ ଅନୁଯାୟୀ ଆମେରିକା ଏବଂ ଇରାନ ମଧ୍ୟରେ ଶତ୍ରୁତାର ଅନ୍ତ ଘଟାଇ ୩୦ ଦିନର ଏକ ଆଲୋଚନା ଚକ୍ର ଆରମ୍ଭ କରିବାକୁ ଟ୍ରମ୍ପ ଚାହୁଁଛନ୍ତି। ଏହି ଆଲୋଚନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ହର୍ମୁଜ ପ୍ରଣାଳୀକୁ ପୁନଃ ଉନ୍ମୁକ୍ତ କରିବା ପ୍ରସଙ୍ଗ ସାମିଲ ଅଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଆଲୋଚନାକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଇରାନର ସାମରିକ ଶକ୍ତି ଏବଂ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଯୁଦ୍ଧ ଜାରି ରଖିବା ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯଦି କିଛି ଦିନ ଅପେକ୍ଷା କରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ, ତେବେ କୂଟନୀତିକୁ ଆଉ ଏକ ସୁଯୋଗ ଦେବା ଉଚିତ। ତେବେ ଆଲୋଚନା ବିଫଳ ହେଲେ ତୁରନ୍ତ ଯୁଦ୍ଧ ଆରମ୍ଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ତାମିଲନାଡୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ

### ୫୯ ବର୍ଷ ପରେ କ୍ଷମତାର ସ୍ୱାଦ ଚାଖିଲା କଂଗ୍ରେସ

ଚେନ୍ନଇ, ୨୧।୫(ଏଜେନ୍ସି): ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟଙ୍କ ନେତୃତ୍ୱରେ ପରିଚାଳିତ ତାମିଲନାଡୁ ସରକାରଙ୍କ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଗୁରୁବାର ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସର ଦୁଇ ଜଣ ବିଧାୟକଙ୍କ ସମେତ ମୋଟ ୨୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ଏହି ସରକାରୀ କାର୍ଯ୍ୟକ୍ରମରେ ନାରାବାଜି ଏବଂ ସଙ୍ଗୀତ ଗାନର ନିୟମକୁ ନେଇ କିଛି ବିବାଦ ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକ ଦଳର ନେତା ଏସ୍. ରାଜେଶ କୁମାର ମନ୍ତ୍ରୀ ଭାବେ ଶପଥ ନେବା ସରିବା ମାତ୍ରେ ମଞ୍ଚ ଉପରୁ ‘ରାହୁଲ ଗାନ୍ଧୀ ଜିନ୍ଦାବାଦ’ ଏବଂ ‘ରାଜୀବ ଗାନ୍ଧୀ ଅମର ରହେ’ ଭଳି ନାରା ଦେଇଥିଲେ। ଏହାକୁ ନେଇ ରାଜ୍ୟପାଳ ଆର.ଏନ. ରବି ତୁରନ୍ତ ହସ୍ତକ୍ଷେପ କରିଥିଲେ ଏବଂ ଶପଥ ଗ୍ରହଣ ସମୟରେ ଏଭଳି ନାରାବାଜି ନିୟମର ବିରୁଦ୍ଧ ବୋଲି ସ୍ପଷ୍ଟ କରିଥିଲେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ମଧ୍ୟ ଶପଥ ପାଠ ସମୟରେ ନିର୍ଦ୍ଧାରିତ ଲେଖା ବାହାରେ କିଛି କହିବାରୁ ରାଜ୍ୟପାଳ ତାଙ୍କୁ କେବଳ ସରକାରୀ ଶପଥ ପତ୍ର ପଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ସବରେ ରାଜ୍ୟ ସଙ୍ଗୀତ ‘ତାମିଲ ଥାଇ ବାଜଥୁ’ ଶେଷରେ ଗାନ କରାଯିବାକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି, କାରଣ ସରକାରୀ ନିୟମ ଅନୁସାରେ ଏହା କାର୍ଯ୍ୟକ୍ରମର ଆରମ୍ଭରେ ଗାନ କରାଯିବା ଉଚିତ। ଏହି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ପାର୍ଟି ତାମିଲନାଡୁ ସରକାରରେ ସାମିଲ ହୋଇଛି। ଶେଷ ଥର ପାଇଁ ୧୯୬୭ ମସିହା ପୂର୍ବରୁ କଂଗ୍ରେସ ଏହି ରାଜ୍ୟରେ ଶାସନ ଗାଦିରେ ଥିଲା। ବର୍ତ୍ତମାନ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସହ ମେଣ୍ଟ କରି କଂଗ୍ରେସ ପୁଣିଥରେ ସରକାରରେ ଅଂଶୀଦାର ହୋଇଛି।



## ଜାତିସଂଘରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଲା ଭାରତ

■ ପାକିସ୍ତାନର ‘ଗଣସଂହାର ଇତିହାସ’କୁ ସ୍ମରଣ କରାଇଲା

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଜାତିସଂଘ ସୁରକ୍ଷା ପରିଷଦରେ ଜମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବା ପାକିସ୍ତାନକୁ ମହଙ୍ଗା ପଡ଼ିଛି। ସଶସ୍ତ୍ର ସଂଘର୍ଷରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ଚାଲିଥିବା ଏକ ଆଲୋଚନା ସମୟରେ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବା ପରେ ଭାରତ ଏହାର ତୀବ୍ର ବିରୋଧ କରିବା ସହ ପାକିସ୍ତାନର କଳା କାରନାମାକୁ ସାରା ବିଶ୍ୱ ସମ୍ମୁଖରେ ପଦାରେ ପକାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପାର୍ବଥାନେନୀ କହିଛନ୍ତି ଯେ, ଯେଉଁ ଦେଶର ଇତିହାସ ଗଣସଂହାର ଭଳି କଳଙ୍କିତ କାର୍ଯ୍ୟରେ ଭରି ରହିଛି, ସେ ଭାରତର ଆଭ୍ୟନ୍ତରୀଣ ମାମଲାରେ ମନ୍ତବ୍ୟ ଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏହି ଆଲୋଚନା ସମୟରେ ଭାରତ ପକ୍ଷରୁ ଚଳିତ ବର୍ଷ ରମଜାନ ମାସରେ ଆଫଗାନିସ୍ତାନର କାବୁଲରେ ଥିବା ଏକ ଚିକିତ୍ସାଳୟ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାରଷ୍ଟ୍ରାଇକ୍ ପ୍ରସଙ୍ଗ ଉଠାଯାଇଥିଲା। ଜାତିସଂଘର ତଥ୍ୟ ଅନୁସାରେ, ଏହି ଆକ୍ରମଣରେ ୨୬୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ ଏବଂ ୧୨୨ ଜଣ ଆହତ ହୋଇଥିଲେ। ହସ୍ପିଟାଲ କେବେ ବି ସାମରିକ ଲକ୍ଷ୍ୟ ହୋଇନପାରେ ବୋଲି ଦର୍ଶାଇ ଭାରତ ପାକିସ୍ତାନର ନିରୀହ ଲୋକଙ୍କ ଉପରେ ହେଉଥିବା ହିଂସାକୁ ନିନ୍ଦା କରିଛି। ଏଥିସହ ଭାରତ ୧୯୭୧ ମସିହାରେ ବାଂଲାଦେଶରେ ପାକିସ୍ତାନୀ ସେନା ଦ୍ୱାରା ଚାଲିଥିବା ‘ଅପରେସନ ସର୍ଚ୍ଚଲାଇଟ୍’ କଥା ମଧ୍ୟ ମନେ ପକାଇ ଦେଇଛି। ସେହି ସମୟରେ ପାକିସ୍ତାନୀ ସେନା ପ୍ରାୟ ୪ ଲକ୍ଷ ମହିଳାଙ୍କ ଉପରେ ବ୍ୟାପକ ଅତ୍ୟାଚାର ଓ ଗଣଦୁଷ୍କର୍ମ କରିଥିଲା। ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସବୁବେଳେ ହିଂସାର ଆଶ୍ରୟ ନେଇଥାଏ ବୋଲି ଭାରତ ଜାତିସଂଘରେ ସ୍ପଷ୍ଟ କରିଛି।

# ରୋବଟ୍ ସେନା ସହାୟତାରେ ଚୀନ୍‌ର ଚମତ୍କାର

### ୩୮ ମାସରେ ତିଆରି ହେଲା ବିଶ୍ୱର ସର୍ବବୃହତ୍ ରେଳ ଷ୍ଟେସନ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ମାତ୍ର ୩୮ ମାସର ସ୍ୱଳ୍ପ ଅବଧି ମଧ୍ୟରେ ଚୀନ୍ ତାର ଆଧୁନିକ ‘ରୋବଟ୍ ସେନା’ ବଳରେ ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ ‘ଚୋଙ୍ଗକିଙ୍ଗ୍ ଇଷ୍ଟ ରେଲୱେ ଷ୍ଟେସନ’ ନିର୍ମାଣ କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ ଶୈଳୀର ଏକ ଭିଡିଓକୁ ବିଶ୍ୱର ପ୍ରସିଦ୍ଧ ଶିଳ୍ପପତି ଏଲନ୍ ମସ୍କ ନିଜର ଏକ୍ସ (ଟ୍ୱିଟର) ଆକାଉଣ୍ଟରେ ପୁନଃପୋଷ୍ଟ କରିବା ପରେ ଏହାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ୧୯୬୦ ଦଶକରେ ମାଓ ଜେଡଙ୍ଗଙ୍କ ‘ଥାର୍ଡ ଫ୍ରଣ୍ଟ କ୍ୟାମ୍ପେନ’ ଅଧୀନରେ ଚୋଙ୍ଗକିଙ୍ଗ୍ ସହରର ବ୍ୟାପକ ଶିଳ୍ପାୟନ କରାଯାଇଥିଲା। ବୈଦେଶିକ ଆକ୍ରମଣରୁ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଶିଳ୍ପଗୁଡ଼ିକୁ ଦେଶର ଭିତର ଭାଗକୁ ସ୍ଥାନାନ୍ତର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜି ଏହି ସହର ବାର୍ଷିକ ୪୪୦ ବିଲିୟନ ଡଲାରରୁ ଅଧିକ ଜିଡିପି ସହ ଚୀନର ଏକ ପ୍ରମୁଖ ଆର୍ଥିକ ତଥା ଶିଳ୍ପ କେନ୍ଦ୍ର ଭାବେ ଉଭା ହୋଇଛି। ୧.୨୨ ନିୟୁତ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଷ୍ଟେସନରେ ୧୫ଟି ପ୍ଲାଟଫର୍ମ ଏବଂ ୨୯ଟି ଟ୍ରାକ୍ ରହିଛି। ବ୍ୟସ୍ତବହୁଳ ସମୟରେ ଏହା ପ୍ରତି ଘଣ୍ଟାରେ ୧୬, ୦୦୦ ଯାତ୍ରୀଙ୍କୁ ସେବା ଯୋଗାଇବାର କ୍ଷମତା ରଖେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଦୁର୍ଗମ ଭୂଭାଗ ସତ୍ତ୍ୱେ କାର୍ଯ୍ୟକୁ ସୂଚାରୁରୂପେ ଶେଷ କରିବା ପାଇଁ ଏଠାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଲାଇଡାର୍ ଏବଂ ୫ଜି ପ୍ରଯୁକ୍ତିସମ୍ପନ୍ନ ରୋବଟ୍ ବ୍ୟବହାର କରାଯାଇଥିଲା। ଲେଜର-ଗାଇଡେଡ୍ ରୋବଟ୍‌ଗୁଡ଼ିକ ମଣିଷ ତୁଳନାରେ ତିନି ଗୁଣ ଅଧିକ ବେଗରେ ଏବଂ ସୂକ୍ଷ୍ମ ଭାବେ କଂକ୍ରିଟ୍ ସମତଳ କରିଥିଲେ। ଅନ୍ୟପଟେ କାଚ ସଂଯୋଗ କରୁଥିବା ରୋବଟ୍‌ଗୁଡ଼ିକ ୮୦୦ କିଲୋଗ୍ରାମ ଓଜନର ପ୍ୟାନେଲକୁ ସୁରକ୍ଷିତ ଭାବେ ସ୍ଥାପନ କରିଥିଲେ। ରୋବଟ୍‌ର ବ୍ୟବହାର ଯୋଗୁଁ ଶ୍ରମିକ ଖର୍ଚ୍ଚ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇବା ସହ କାର୍ଯ୍ୟକ୍ଷମତା ତିନି ଗୁଣ ବୃଦ୍ଧି ପାଇଛି ଏବଂ ସୁରକ୍ଷାଜନିତ ଦୁର୍ଘଟଣା ୯୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଇଛି। ଏହି ନୂତନ ଷ୍ଟେସନ ଚୀନର ଦକ୍ଷିଣ-ପଶ୍ଚିମ ପ୍ରାନ୍ତକୁ ଦେଶର ୧୪ଟି ପ୍ରମୁଖ ସହର ସହ ହାଇ-ସ୍ପିଡ୍ ରେଳ ନେଟୱର୍କ ମାଧ୍ୟମରେ ଯୋଡୁଛି।



# ପରାଜୟ ସହ ସିଏସକେ'ର ଅଭିଯାନ ଶେଷ

ଅହମ୍ମଦାବାଦ, ୨୧।୫ (ଏଜେନ୍ସି): ରେକର୍ଡ ପାଞ୍ଚଥରର ଚାମ୍ପିଅନ ଚେନ୍ନଇ ସୁପର୍ କିଙ୍ଗ୍ସ (ସିଏସକେ) ପରାଜୟ ସହ ଚଳିତ ଆଇପିଏଲ୍‌ରେ ଅଭିଯାନ ଶେଷ କରିଛି। ସିଏସକେ ଏହାର ଅନ୍ତିମ ତଥା ୧୪ତମ ଲିଗ୍ ମ୍ୟାଚରେ ଗୁରୁବାର ୮୯ ରନରେ ଘରୋଇ ଗୁଜରାଟ ଟାଇଟାନ୍ସ ନିକଟରୁ ପରାସ୍ତ ହୋଇଥିଲା। ଏଥିସହ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱାଧୀନ ଚେନ୍ନଇ ୮ଟି ପରାଜୟ ଓ ୬ ବିଜୟ ସହ ୧୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ସହ ବିଦାୟ ନେଇଛି। ଅପରପକ୍ଷରେ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ଗୁଜରାଟ ୧୪ ମ୍ୟାଚରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ପ୍ରଦତ୍ତ ୨୩୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଚେନ୍ନଇ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନ ଇନିଂସର ପ୍ରଥମ ବଲରେ ମହମ୍ମଦ ସିରାଜଙ୍କ ଶିକାର ବନିଥିଲେ। ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ୭ ଓଭର ବେଳକୁ ୬୩ ରନରେ ଅଧା ବ୍ୟାଟରଙ୍କୁ ହରାଇଥିଲା। ତେବେ ମଧ୍ୟକ୍ରମରେ ଶିଭବ ଦୁବେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୧୭ ବଲରୁ ୪୭ ରନର ଦ୍ରୁତ ପାଳି ଖେଳି କିଛିଟା ଲଢ଼େଇ କରିଥିଲେ। କିନ୍ତୁ ଏହା ଯଥେଷ୍ଟ ହୋଇ ନ ଥିଲା। ୧୩.୪ ଓଭରବେଳକୁ ଚେନ୍ନଇ ୧୪୦ ରନରେ ସମସ୍ତ ୱିକେଟ୍ ହରାଇ ଶୋଚନୀୟ ପରାଜୟବରଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ମାଥ୍ୟୁ ସର୍ଟ ୨୪, ଅଧିନାୟକ ଋତୁରାଜ ଗାଏକୱାଡ଼ ୧୬, କାର୍ତ୍ତିକ ଶର୍ମା ୧୯, ଅଂଶୁଲ କାମ୍ବୋଜ ୧୯ ରନ କରିଥିବାବେଳେ ଉର୍ଭିଲ ପଟେଲ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଗୁଜରାଟ ପକ୍ଷରୁ ରଶିଦ ଖାନ (୩/୧୮), ମହମ୍ମଦ ସିରାଜ (୩/୨୬) ଓ କାଗିସୋ ରାବାଡା (୩/୩୨) ମିଳିତ ଭାବେ ୯ଟି ୱିକେଟ ବାଣ୍ଟି ନେଇଥିଲେ। କାର୍ତ୍ତିକ ରନ ଆଉଟ୍ ହୋଇଥିଲେ।



ପୂର୍ବରୁ ଟସ୍ ଜିତି ଚେନ୍ନଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଆଗ ଧାଡ଼ିର ୩ ବ୍ୟାଟର୍ ସାଇ ସୁଦର୍ଶନ (୫୩ ବଲରେ ୮୪ ରନ), ଅଧିନାୟକ ଶୁବମାନ ଗିଲ୍ (୩୭ ବଲରେ ୬୪ ରନ) ଓ ଜୋଶ ବଟଲର୍ (୨୭ ବଲରେ ଅପରାଜିତ ୫୭)ଙ୍କ ଅର୍ଦ୍ଧଶତକ ବଳରେ ୪ ୱିକେଟରେ ୨୨୯ ରନର ବିଶାଳ ସ୍କୋର ଠିଆ କରାଇଥିଲା।

## ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟାନ୍ସ: ୨୨୯/୪, ୨୦ ଓଭର (ସୁଦର୍ଶନ- ୮୪, ଗିଲ୍- ୬୪, ବଟଲର- ୫୭*, ସୁନ୍ଦର- ୭, ମୁକେଶ- ୧/୩୬, ଜନସନ- ୧/୪୭)।

ଚେନ୍ନଇ ସୁପର୍ କିଙ୍ଗ୍ସ: ୧୪୦/୧୦, ୧୩.୪ ଓଭର (ଦୁବେ- ୪୭, ସର୍ଟ- ୨୪, କାମ୍ବୋଜ- ୧୯, ଗାଏକୱାଡ- ୧୬, ସାମସନ- ୦, ଉର୍ଭିଲ- ୦, ବ୍ରେଭିସ- ୮, ସିରାଜ- ୩/୨୬, ରଶିଦ- ୩/୧୮, ରାବାଡା- ୩/୩୨)।

### ଆଜିର ଆଇପିଏଲ୍ ମ୍ୟାଚ୍

ହାଇଦରାବାଦ୍ ବନାମ ବେଙ୍ଗାଲୁରୁ

ଭେନ୍ୟୁ - ହାଇଦରାବାଦ୍

ଖେଳ ଆରମ୍ଭ : ରାତି ୭.୩୦

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦ .୦୧୧ |
| ଚେନ୍ନଇ (ଏ) | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଭାରତ-ଏ' ଦଳରେ ଅନୁକୂଳ ରୟ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଶ୍ରୀଲଙ୍କାରେ ଜୁନ୍ ୯ରୁ ୨୧ ଯାଏ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍ ଲାଗି ଭାରତ-ଏ' ଦଳରେ ଝାଡଖଣ୍ଡ ତଥା କେକେଆରର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅନୁକୂଳ ରୟଙ୍କୁ ସାମିଲ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ-ଏ, ଆଫଗାନିସ୍ତାନ-ଏ ଓ ଆୟୋଜକ ଶ୍ରୀଲଙ୍କା-ଏ' ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଡାମ୍ବୁଲାରେ ଖେଳାଯିବ। ଏହି ସିରିଜ୍ ଲାଗି ତିଳକ ବର୍ମାଙ୍କ ନେତୃତ୍ୱରେ ଗଠିତ ଭାରତ-ଏ ଦଳରେ ପ୍ରଥମେ ହର୍ଷ ଦୁବେଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ହର୍ଷ ଦୁବେଙ୍କୁ ପ୍ରଥମଥର ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଥିଲା। ଫଳରେ ତାଙ୍କ ସ୍ଥାନରେ ଅନୁକୂଳ ରୟଙ୍କୁ ଭାରତ-ଏ' ଦଳରେ ନିଆଯାଇଛି।

## ଫ୍ରେଞ୍ଚ ଓପନ: ସେମିରେ ଭେଟିପାରନ୍ତି ଗଫ୍-ସାବାଲେଙ୍କା

ପ୍ୟାରିସ୍,୨୧।୫(ଏଜେନ୍ସି): ଚଳିତବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ଆସନ୍ତା ୨୪ରୁ ଆରମ୍ଭ ହୋଇ ଜୁନ୍ ୭ରେ ଶେଷ ହେବ। କ୍ଲେ କୋର୍ଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଡ୍ର ଉଠାଣ ଆଜି ଅନୁଷ୍ଠିତ ହୋଇଛି। ଡ୍ର ଅନୁଯାୟୀ ଯଦି ସିଡେଡ ଖେଳାଳିମାନେ ବିଜୟ ଲାଭ କରନ୍ତି, ତେବେ ମହିଳା ଏକକ ସେମିରେ ଗଫ୍‌ଙ୍କ ସହ ସାବାଲେଙ୍କା ଓ କ୍ୱାର୍ଟର ଫାଇନାଲରେ ସ୍ୱିଆଟେକ୍‌ଙ୍କ ସହ ରିବାକିନାଙ୍କର ମୁକାବିଲା ହୋଇପାରେ। ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର କୋକୋ ଗଫ୍ ପ୍ରଥମ ରାଉଣ୍ଡରେ ନିଜ ଦେଶର ଟେଲର ଟାଉନ୍‌ସେଣ୍ଡଙ୍କୁ ଏବଂ ବିଶ୍ୱର ନଂ-୧ ଖେଳାଳି ତଥା ଗତବର୍ଷର ରନର୍ସ ଅପ୍ ଆରିନା ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଜେସିକା ବୌଜାସଙ୍କ ସହ ମୁକାବିଲା କରିବେ।

## କଳିଙ୍ଗରେ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୫ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା "ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ' ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ମେ ୫ରୁ ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବୟସ ବର୍ଗର ଶିଶୁ ଓ କିଶୋର ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଥମ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବର ମନୋଜ ଡାକୁଆ ଏବଂ ନାଇଜର  ଭୁବନେଶ୍ୱରର ସହକାରୀ ପ୍ରଫେସର ତଥା ଅଭିଜ୍ଞ ପର୍ବତାରୋହୀ ଚିତ୍ରଭାନୁ ଚୌଧୁରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଆଡଭେନଚର ଗେମ୍ସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଚ୍‌ପିସିଓ ସିଇଓ ତଥା ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ ସ୍ୱାଇଁ, ଅତିରିକ୍ତ କ୍ରୀଡ଼ା ସଚିବ ଅଶୋକ ପଣ୍ଡା, ଉପ-କ୍ରୀଡ଼ା ସଚିବ ଅମିତ କୁମାର ନାୟକ, କ୍ରୀଡ଼ା ବିଭାଗ ଓଏସଡି ଧୀରଜ ପଟ୍ଟନାୟକ, ଶାଶ୍ୱତ କୁମାର ରାଉତ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ଉଦଯାପନୀ ସମାରୋହରେ ଉପସ୍ଥିତ ରହିଥିଲେ।

## ମନୋରମା କ୍ଲବ୍ ୨୨-୦ ଗୋଲ୍‌ରେ ବିଜୟୀ

ଓଡ଼ିଶା ଓମେନ୍ସ ଲିଗ୍

ଭୁବନେଶ୍ୱର, ୨୧।୫ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ମନୋରମା କ୍ଲବ ବୃହତ୍ ବିଜୟ ହାସଲ କରିଛି। ଗୁରୁବାର ଭୁବନେଶ୍ୱର ଜୋନରେ ଅନୁଷ୍ଠିତ ମ୍ୟାଚରେ ମନୋରମା କ୍ଲବ ୨୨-୦ ଗୋଲ୍‌ରେ ଗଞ୍ଜାମ ଏକାଦଶକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସୁବାସିନୀ ଓରାମ ସର୍ବାଧିକ ୬ଟି, ପ୍ରିୟଙ୍କା କିଶାନ ୫ଟି ଓ ଅନିତା ନାୟକ ୪ଟି ଗୋଲ୍ ଦେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ତାରିଣୀ ଫୁଟବଲ୍ ଏକାଡେମୀ (କେନ୍ଦୁଝର) ୪-୦ ଗୋଲ୍‌ରେ ୟଙ୍ଗ ଆସୋସିଏସନ କ୍ଲବକୁ ପରାସ୍ତ କରିଛି।



## ମାଲେସିଆ ମାଷ୍ଟର୍ସ କ୍ୱାର୍ଟରରେ ଅସ୍ମିତା

କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି): ଭାରତର ଅସ୍ମିତା କାଳିହା ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେ ୨୧-୧୩, ୨୧-୧୬ରେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ମାତ୍ର ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା। କ୍ୱାର୍ଟର ଫାଇନାଲରେ ସେ ଡେନ୍‌ମାର୍କର ଲିନେ ହୋଜମାର୍କଙ୍କୁ ଭେଟିବେ। ଅନ୍ୟ ଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଲିନେ ୧୬-୨୧, ୨୧-୮, ୨୧-୧୫ରେ ଭାରତର ମାଳବିକା ବନ୍‌ସୋଦଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଥିଲେ। ଏହି ମ୍ୟାଚ୍‌ଟି ୫୯ତମ ମିନିଟ୍‌ରେ ଶେଷ ହୋଇଥିଲା। ମାଳବିକା ହାରିଯିବା ପରେ ଅସ୍ମିତା ଏକମାତ୍ର ଭାରତୀୟ ଖେଳାଳି ଭାବେ ମାଲେସିଆ ମାଷ୍ଟର୍ସରେ ତିଷ୍ଠି ରହିଛନ୍ତି।



■ ଜୁନିଅର ପୁରୁଷ ଏସିଆ କପ୍ ହକି

## କେତନଙ୍କୁ ନେତୃତ୍ୱ; ଅର୍ମାନ ଏକମାତ୍ର ଓଡ଼ିଆ

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଆଗାମୀ ୧୮ ବର୍ଷରୁ କମ୍ ଜୁନିଅର ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଫରୱାର୍ଡ କେତନ କୁଶୱାହଙ୍କୁ ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ଡିଫେଣ୍ଡର ଅର୍ମାନ ସୋରେଙ୍ଗଙ୍କୁ ସ୍ଥାନ ମିଳିଛି। ଜାପାନର କାକାମିଘରଠାରେ ମେ ୨୯ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବ। ମୁଖ୍ୟକୋଚ୍ ସର୍ଦ୍ଦାର ସିଂହଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଭୋପାଳସ୍ଥିତ ସାଇ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଏସିଆ କପ୍ ଲାଗି ଦଳ ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଆୟୋଜକ ଜାପାନ, ଦକ୍ଷିଣ କୋରିଆ, ଚାଇନିଜ ତାଇପେଇ ଓ କାଜାଖସ୍ତାନ ସହ ସ୍ଥାନ ପାଇଛି। ସେହିଭଳି ପୁଲ-ବି'ରେ ଚାଇନା, ପାକିସ୍ତାନ, ମାଲେସିଆ ଓ ବାଂଲାଦେଶ ରହିଛି। ପୁଲ୍ ପର୍ଯ୍ୟାୟରେ ପ୍ରତିଦଳ ପରସ୍ପର ସହ ଥରେ ଲେଖାଏ ଖେଳିବ। ଏହାପରେ ପ୍ରତି ପୁଲ୍‌ର ଶ୍ରେଷ୍ଠ-୨ଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ମେ ୨୯ ତାରିଖରେ କାଜାଖସ୍ତାନ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ମେ ୩୧ରେ ଜାପାନ, ଜୁନ ୧ରେ ଦକ୍ଷିଣ କୋରିଆ ଓ ଜୁନ ୩ରେ ଚାଇନିଜ ତାଇପେଇ'କୁ ଭେଟିବ।


ଅର୍ମାନ ସୋରେଙ୍ଗ

## ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ

ଭୁବନେଶ୍ୱର, ୨୧।୫ (ସମିସ): ଭାରତୀୟ ଜୁନିଅର ଫୁଟ୍‌ବଲ ଦଳର ପୂର୍ବତନ ଗୋଲ୍‌କିପର ଇମ୍ରାନ ଖାନଙ୍କ ପରଲୋକ ଘଟିଛି। ଇମ୍ରାନ ତାଙ୍କ କ୍ୟାରିୟରରେ କୋଲକାତାର କିଛି ପ୍ରମୁଖ କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଇମ୍ରାନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।



## ଇଷ୍ଟ ବେଙ୍ଗଲକୁ ସ୍ମରଣୀୟ ଆଇଏସଏଲ୍ ଟାଇଟଲ୍

କୋଲକାତା, ୨୧।୫ (ଏଜେନ୍ସି): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଆଇଏସଏଲ୍ ଇତିହାସରେ ଇଷ୍ଟ ବେଙ୍ଗଲ ପ୍ରଥମଥର ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଗୁରୁବାର ଇଷ୍ଟ ବେଙ୍ଗଲ ଏହାର ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ୨-୧ ଗୋଲ୍‌ରେ ଇଣ୍ଟର କାଶୀକୁ ପରାସ୍ତ କରିଥିଲା। ଏଥିସହ ସିଜନରେ ୧୩ଟି ମ୍ୟାଚ ଖେଳି ୭ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହ ୨୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଦଖଲ କରିଛି। ମୋହନବାଗାନ ସମାନ ୨୬ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଇଷ୍ଟ ବେଙ୍ଗଲଠାରୁ ୫ଟି ଗୋଲ୍ କମ୍ ଦେଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛି।

## ଡେଭ୍ କଜିନ୍ସ ଭାରତର ତୀରନ୍ଦାଜୀ କୋଚ୍

କୋଲକାତା,୨୧।୫(ଏଜେନ୍ସି): ପୂର୍ବତନ ବିଶ୍ୱ ଚାମ୍ପିଅନ ଆମେରିକାର ଡେଭ୍ କଜିନ୍ସଙ୍କୁ ଭାରତର ନୂଆ କମ୍ପାଉଣ୍ଡ ତୀରନ୍ଦାଜୀର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ କମ୍ପାଉଣ୍ଡ ତୀରନ୍ଦାଜୀକୁ ପ୍ରଥମଥର ସାମିଲ କରାଯାଇଛି। ଯାହା ଫଳରେ ଡେଭ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତାମାସ ଆଣ୍ଟାଲ୍ୟାରେ ଷ୍ଟେଜ୍-୩ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଡେଭ୍ ଯୋଗଦେଇଥିବାରୁ ଭାରତକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ରିକର୍ଭ ଟିମ୍ ଲାଗି କାହାରିକୁ ନିଯୁକ୍ତି ଦିଆଯାଇନାହିଁ।

## ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ଏବେ ମିଳିବ ୮ କୋଟି

ପଶ୍ଚିମବଙ୍ଗ ସରକାରଙ୍କ ବଡ଼ ଘୋଷଣା

କୋଲକାତା, ୨୧।୫ (ଏଜେନ୍ସି): ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ରାଜ୍ୟରେ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ନୀତିରେ ଏକ ବଡ଼ ସଂଶୋଧନ କରିଛନ୍ତି। ଫଳରେ ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ବିଜେତା ଏବେ ଆଖିଦୃଶିଆ ପ୍ରୋତ୍ସାହନ ରାଶି ପାଇବେ। ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ନିଶିଥ ପ୍ରମାଣିକ ଘୋଷଣା କରିଛନ୍ତି, ଏବେ ରାଜ୍ୟର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୮ କୋଟି ଟଙ୍କା ପୁରସ୍କାର ରାଶି ଦିଆଯିବ। ପୂର୍ବରୁ ମମତା ବାନାର୍ଜୀଙ୍କ ସରକାରରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ବେଙ୍ଗଲ କ୍ରୀଡ଼ାବିତଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏବେ ଯଥାକ୍ରମେ ୬ ଓ ୪ କୋଟି ଟଙ୍କା ଦିଆଯିବ। ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏଣିକି ଯଥାକ୍ରମେ ୫, ୪ ଓ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିଭଳି ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ୨, ୧.୫ ଓ ଏକ କୋଟି ଟଙ୍କା ମିଳିବ। ଏହାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି ରାଶି ଯଥାକ୍ରମେ ଦେଢ଼ କୋଟି, ୭୫ ଲକ୍ଷ ଓ ୫୦ ଲକ୍ଷ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS